ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
11 JUNE 2026

ଗୁରୁବାର
୧୧ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 12 • ISSUE 11 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୨ • ସଂଖ୍ୟା ୧୧ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

‘ରଜ’ ପାଇଁ ସୋମବାର ଖୋଲିବ ‘ନନ୍ଦନକାନନ’

ଭୁବନେଶ୍ୱର,୧୦।୬/ଏନ୍ଏନ୍ଏସ୍:

ଓଡ଼ିଶାର ଗଣପର୍ବ ‘ରଜ’ ଉପଲକ୍ଷେ ପର୍ଯ୍ୟଟକ ଏବଂ ପ୍ରାଣୀପ୍ରେମୀଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି । ରଜ ମହୋତ୍ସବ ପାଇଁ ଆସନ୍ତା ସୋମବାର ଦିନ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ବଟାନିକାଲ ଗାର୍ଡେନ ସାଧାରଣ ଜନତାଙ୍କ ପାଇଁ ଖୋଲା ରହିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି । ସାଧାରଣତଃ ପ୍ରତି ସପ୍ତାହର ସୋମବାର ଦିନ ବନ୍ୟଜନ୍ତୁଙ୍କ ବିଶ୍ରାମ ଏବଂ ଚିଡ଼ିଆଖାନାର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ନନ୍ଦନକାନନ ବନ୍ଦ ରହିଥାଏ । ମାତ୍ର ଚଳିତ ବର୍ଷ ରଜ ପର୍ବର ତୃତୀୟ ଦିନ (ଭୂମି ଦହନ) ସୋମବାର ପଡୁଥିବାରୁ, ଏହି ଛୁଟିଦିନରେ ପର୍ଯ୍ୟଟକମାନେ ଯେପରି ରଜର ମଜା ନେଇପାରିବେ ସେଥିପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଅନ୍ତର୍ଗତ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । କିନ୍ତୁ ତା’ପର ଦିନ ଅର୍ଥାତ୍ ୧୬.୦୬.୨୬ (ମଙ୍ଗଳବାର) ଦିନ ନନ୍ଦନକାନନ ବନ୍ଦ ରହିବ । ରଜ ଛୁଟି ଯୋଗୁଁ ଚିଡ଼ିଆଖାନାରେ ▶▶ ୫

ପତିତପାବନ ଓ ଆନନ୍ଦବଜାରକୁ ଟ୍ରେଡ୍‌ମାର୍କ ସ୍ୱୀକୃତି

ପୁରୀ,୧୦।୬/ଏନ୍ଏନ୍ଏସ୍:

“ନୀଳଚକ୍ର” ଲୋଗୋ ମଧ୍ୟ ପଞ୍ଜୀକୃତ

ଆହୁରି ୨୬ ଆବେଦନ ଇଣ୍ଡିଆ ଟ୍ରେଡ୍‌ମାର୍କ ରେଜେଷ୍ଟ୍ରି ପାଖରେ ବିଚାରାଧୀନ

ଶ୍ରୀଜଗନ୍ନାଥ ମନ୍ଦିରର “ପତିତପାବନ ଓ ଆନନ୍ଦବଜାର” ନାମକୁ ବୁଧବାର ମିଳିଛି ଟ୍ରେଡ୍‌ମାର୍କ ସ୍ୱୀକୃତି । ଏହାଛଡା “ନୀଳଚକ୍ର” ଲୋଗୋ ମଧ୍ୟ ପଞ୍ଜୀକୃତ ହୋଇଛି । ଆଉ ୨୬ଗୋଟି ଦରଖାସ୍ତ ଇଣ୍ଡିଆ ଟ୍ରେଡମାର୍କ ରେଜେଷ୍ଟ୍ରି ପାଖରେ ବିଚାରାଧୀନ ରହିଛି । ସେଗୁଡ଼ିକ ଖୁବଶୀଘ୍ର ଅନୁମୋଦନ ଲାଭ କରିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ, ପତିତପାବନ, ନୀଳଚକ୍ର ସମେତ ୨୯ ଗୋଟି ନାମର ଟ୍ରେଡ୍‌ମାର୍କ ପଞ୍ଜୀକରଣ ପାଇଁ ଦରଖାସ୍ତ କରାଯାଇଥିଲା । ସେଥିରୁ ତିନି ନାମକୁ ଆଇନଗତ ସ୍ୱୀକୃତି ମିଳିଛି । ଏହିସବୁ ନାମଗୁଡ଼ିକ ଶ୍ରୀ ଜଗନ୍ନାଥ ସଂସ୍କୃତିର ଐକ୍ୟ, ଐତିହ୍ୟ, ଆଧ୍ୟାତ୍ମିକତା ଓ ସ୍ୱତନ୍ତ୍ରତା ବହନ କରୁଛି । ତେବେ କେତେକ ସଂସ୍ଥା ଏହିସବୁ ନାମଗୁଡ଼ିକୁ ଅନଧିକାର ଭାବେ ବ୍ୟବହାର କରିବା ସହ ଜଗନ୍ନାଥ ପ୍ରେମୀଙ୍କୁ ଭ୍ରମିତ କରୁଥିବା ଅଭିଯୋଗ ହୋଇଛି । ତେଣୁ ଶ୍ରୀମନ୍ଦିର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବା ଶବ୍ଦ ▶▶ ୫

ଶାଶୁ, ଶ୍ୱଶୁରଙ୍କୁ ନିଆଁ ଲଗାଇଦେଲା ମଦ୍ୟପ ଜ୍ୱାଇଁ

ମୋରଡା(ବାରିପଦା),୧୦।୬/ଏନ୍ଏନ୍ଏସ୍:

ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧିନ ନାଉପଦା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଏଠାରେ ଜଣେ ମଦ୍ୟପ ଜ୍ୱାଇଁ ନିଜ ଶ୍ୱଶୁର ଓ ଶାଶୁଙ୍କୁ ପେଟ୍ରୋଲ ଢ଼ାଳି ପୋଡି ମାରିଦେବାକୁ ଉଦ୍ୟମ କରିଛି । ରିପୋର୍ଟ ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଅଭିଯୁକ୍ତ ଜ୍ୱାଇଁ ସେକ୍ ସବୀର, ନିଶାସକ୍ତ ଅବସ୍ଥାରେ ବିଳମ୍ବିତ ରାତିରେ ନିଜ ଶ୍ୱଶୁର ଘରକୁ ଆସିଥିଲା । ରାତିରେ ସମସ୍ତେ ଶୋଇଥିବା ବେଳେ ସେ ସେମାନଙ୍କ ଉପରେ ପେଟ୍ରୋଲ ଢ଼ାଳି ଏଭଳି ନାରକୀୟ କାଣ୍ଡ ଘଟାଇଛି । ଗୁରୁତର ଆହତ ହୋଇଥିବା ଶାଶୁ ଓ ଶ୍ୱଶୁର ହେଲେ ନାଉପଦା ଗାଁର ଶୁହାନା ଦିଦି ଓ ଶେକ୍ ହାରୁନ ଅଲ୍ଲୀ । ଏମାନଙ୍କ ଚିତ୍କାର ଶୁଣି ପାଖ ପଡୋଶୀ ସେମାନଙ୍କୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ । ଶୁଳିଆପଦା ପୁଲିସ ଗୁରୁତର ଅବସ୍ଥାରେ ଶାଶୁ ଓ ଶ୍ୱଶୁରଙ୍କୁ ପିଆରଏମ୍ ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି । ଉଭୟ ▶▶ ୫

୧୯ରେ ନିଜ ମାଟିରେ ପାଦ ଦେବେ ରାଷ୍ଟ୍ରପତି

୨୦ରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ରାଇରଙ୍ଗପୁର,୧୦।୬/ଏନ୍ଏନ୍ଏସ୍:

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜୁନ୍ ୧୯ ଏବଂ ଜୁନ୍ ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେମାନେ ମୁଖ୍ୟତଃ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ପାଇଁ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଯାତ୍ରା କରିବେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ, ଜୁନ୍ ୧୯ରେ ଓଡ଼ିଶା ଆସିବେ । ଏକ ସ୍ୱତନ୍ତ୍ର ବିମାନ ମାଧ୍ୟମରେ ଭୁବନେଶ୍ୱର ଆସି ପହଞ୍ଚିବେ ଏବଂ ପରେ ହେଲିକପ୍ଟର ଯୋଗେ ସ୍ଥାନୀୟ

- **ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି**
- **ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ତଥା ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥିରୀକୃତ**
- **ସଜେଇ ହୋଇଛି ରାଇରଙ୍ଗପୁର, ଚମକୁଛି ପାହାଡ଼ପୁର**

କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାଇରଙ୍ଗପୁର ଯାତ୍ରା କରିବେ । ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ମୋଦୀ ଜୁନ୍ ୨୦ରେ ରାଜ୍ୟର ବାର୍ଷିକୀ ଉତ୍ସବରେ ଯୋଗଦେବା ପାଇଁ ଏଠାରେ ଆସି ପହଞ୍ଚିବେ । ୨୦ ତାରିଖରେ ଆୟୋଜନ ହେବାକୁ ଥିବା ଏକ ବିଶାଳ ଜନ ସମାବେଶରେ ଉଭୟ ନେତା ଅଂଶଗ୍ରହଣ କରିବେ, ଶିଳାନ୍ୟାସ କରିବେ ଏବଂ ଏହି ଅଞ୍ଚଳ ପାଇଁ ଅନେକ ପ୍ରମୁଖ ଭିତ୍ତିଭୂମି ଏବଂ କଲ୍ୟାଣକାରୀ ପ୍ରକଳ୍ପ ଉଦ୍‌ଘାଟନ କରିବେ ।

ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଏହି ମୟୂରଭଞ୍ଜ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଓଡ଼ିଶା ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆ । ଦେଶର ଦୁଇ ପ୍ରମୁଖ ନେତାଙ୍କ ଓଡ଼ିଶା ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ନିର୍ବିଘ୍ନ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଡିଜିପି ଭିଭିଆଇପିଙ୍କ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି ଜିମ୍ମା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନସମାଗମ ହେବାର ସମ୍ଭାବନା ଥିବାରୁ ସମସ୍ତ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବାକୁ, ଟ୍ରାଫିକ୍ ନିୟନ୍ତ୍ରଣକୁ ସର୍ବୋତ୍ତମ କରିବାକୁ, ହେଲିପ୍ୟାଡ୍, ସଭାସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକ୍ରମ ସ୍ଥଳକୁ ‘ନୋ ଡ୍ରୋନ୍ ଜୋନ୍’ ଓ ‘ନୋ ଫ୍ଲାଇଙ୍ଗ ଜୋନ୍’ ଘୋଷଣା କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଭିଡ଼ ନିୟନ୍ତ୍ରଣ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏସଓଜି, ଷ୍ଟ୍ରାଇକିଂ ଫୋର୍ସ ଓ କେ-୯ ସ୍ପେଶାଲ ସ୍କ୍ୱାଡ୍ ନିୟୋଜିତ କରାଯିବ । ସେହିପରି ସମଗ୍ର ଅଞ୍ଚଳର ନିରୀକ୍ଷଣ ପାଇଁ ଅତିରିକ୍ତ ସିସିଟିଭି କ୍ୟାମେରା ଏବଂ ▶▶ ୫

ମୋଦୀଙ୍କ ୧୨ ବର୍ଷର ଶାସନକାଳ ପୂର୍ତ୍ତି : କେନ୍ଦ୍ରୀୟ କ୍ୟାବିନେଟ୍ ବୈଠକରେ ଉଚ୍ଚ ପ୍ରଶଂସା

‘କଂଗ୍ରେସ ବିଫଳତାର କଳଙ୍କ ହିନ୍ଦୁଙ୍କ ଉପରେ ଲଗାଇଛି’

ନୂଆଦିଲ୍ଲୀ,୧୦।୬/ଏଜେନ୍ସି:

ବିଶ୍ୱର ଅଧିକାଂଶ ରାଷ୍ଟ୍ର ପକ୍ଷରୁ ଛୁଟୁଛି ଶୁଭେଚ୍ଛା ବାର୍ତ୍ତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁଠୁ ଲମ୍ବା ସମୟ ପର୍ଯ୍ୟନ୍ତ ଲଗାତାର ସେବା ପ୍ରଦାନ କରିବାରେ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ୨୦୧୪ ମେ’ ୨୬ ତାରିଖରେ ପ୍ରଥମ ଥର ପ୍ରଧାନମନ୍ତ୍ରୀ ପଦର ଶପଥ ନେଇଥିବା ବେଳେ ଏବେ ତାଙ୍କର ତୃତୀୟ କାର୍ଯ୍ୟକାଳ ଚାଲିଛି । ସେ ଲଗାତାର ୪,୩୯୯ ଦିନ ପୂରା କରି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଜବାହରଲାଲ ନେହରୁଙ୍କୁ ୪,୩୯୮ ଦିନର ରେକର୍ଡ ଭଙ୍ଗ କରିଛନ୍ତି । ଏହି ଅବସରରେ ଭାରତ ମଣ୍ଡପମ୍‌ରେ ଆୟୋଜିତ ଏନ୍‌ଡିଏ ମେଣ୍ଟର ବୈଠକରେ ତାଙ୍କର ସମ୍ମାନ କରାଯାଇଛି ।

ବୈଠକକୁ ସମ୍ବୋଧିତ କରି ମୋଦୀ କହିଛନ୍ତି, ‘୧୨ ବର୍ଷରେ ଦେଶ କଂଗ୍ରେସର କୁଚକ୍ରରୁ ସ୍ୱାଧୀନ ହୋଇଛି । ଏହି କୁସଂସ୍କୃତିର ନାମ କଂଗ୍ରେସର ଗ୍ରୋଥ୍ ରେଟ୍ ଥିଲା । ଏଥିରେ ନା ଗଭର୍ଣ୍ଣେନ୍ସ ଥିଲା, ନା ନୀତି, ନା ନୀୟତ ଏବଂ ନା ନିର୍ଣ୍ଣୟ । ବିଫଳତା କଂଗ୍ରେସର ଥିବାବେଳେ କଳଙ୍କ ହିନ୍ଦୁ ସମାଜ ଉପରେ ଲଗାଯାଇଥିଲା ।’ ପ୍ରଧାନମନ୍ତ୍ରୀ କହିଛନ୍ତି, ‘ଆମ ପାଇଁ ଦଳଠାରୁ ଦେଶ ସର୍ବଦା ବଡ଼ ହୋଇ ରହିଛି । ଆମେ ନେସନ୍ ଫାର୍ଷ୍ଟର ଭାବନାରେ କାମ କରୁଛି । ଭାରତକୁ କେବଳ ବିଶ୍ୱର ସମକକ୍ଷ ନୁହେଁ, ବରଂ ତା’ଠାରୁ ଗୋଟିଏ ପାଦ ଆଗରେ ରହିବାର ଅଛି । ସେ ଦିନ ଦୂରେ ନୁହେଁ, ଯେତେବେଳେ ଆମେ ମେଡ୍ ଇନ୍ ଇଣ୍ଡିଆ ମଧ୍ୟ ନିର୍ମାଣ କରିବା ।’

ମୋଦୀ ନିଜ ସମ୍ବୋଧନରେ କହିଛନ୍ତି ୨୦୧୪ରେ ଜନତା କଂଗ୍ରେସଠାରୁ ନିରାଶ ହୋଇ ଏନ୍‌ଡିଏ ଉପରେ ଭରସା କରିଥିଲେ । ଗତ ୧୨ ବର୍ଷରେ ଏନ୍‌ଡିଲ ସେହି ବିଶ୍ୱାକୁ ଆହୁରି ଶକ୍ତିଶାଳୀ କରିଛି । ସରକାରଙ୍କ ନୀତି କାରଣରୁ ୨୫ କୋଟି ଲୋକ ଗରିବରୁ ମୁକ୍ତ ହୋଇଛନ୍ତି । ଯେଉଁମାନେ ପ୍ରଥମେ ଗରିବ ଥିଲେ ସେମାନେ ଏବେ ମଧ୍ୟବର୍ତ୍ତୀ ଶ୍ରେଣୀର ଅଂଶବିଶେଷ ହୋଇଛନ୍ତି । ମଧ୍ୟବର୍ତ୍ତୀ ଶ୍ରେଣୀ ଏବେ ନୂଆ ମଧ୍ୟବର୍ତ୍ତୀ ଶ୍ରେଣୀରେ ସାମିଲ । ୨୦୧୪ରେ ଦେଶରେ ଥିବା ୭୪ ବିମାନ ବନ୍ଦର ବୃଦ୍ଧି ପାଇ ଏବେ ୧୬୦ରୁ ଅଧିକ ହୋଇଛି । ଏକ୍ସପ୍ରେସ୍ ୱେ ୧୦୦୦ କିମିରୁ ବଢ଼ି ୬୬୦୦ କିମିଳି ଏବଂ ମେଟ୍ରୋ ନେଟ୍‌ୱର୍କ ୫ ସହରରୁ ୨୦ ସହରରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଟାର୍ଗେଟ୍ କରି କହିଛନ୍ତି, ଦଶକ ପର୍ଯ୍ୟନନ୍ତ ବିକାଶର ଗତି ମନ୍ଥୀ ରହିଥିବା ବେଳେ ଏନ୍‌ଡିଏ ନୂଆ ଚିନ୍ତାଧାରା ଏବଂ ନିଷ୍ପତ୍ତି ଜରିଆରେ ଦ୍ରୁତ ବିକାଶକୁ ସମ୍ଭବ କରିଛି । ଆମକୁ ବିଶ୍ୱ ସହ ସମକକ୍ଷ ନୁହେଁ, ଆହୁରି ଗୋଟିଏ ପାଦ ଆଗକୁ ବଢ଼ିବାର ଅଛି । ଗ୍ରୀନ୍ ଏନର୍ଜି, ନ୍ୟୁକ୍ଲିୟର୍ ଏନର୍ଜି, ଡାଟା ସେଣ୍ଟର୍, ମେଡ୍ ଇନ୍ ଇଣ୍ଡିଆ ଜାହାଜ ଏବଂ ବିମାନ ପରି କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଉଛି ।

ଏନ୍‌ଡିଏ ସରକାର ୧୨ ବର୍ଷ ପୂର୍ତ୍ତି ଅବସରରେ ଭାରତ ମଣ୍ଡପମ୍‌ରେ ହୋଇଥିବା ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ କାର୍ଯ୍ୟକାଳର ପ୍ରଶଂସା କରିବା ସହିତ ଏକ ଅଭିନନ୍ଦନ ପ୍ରସ୍ତାବ ପାସ୍ ହୋଇଛି । ପ୍ରସ୍ତାବ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଆଗତ କରିଥିବା ବେଳେ ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିୟୁ ରିୟୋ ଏହାର ସମର୍ଥନ କରିଥିଲେ । ବୈଠକରେ ବିଜେପି-ଏନ୍‌ଡିଏ ଶାସିତ ୨୨ ରାଜ୍ୟ ଏବଂ ▶▶ ୫

ସୋନ ନଦୀରେ ଗାଧୋଇବା ବେଳେ ଅଘଟଣ

ପାଣିରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ

ବାଲେଶ୍ୱର,୧୦।୬/ଏନ୍ଏନ୍ଏସ୍:

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧୀନ ରାଧାକିଶୋରପୁର ପଞ୍ଚାୟତ ଦେଇ ପ୍ରବାହିତ ସୋନ ନଦୀରେ ଗାଧୋଇବା ସମୟରେ ଏକ ଶୋଚନୀୟ ଅଘଟଣ ଘଟିଯାଇଛି । ନଦୀ ପାଣିରେ ବୁଡ଼ି ଦୁଇ ଜଣ ନାବାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନାବାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମୃତ ଦୁଇ ନାବାଳକ ହେଲେ ନୀଳଗିରି ଥାନା ଅଧୀନସ୍ଥ ରାଧାକିଶୋରପୁର ପଞ୍ଚାୟତ ଅନ୍ତର୍ଗତ ପୁନ୍ଦାଳ ଗାଁର ଲକ୍ଷ୍ମୀଧର ମହାଳିକଙ୍କ ସାନପୁଅ ଆକାଶ ମହାଳିକ (୧୨) ଏବଂ ସେହି ଗାଁର ପ୍ରଦୀପ ବେହେରାଙ୍କ ପୁତ୍ର କାର୍ତ୍ତିକ ବେହେରା (୧୨) । ତେବେ ଲକ୍ଷ୍ମୀଧରଙ୍କ ବଡ଼ପୁଅ ଦୀପକ ମହାଳିକ ଏହି ବଡ଼ ବିପତ୍ତିରୁ ରକ୍ଷା ପାଇଯାଇଛନ୍ତି । ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୨ଟା ସମୟରେ ଦୀପକ ଏବଂ ତାଙ୍କ ସାନଭାଇ ଆକାଶଙ୍କ ସହିତ ଗାଁର କାର୍ତ୍ତିକ ବେହେରା ଗାଁ ନିକଟ ଦେଇ ବହିଯାଉଥିବା ସୋନ ନଦୀର ମନ୍ଦିରଘାଟକୁ ଗାଧୋଇବା ପାଇଁ ଯାଇଥିଲେ । ନଦୀରେ ଗାଧୋଇବା ବେଳେ ଅସାବଧାନତା ବଶତଃ ପ୍ରଥମେ ଆକାଶ ଗଭୀର ପାଣି ଭିତରକୁ ଚାଲିଯାଇ ବୁଡ଼ିବାକୁ ଲାଗିଥିଲା । ତାହାକୁ ବୁଡ଼ିଯାଉଥିବାର ଦେଖି ସାଥୀରେ ଥିବା କାର୍ତ୍ତିକ ତାକୁ ସେହି ବିପଦରୁ ଉଦ୍ଧାର କରିବାକୁ ଆପ୍ରାଣ ଚେଷ୍ଟା କରିଥିଲା । ମାତ୍ର ଦୁର୍ଭାଗ୍ୟବଶତଃ ଦୁଇଜଣଯାକ ▶▶ ୫

ହେଲିକପ୍ଟର ଦୁର୍ଘଟଣାରେ ୨୧ ପାକ୍ ସୈନିକ ମୃତ

ମୁଜାଫରାବାଦ(ପିଓକେ),୧୦।୬/ଏଜେନ୍ସି:

ପାକିସ୍ତାନ ସେନାର ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ସାମ୍ନାକୁ ଆସିଛି । ପାକିସ୍ତାନ ସେନା ଆଭିଏସନ୍‌ର ଏକ ଏମ୍‌ଆଇ-୧୭ ହେଲିକପ୍ଟର ଉଡ଼ାଣ ଆରମ୍ଭ କରିବା ସମୟରେ ମୁଜାଫରାବାଦ ନିକଟରେ ଦୁର୍ଘଟଣାର ଶିକାର ହୋଇଛି । ଏହି ଦୁର୍ଘଟଣାରେ ହେଲିକପ୍ଟରରେ ଥିବା ସମସ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି । ପାକିସ୍ତାନ ସେନାର ମିଡିଆ ଉଇଙ୍ଗ୍ ‘ଇଣ୍ଟର-ସର୍ଭିସେସ୍ ପବ୍ଲିକ ରିଲେସନ୍ସ’ ପକ୍ଷରୁ ଏହି ଦୁର୍ଘଟଣା ସମ୍ପର୍କରେ ଆଧିକାରିକ ସୂଚନା ଦିଆଯାଇଛି । ଆଇଏସ୍‌ପିଆର’ ସୂଚନା ଅନୁଯାୟୀ, ହେଲିକପ୍ଟରଟି ଉଡ଼ାଣ ଭରିବାର କିଛି ସମୟ ମଧ୍ୟରେ ଏକ ଗମ୍ଭୀର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା, ଯାହାଫଳରେ ଏହା ନିୟନ୍ତ୍ରଣ ହରାଇ ଭୂପତିତ ହୋଇଥିଲା । ତେବେ ଏହି ଦୁର୍ଘଟଣାରେ ହେଲିକପ୍ଟରରେ ଥିବା ସମସ୍ତ ସେନା କର୍ମଚାରୀ ମୃତ୍ୟୁବରଣ କରିଥିବା କୁହାଯାଇଥିଲେ ମଧ୍ୟ ବାସ୍ତବିକ ମୃତକଙ୍କ ସଂଖ୍ୟା ସମ୍ପର୍କରେ ପାକ୍ ସେନା ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ । ତଥାପି ୨୧ରୁ ଊର୍ଦ୍ଧ୍ୱ ପାକ୍ ସୈନିକ ଏଥିରେ ଥିବା ଅନୁମାନ କରାଯାଉଛି । ଏମାନେ ଆଫଗାନିସ୍ତାନରେ ଏକ ସାମରିକ ଅଭିଯାନ କରିବାକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି । ତେବେ ଦୁର୍ଘଟଣା ପରେ ତୁରନ୍ତ ସେନା ଏବଂ ସ୍ଥାନୀୟ ପ୍ରଶାସନର ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଦୁର୍ଘଟଣାର ପ୍ରକୃତ କାରଣ ଏବଂ କେଉଁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ଘଟଣା ଘଟିଲା, ତାହାର ଯାଞ୍ଚ ପାଇଁ ପାକିସ୍ତାନ ସେନା ପକ୍ଷରୁ ଏକ ବୋର୍ଡ ଅଫ୍ ଇନକ୍ୱାରୀ ଗଠନ କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷେ ପାକିସ୍ତାନର ସେନା ମୁଖ୍ୟ ଆସିମ ମୁନୀର ଏବଂ ସେନାର ସମସ୍ତ ସଦସ୍ୟ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସୈନିକମାନଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏହାସହ ପାକିସ୍ତାନର ରାଷ୍ଟ୍ରପତି ଆସିଫ ଅଲି ଜରଦାରୀ ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ।

ସୁଧାଂଶୁ ଶେଖର ବଡ଼ପଣ୍ଡା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ସଦସ୍ୟ

ଭୁବନେଶ୍ୱର,୧୦।୬/ଏନ୍ଏନ୍ଏସ୍:

ସୁଧାଂଶୁ ଶେଖର ବଡ଼ପଣ୍ଡା ଆଜି ଭୁବନେଶ୍ୱରସ୍ଥିତ ଓଇଆରସିର ଶୁଣାଣି ପ୍ରକୋଷ୍ଠରେ ଆୟୋଜିତ ଏକ ସମାରୋହରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି । ଶକ୍ତି ବିଭାଗର ଅତିରିକ୍ତ ମୁଖ

‘ସମାଧାନ ସମାରୋହ - ୨୦୨୬’

ସ୍ୱତନ୍ତ୍ର ଲୋକ ଅଦାଲତ ପାଇଁ ଆବେଦନ

କଟକ,୧୦।୬/ଏନ୍ଏନ୍ଏସ୍: ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆସନ୍ତା ଜୁନ ୨୧,୨୨,୨୩ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରକ୍ରିୟାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରେ ବିଚାରଧୀନ ଥିବା ପାରିବାରିକ, ବିବାହ,ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଧନାଦେଶ ଅଗ୍ରାହ୍ୟ (ଚେକ୍ ବାଉନ୍ସ) ମାମଲା,ଶ୍ରମ ବିବାଦ , ଭୂ – ଅଧିଗ୍ରହଣ ଜନିତ ମାମଲା ରଫାଯୋଗ୍ୟ ଫୌଜଦାରୀ ମାମଲା ଓ ଆପୋଷ ବୁଝାମଣାଦ୍ୱାରା ସମାପ୍ତ ହୋଇପାରୁଥିବା ସମ୍ଭାବ୍ୟ ଉପଯୁକ୍ତ ଅନ୍ୟାନ୍ୟ ମାମଲାଗୁଡିକ ଫଇସଲା କରାଯିବ । ଅଧିକ ସୂଚନା ନିମନ୍ତେ ଯୋଗାଯୋଗ କରନ୍ତୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ, ଫୋନ ନଂ- ୦୬୭୧-୨୩୬୮୩୮୩ , ୮୪୮୦୮୩୧୮୩୧ , ଇ- ମେଲ – dlsacuttack@gmail.com । ଏଥିରେ ଆଇନଜୀବୀ, ମକଦ୍ଦମାକାରୀ ଏବଂ ସମ୍ପୃକ୍ତ ପକ୍ଷମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିବାଦର ଶୀଘ୍ର ଓ ସହଜ ସମାଧାନ କରିପାରିବେ । ଅଂଶଗ୍ରହଣକାରୀମାନେ ଶାରୀରିକ ଭାବେ କିମ୍ବା ଅନଲାଇନ୍ ମାଧ୍ୟମରେ ଯୋଗଦେଇ ପାରିବେ । ଏହି ବିଶେଷ ଲୋକ ଅଦାଲତରେ ମାମଲା ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛୁକ ପକ୍ଷମାନେ ନିର୍ଦ୍ଧାରିତ ଗୁଗୁଲ୍ ଫର୍ମ ପୂରଣ କରି ଆବେଦନ କରିପାରିବେ । ଏହି ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଆବେଦନ ଲିଙ୍କ ସର୍ବୋଚ୍ଚ ନ୍ୟାୟାଳୟର ୱେବସାଇଟରେ ଉପଲବ୍ଧ ରହିଛି ।

ରିଟେଲ୍ ଡିଲର୍ସ ଆସୋସିଏସନ ପକ୍ଷରୁ ଦେବାଶିଷଙ୍କୁ ସମ୍ବର୍ଦ୍ଧନା

କଟକ,୧୦।୬/ଏନ୍ଏନ୍ଏସ୍: କଟକ ରିଟେଲ ଡିଲର୍ସ ଆସୋସିଏସନ ପକ୍ଷରୁ ଦେବାଶିଷ ସାମନ୍ତରାୟଙ୍କୁ ତାଙ୍କ ରାଜାବଗିତା ସ୍ଥିତ ବାସଭବନରେ ଆସୋସିଏସନର କାର୍ଯ୍ୟକାରୀ ସଭାପତି ସୈୟଦ୍ ଏକ୍ରାମ ହୁସେନଙ୍କଙ୍କ ନେତୃତ୍ୱ ଶତାଧିକ ଖୁଚୁରା ବିକ୍ରେତା ମାନେ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଆସୋସିଏସନ ପକ୍ଷରୁ ଖୁଚୁରା ବିକ୍ରେତା ମାନଙ୍କ ବିଭିନ୍ନ ସମସ୍ୟା ଯେପରି କି ଗତ କରୋନା ମହାମାରୀ ସମୟରେ ବଣ୍ଟନ ବାଦ ବକେୟା ପାରିଶ୍ରମିକ ପ୍ରଦାନ, ବଣ୍ଟନ ସମୟରେ କ୍ଷତି ଭରଣା, ଖୁଚୁରା ବିକ୍ରେତା ରୁ ଇସ୍ତଫା ଦେଉଥିବା ଖୁଚୁରା ବିକ୍ରେତାମାନଙ୍କୁ ସୁରକ୍ଷା ଦେବା ଆଦି ବିଷୟରେ ସଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ଉପସଭାପତି ପୀତବାସ ଜେଠୀ, ସହ ସଂପାଦକ ବିଜୟ କୁମାର ସାହୁ, ଚନ୍ଦ୍ରମଣି ମହାରଣା, ପ୍ରେମ କୁମାର ସେନ, ବିନୟ ବୈଶାଖ, ଓ୍ୱାର୍ଡ଼ ପ୍ରତିନିଧି ଶିବ ସେଠୀ, ନଗେନ କୁମାର ସାହୁ, ଶମ୍ଭୁନାଥ ଦେ, ପ୍ରଶାନ୍ତ ମୁଦୁଲି, ବଳରାମ ସାହୁ, ଶାରଦା ପ୍ରସନ୍ନ ମହାନ୍ତି, ରାକେଶ ସ୍ୱାଇଁ, ବିମଳ ସାହୁ, ପ୍ରଦୀପ ସିଂ, ଉତମ ଦେ, ଫିରୋଜ ଖାନ, ପ୍ରଦୀପ ବେହେରା, ଗଗନ ମହାନ୍ତି, ଉମାକାନ୍ତ ସାହୁ, ଗୌର ଗୋପାଳ ପଟ୍ଟନାୟକ, ସଞ୍ଜୀତ ସିଂ, ପ୍ରଦୀପ ପ୍ରସାଦ, ବିଜନ ସାହୁଙ୍କ ସମେତ ବିଭିନ୍ନ ଓ୍ୱାର୍ଡ଼ର ଶତାଧିକ ଖୁଚୁରା ବିକ୍ରେତାମାନେ ଉପସ୍ଥିତ ଥିଲେ ।

ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ପାଇଁ ଡିଜିପିଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

ଭୁବନେଶ୍ୱର,୧୦।୬/ଏନ୍ଏନ୍ଏସ୍: ଆସନ୍ତା ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ନିର୍ବିଘ୍ନ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଡିଜିପି ଭିଭିଆଇପିଙ୍କ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନସମାଗମ ହେବାର ସମ୍ଭାବନା ଥିବାରୁ ସମସ୍ତ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବ । ହେଲିପ୍ୟାଡ୍, ସଭାସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାଧାରଣ ଜନତାଙ୍କ ଯାତାୟାତରେ ଯେପରି ସର୍ବନିମ୍ନ ବାଧା ସୃଷ୍ଟି ହୁଏ, ସେଥିପାଇଁ ମୟୂରଭଞ୍ଜର ପ୍ରମୁଖ ସଡ଼କଗୁଡ଼ିକରେ ଆବଶ୍ୟକ ଟ୍ରାଫିକ ଡାଇଭର୍ସନ ବ୍ୟବସ୍ଥା କରାଯିବ ଏବଂ କାର୍ଯ୍ୟକ୍ରମ ସ୍ଥଳ ନିକଟରେ ଅତିରିକ୍ତ ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି । ଭିଡ଼ ନିୟନ୍ତ୍ରଣ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏସଓଜି, ଷ୍ଟ୍ରାଇକିଂ ଫୋର୍ସ ଓ କେ-୯ ସ୍କ୍ୱେଶାଲ ସ୍କ୍ୱାଡ୍ ନିୟୋଜିତ କରାଯିବ । ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ପୋଲିସ କମିସନର (ଭୁବନେଶ୍ୱର-କଟକ) ଡଃ ଦେବଦତ୍ତ ସିଂହ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହାସହ ଆଭାସୀ ମାଧ୍ୟମରେ ଡିଆଇଜି (ପୂର୍ବାଞ୍ଚଳ) ପିନାକ ମିଶ୍ର ଏବଂ ଏସପି (ମୟୂରଭଞ୍ଜ) ବରୁଣ ଗୁଣ୍ଟୁପାଲି ପ୍ରମୁଖ ଯୋଗଦେଇଥିଲେ ।

ଏସ୍ଆଇଆର୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

କଟକ,୧୦।୬/ଏନ୍ଏନ୍ଏସ୍: କଟକ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟର ଅଗ୍ରଗତି ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନ ଆଜି ସମୀକ୍ଷା କରି ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଏନୁମରେସନ୍ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲାରେ ଆଜି ସୁଦ୍ଧା ମୋଟ ୯୩ ପ୍ରତିଶତ ଏନୁମରେସନ୍ ଫର୍ମ ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହୋଇଛି । ଜିଲ୍ଲାର ୯ଟି ଯାକ ବିଧାନସଭା

ନିର୍ବାଚନମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ଭୋଟରମାନଙ୍କୁ ଫର୍ମ ପ୍ରଦାନ କରୁଛନ୍ତି । ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ଫର୍ମ ବଣ୍ଟନ କରାଯାଇଥିବାବେଳେ ଏହା ପଛକୁ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ଶ୍ରୀ ଗୋପାଳନ ସମସ୍ତ ନିର୍ବାଚନ ମଣ୍ଡଳୀରେ ଧାର୍ଯ୍ୟ ସମୟ ମଧ୍ୟରେ ଏନୁମରେସନ୍ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଠିକ୍, ସ୍ୱଚ୍ଛ ଓ ସମୟବଦ୍ଧ ଭାବେ ସମାପ୍ତ କରିବା ପାଇଁ ସେ ନିର୍ବାଚନ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଡେପୁଟୀ ସିଇଓ ଲକ୍ଷ୍ମୀ ପ୍ରସାଦ ସାହୁ, ଡେପୁଟୀ ସିଇଓ ଅନାମିକା ସିଂହଙ୍କ ସମେତ ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜିକରଣ ଅଧିକାରୀ ଓ ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜେଏସ୍ଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଭୁବନେଶ୍ୱର, ୧୦।୬/ଏନ୍ଏନ୍ଏସ୍: ଜେଏସ୍ଡବ୍ଲ୍ୟୁ ଜଏଫଇ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଜୁନ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ କାରଖାନା ଓ ଏହାର ଆଖପାଖ ଅଞ୍ଚଳରେ ସପ୍ତାହବ୍ୟାପୀ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ ‘ପ୍ରକୃତି ଦ୍ୱାରା ଅନୁପ୍ରାଣିତ । ଜଳବାୟୁ ପାଇଁ । ଆମ ଭବିଷ୍ୟତ ପାଇଁ’ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପାନୀର କର୍ମଚାରୀ, ସ୍ଥାନୀୟ ବାସିନ୍ଦା ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇଥିଲେ । ଏହି ପରିପ୍ରେକ୍ଷୀରେ ସବୁଜିମା ବୃଦ୍ଧି ପାଇଁ ‘ଏକ୍ ପେଡ୍ ମାଁ କେ ନାମ୍’ ଅଭିଯାନ ଅଧୀନରେ ଏକ ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ପରିବେଶ ସୁରକ୍ଷାକୁ ନେଇ କୁଇଜ୍, ଚିତ୍ରାଙ୍କନ, ସ୍ଲୋଗାନ ଓ ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଜୁନ୍ ୪ରେ ଆଇସିଏଆର-ସିଆରଆରଆଇ, କଟକର ବୈଜ୍ଞାନିକମାନଙ୍କ ଦ୍ୱାରା ‘ସ୍ଥାୟୀ କୃଷିରେ ଶିଳ୍ପ ଜାତ ଉପ-ଉତ୍ପାଦର ଉପଯୋଗିତା ଉପରେ ଏକ କର୍ମଶାଳା ହୋଇଥିଲା, ଯାହା ‘ଆତ୍ମନିର୍ଭର ଭାରତ’ ଏବଂ ସର୍କୁଲାର ଇକୋନୋମି

ନୀତିକୁ ପ୍ରୋତ୍ସାହିତ କରେ । ଏହି ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡକ୍ଟର ଏସ୍. ଏନ୍. ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କମ୍ପାନୀର ସିଇଓ ଉମେଶ ରାୟ ଏବଂ ସିଓଓ ପ୍ରକାଶ ସାପ୍ପାଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ, ଆଗାମୀ ଦିନରେ ଶିଳ୍ପ ଓ ଶିକ୍ଷାନୁଷ୍ଠାନର ମିଳିତ ସହଯୋଗରେ ପରିବେଶ ଅନୁକୂଳ ‘ଦାୟିତ୍ୱବାନ ଇସ୍ପାତ’ ଉତ୍ପାଦନ କରିବା ପାଇଁ କମ୍ପାନୀ ସଂକଳ୍ପ ନେଇଛି । କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ଲିମିଟେଡ୍‌ର ବରିଷ୍ଠ ନେତୃତ୍ୱ, ସେଲ୍ସ ଆଣ୍ଡ ମାର୍କେଟିଂ ଭାଇସ୍ ପ୍ରେସିଡେଣ୍ଟ ହିଦେନାରୀ ସୁକୁଜି ଏବଂ ଭାଇସ୍ ପ୍ରେସିଡେଣ୍ଟ ଓ ଜୋନାଲ ହେଡ୍ ମନୋଜ ପଟ୍ଟୱାରୀଙ୍କ ସହ ଅନ୍ୟାନ୍ୟ ଜୋନାଲ ମୁଖ୍ୟ, ଆଇଆଇଏମ ସଦସ୍ୟ, ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ବିଶେଷଜ୍ଞମାନେ କୃଷି କ୍ଷେତ୍ରରେ ଶିଳ୍ପରୁ ବାହାରୁଥିବା ଉପ-ଉତ୍ପାଦଗୁଡ଼ିକର ସଫଳ ଉପଯୋଗ ପାଇଁ ଅଭିନବ ଉପାୟ ବିଷୟରେ ଆଲୋକପାତ କରିଥିଲେ, ଯାହା ସ୍ଥାୟୀ ଚାଷ ପ୍ରଣାଳୀ ଏବଂ ସମ୍ପଦର ଦକ୍ଷ ବ୍ୟବହାରକୁ ସହଯୋଗ କରିବ । ଏହି ପଦକ୍ଷେପଟି ସାର ଆମଦାନୀ ହ୍ରାସ, ବୈଦେଶିକ ମୁଦ୍ରା ସଞ୍ଚୟ, ସର୍କୁଲାର ଇକୋନୋମି ନୀତିର ପ୍ରସାର ଏବଂ ପରିବେଶର ସ୍ଥାୟୀତ୍ୱ ବୃଦ୍ଧି କରି ‘ଆତ୍ମନିର୍ଭର ଭାରତ’ ର ଦୂରଦୃଷ୍ଟି ସହ ମେଳ ଖାଉଛି ।

ଦୁଇଘଣ୍ଟାର ବୈଠକ: ୨୦୨୪ ନିର୍ବାଚନ ବିଧାୟକ ପ୍ରାର୍ଥୀଙ୍କୁ ନବୀନଙ୍କ ଗୁରୁମନ୍ତ୍ର

ପଞ୍ଚାୟତ, ପୌର ନିର୍ବାଚନ ପାଇଁ ଏବେଠୁ କାମ ଆରମ୍ଭ କର

ଭୁବନେଶ୍ୱର,୧୦।୬/ଏନ୍ଏନ୍ଏସ୍: ଦୁଇ ବର୍ଷରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି । ଜନ ସାଧାରଣ ଭୟରେ ରହିଛନ୍ତି । ହତ୍ୟା, ଧର୍ଷଣ, ଲୁଟ, ନାରୀ ନିର୍ଯାତନା ଆଦି ଅପରାଧ ସୀମା ଲଙ୍ଘି ସାରିଲାଣି । ଅର୍ଥନୈତିକ ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି । ବିଜେଡି ସରକାର କ୍ଷମତାରୁ ଯିବା ସମୟରେ ୪୫ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡି ଯାଇଥିଲା ବେଳେ ଏବେ ରାଜ୍ୟର ଋଣ ଭାର ବଢି ଚାଲିଛି । ଦୁଃଖର କଥା ବୁଢାବୁଢୀ, ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସୁରକ୍ଷା ପେନ୍‌ସନ୍ ମଧ୍ୟ ଏ ସରକାର ଅମଳରେ ମିଳୁନାହିଁ । ଓଡିଶା ଶାସନରେ ଏଭଳି ଅବ୍ୟବସ୍ଥା କୌଣସି ସରକାର ଅମଳରେ ଦେଖା ନଥିଲା ।

ତେଣୁ ଏବେଠାରୁ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କାମ ଆରମ୍ଭ କରିବାକୁ ହେବ ।

ବୁଧବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାଙ୍ଗଠନିକ ବୈଠକରେ ଯୋଗ ଦେଇ ବିଜେଡି ସଭାପତି ନବୀନ ପଟ୍ଟ ନାୟକ ୨୦୨୪ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀମାନଙ୍କୁ ଏହି କଥା କହିଛନ୍ତି । ନବୀନ ବାବୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦଳର ସାଙ୍ଗଠନିକ ସ୍ଥିତି ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ମତ ବିନିମୟ କରିଥିଲେ । ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରି କହିଥିଲେ, ବିଜେଡିର ୨୪ ବର୍ଷ ଶାସନ ସମୟରେ ଓଡିଶା ବିଭିନ୍ନ କ୍ଷେତ୍ରରେ ଭଲ କାମ କରି ସାରା ଦେଶରେ ନିଜର ଏକ ଉଜ୍ଜ୍ୱଳ ପରିଚୟ ସୃଷ୍ଟି କରିଥିଲା । ବିପର୍ଯ୍ୟୟ ପ୍ରଶମନ ଓ ଖାଦ୍ୟ ସୁରକ୍ଷା ଠାରୁ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡା, ଜଳସେଚନ, ଭିତ୍ତିଭୂମି ଆଦିର ବିକାଶ, ଚାଷୀ, ମହିଳା ଓ ଗରୀବ ଲୋକଙ୍କ କଲ୍ୟାଣ ପାଇଁ ଅନେକ ଭଲ କାମ କରିଥିଲା । ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଖେଇ ଆସିଲାଣି । ସେଥିପାଇଁ ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ପ୍ରସ୍ତୁତି ଆରମ୍ଭ କରିବା ଦରକାର । ଏହା ସହିତ ସାମାଜିକ ଗଣମାଧ୍ୟମ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏସଆଇଆର୍ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ । ଅନ୍ୟ ରାଜ୍ୟରେ ଏସ୍ଆଇଆର୍ ସମୟରେ ଘଟିଥିବା ଘଟଣାବଳୀକୁ ଦୃଷ୍ଟିରେ ରଖି ଆମକୁ ସତର୍କ ଓ ସଜାଗ ରହି କାମ କରିବାକୁ ପଡ଼ିବ । ସାମାନ୍ୟ ତ୍ରୁଟି ପାଇଁ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ୍ ନ ଯିବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ଉକ୍ତ ବୈଠକରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ, ବିଜେଡି ସରକାର ସମୟର ସଫଳତା ଓ ଏସ୍ଆଇଆର୍ ଉପରେ ଏକ ଉପସ୍ଥାପନା ମଧ୍ୟ କରାଯାଇଥିଲା ।

କଟକ ଇନ୍ କଟକରେ ହେବ ରଜ ମହୋତ୍ସବ

କଟକ,୧୦।୬/ଏନ୍ଏନ୍ଏସ୍: କଟକ ମହାନଗର ନିଗମ ପକ୍ଷରୁ ଓଡ଼ିଶାର ଗଣପର୍ବ ରଜକୁ ଆସନ୍ତା ୧୪ ତାରିଖରୁ କଟକ ଇନ କଟକରେ ବେଶ ଧୁମଧାମରେ ପାଳନ କରାଯିବାକୁ ନିଷ୍ପତି ହୋଇଛି ।

ଏଥର ରଜରେ ସିଏମସିର ୫୯ଟି ଓ୍ୱାର୍ଡ଼ର ୨୦୦ରୁ ଅଧିକ ବସ୍ତିର ପିଲା ସାମିଲ ହେବେ । ପାରମ୍ପରିକ ପର୍ବ ପାଳନ ସହ ସିଏମସି ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି କଟକ ମହାନଗର ନିଗମର ମେୟର ସୁବାସ ସିଂ ଓ କମିଶନର କିରଣଦୀପ କୌର ସହୋତା । ରଜରେ ଦୈନିକ ଏକାଧିକ କର୍ମଶାଳାର ଆୟୋଜନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ବିଭିନ୍ନ ସାଂପ୍ରତିକ ପ୍ରସଙ୍ଗ ଉପରେ ବିଶେଷଜ୍ଞମାନେ ଲୋକଙ୍କୁ ସଚେତନ କରାଇବେ । ସାଇବର ସିକ୍ୟୁରିଟି, ଆର୍ଥିକ ସଚେତନା, ମାନସିକ ସ୍ୱାସ୍ଥ୍ୟ, ଏଆଇ ଓ ରୋବୋଟିକ୍ସ ପ୍ରଭୃତି ବିଷୟରେ କର୍ମଶାଳାର ଆୟୋଜନ କରାଯିବ । ଏହାଦ୍ୱାରା ସମାଜର ବିଭିନ୍ନ ଶ୍ରେଣୀର ଲୋକମାନେ ଉପକୃତ ହୋଇପାରିବେ । ରଜ ପାଇଁ ୫ଟି ଜୋନର ବ୍ୟବସ୍ଥା ରହିଛି । ରଜ ସଜବାଜ ପାଇଁ ୨ଟି ସ୍ୱତନ୍ତ୍ର ସ୍ଥାନ ରହିବ । ଏଥିରେ ଅଳତା, ମେହେନ୍ଦୀ, ଫେସଆର୍ଟ, ନେଲ ଆଟ ପ୍ରଭୃତି ରହିବ । ମାଗଣାରେ ଝିଅମାନେ ଏଠାରେ ସଜବାଜ ହୋଇପାରିବେ । ରଜ ଉପଲକ୍ଷେ ଏକାଧିକ ପିଠା ଓ ପାନ ଷ୍ଟଲ ହେବ । ଲୋକଙ୍କୁ ମାଗଣାରେ ଦିଆଯିବ ଏହା ବାଦ ୨୦ଟି ଖାଦ୍ୟ ଷ୍ଟଲ ରହିବ, ଲୋକମାନେ ସେଠାରୁ ମନପସନ୍ଦର ପିଠା ଓ ଖାଦ୍ୟ କିଣି ଖାଇପାରିବେ । ଓଡ଼ିଶାର ପ୍ରେରଣାଦାୟୀ ମହିଳାମାନଙ୍କର ଏକ ପ

ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ରମାଗତ ୪୩୯୯ ଦିନର ଜନସେବା ଅବସରରେ ରାଜଧାନୀରେ ବିଭିନ୍ନ କାର୍ଯ୍ୟକ୍ରମ

ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୧୦।୬/ଏନ୍‌ଏନ୍‌ଏସ୍: ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ସମୟସୀମା ବୃଦ୍ଧି ହୋଇଛି । ଛାତ୍ରଛାତ୍ରୀମାନେ ଜୁନ୍ ୧୬ ତାରିଖ ଯାଏଁ ସାମ୍ବ ପୋର୍ଟାଲକୁ ଯାଇ ସ୍ନାତକ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଜୁନ୍ ୨୨ ତାରିଖ ଅପରାହ୍ଣ ୨ ଘଟିକାରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ । ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ । ଜାତୀୟ ଶିକ୍ଷା

୧୬ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ
୨୨ରେ ପ୍ରକାଶ ପାଇବ ପ୍ରଥମ ମେଧା ତାଲିକା

ନୀତି-୨୦୨୦ ଅନୁସାରେ, ଛାତ୍ରଛାତ୍ରୀମାନେ ସାମ୍ବ ପୋର୍ଟାଲରେ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ମୁଖ୍ୟ ବିଷୟ, ଉପ ବିଷୟ (ମେଜର, ମାଇନର ସବଜେକ୍ଟ) ଚୟନ କରିପାରିବେ । ଆପରେଣ୍ଟିସିପ୍ ଏମବେଡ୍‌ଡେଡ୍ ଡିଗ୍ରୀ ପାଠ୍ୟକ୍ରମ ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଉକ୍ତ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ । ଏଥିସହ ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକ ପାଠ୍ୟକ୍ରମକୁ ଆସନ୍ତା ଜୁଲାଇ ୧୦ ତାରିଖ ସୁଦ୍ଧା ଆରମ୍ଭ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି ।

ପଞ୍ଚାୟତ ନିର୍ବାଚନ ପାଇଁ ଆଗୁଆ ପ୍ରସ୍ତୁତି

ୱାଟରମାର୍କ ବାଲଟ୍ ପେପର୍ କ୍ରୟ ଲାଗି ଅର୍ଥ ମାଗିଲା ମୁଦ୍ରଣ, ଲିଖନ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୧୦।୬/ଏନ୍‌ଏନ୍‌ଏସ୍: ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ଏବେଠାରୁ ନିର୍ବାଚନ ଆୟୋଗ ପ୍ରସ୍ତୁତି ଜୋରଦାର କରିଛନ୍ତି । ଆସନ୍ତା ୨୦୨୬ ମସିହାରେ ହେବାକୁ ଥିବା ପଞ୍ଚାୟତିରାଜ ଅନୁଷ୍ଠାନ ସାଧାରଣ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ନିର୍ବାଚନୀ ବାଲଟ ପେପର ମୁଦ୍ରଣ ନିମନ୍ତେ ଆବଶ୍ୟକ ୱାଟରମାର୍କ କାଗଜ କ୍ରୟ କରିବା ପାଇଁ ମୁଦ୍ରଣ, ଲିଖନ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଆବଶ୍ୟକ ଅର୍ଥ ବରାଦ ପାଇଁ ଅନୁରୋଧ କରାଯାଇଛି । ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ (ବୈଷୟିକ) ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୋଗର ସଚିବଙ୍କୁ ଏକ ପତ୍ର ଲେଖି ଜଣାଇଛନ୍ତି ଯେ, ୨୦୨୬ ସାଧାରଣ ନିର୍ବାଚନ ବାଲଟ ପେପର ମୁଦ୍ରଣ ପାଇଁ ବିଭିନ୍ନ ପ୍ରକାରର ୱାଟରମାର୍କ କାଗଜ ଆବଶ୍ୟକ ହେବ । ଏହି କାଗଜଗୁଡ଼ିକୁ ନିୟମାନୁସାରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କ୍ରୟ କରାଯିବ । ତେଣୁ ଟେଣ୍ଡର ପ୍ରକ୍ରିୟାକୁ ଠିକ ସମୟରେ ଆରମ୍ଭ କରିବା ଲାଗି ଆବଶ୍ୟକ ଅର୍ଥ ବରାଦ ସମ୍ପର୍କରେ ଶୀଘ୍ର ଅନୁମୋଦନ ଜଣାଇବାକୁ ଆୟୋଗଙ୍କୁ ଅନୁରୋଧ କରାଯାଇଛି । ଏହା ସହିତ ବାଲଟ ପେପରରେ ବ୍ୟବହୃତ ହେବାକୁ ଥିବା ୱାଟରମାର୍କ ଡିଜାଇନର ଚାରୋଟି ପ୍ରୁଫ କପି ମଧ୍ୟ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଅନୁମୋଦନ ପାଇଁ ପଠାଯାଇଛି । ମତଦାନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ପ୍ରତୀକକୁ ନେଇ ପ୍ରସ୍ତୁତ ଏହି ୱାଟରମାର୍କ ଡିଜାଇନଗୁଡ଼ିକ ଉପରେ ଆୟୋଗର ମଞ୍ଜୁରୀ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଅନୁମୋଦିତ ପ୍ରୁଫ୍ କପି ଶୀଘ୍ର ଫେରସ୍ତ ପଠାଇବାକୁ ମଧ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି । ନିର୍ବାଚନୀ ବାଲଟ ପେପରର ସୁରକ୍ଷା, ପ୍ରାମାଣିକତା ଓ ନକଲ ରୋକିବା ଦୃଷ୍ଟିରୁ ୱାଟରମାର୍କ କାଗଜର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ବିଶ୍ୱସନୀୟ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଏବଂ ମୁଦ୍ରଣ, ଲିଖନ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଆଗୁଆ ପଦକ୍ଷେପ ନିଆଯାଇଛି । ଏହି ବ୍ୟବସ୍ଥା ସମୟରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବିଭାଗ ମଧ୍ୟ ସତର୍କ ରହିବ ।

କୋଟିଆରେ ଆନ୍ଧ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ବିବାଦୀୟ ବୟାନ

‘ଓଡ଼ିଶା ବାସିନ୍ଦାଙ୍କୁ ବାନ୍ଧ

ଭୁବନେଶ୍ୱର,୧୦।୬/ଏନ୍‌ଏନ୍‌ଏସ୍: କୋଟିଆ ବିବାଦକୁ ନେଇ ପୁଣି ବଢ଼ିଲା ତର୍କ । ଓଡ଼ିଶା ସୀମା ଭିତରେ ପଶି ଆନ୍ଧ୍ରପ୍ରଦେଶର ଆଦିବାସୀ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ସାଲୁର ବିଧାୟିକା ଗୁମ୍ମଡି ସନ୍ଧ୍ୟାରାଣୀ ଏକ ନୂତନ

ବଢ଼ିଲା ସୀମାନ୍ତ ଉତ୍ତେଜନା

ସଡ଼କର ଉଦ୍‌ଘାଟନ କରିବା ସହ ଓଡ଼ିଶା ପୁଲିସ ଓ ସାମ୍ବାଦିକଙ୍କ ବିରୋଧରେ ବିନାଦ୍ୱନ୍ଦ୍ୱରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ନୂଆ ଚର୍ଚ୍ଚା ତଥା ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ର ମନ୍ତ୍ରୀ ଗୁମ୍ମଡି ସନ୍ଧ୍ୟାରାଣୀ କୋଟିଆ ପଞ୍ଚାୟତର ନେରେଡିବାଲସା ଗାଁ ଗସ୍ତ କରି ତାଣ୍ଡିଗାରୁ ନେରେଡିବାଲସା ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ଉଦ୍‌ଘାଟନ କରିଛନ୍ତି । ଏହାସହ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି ।

ଆନ୍ଧ୍ର ପୁଲିସ ଛାଉଣୀରେ ମନ୍ତ୍ରୀ ଏହି ଗସ୍ତ କରିଥିବା ବେଳେ ସେଠାରେ କୋଟିଆ ଓ ସୀମାନ୍ତବର୍ତ୍ତୀ ଆନ୍ଧ୍ରର ଗ୍ରାମବାସୀ ଉପସ୍ଥିତ ଥିଲେ । ନିର୍ଭୟରେ ସାଧାରଣ ସଭା କରି ମନ୍ତ୍ରୀ ତାଙ୍କ ଅଭିଭାଷଣରେ ସିଧାସଳଖ ଓଡ଼ିଶାର ସାମ୍ବାଦିକ ଓ ପୁଲିସକୁ ଆକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି । ସୀମାବିବାଦ ସର୍ବୋଚ୍ଚ ନ୍ୟାୟାଳୟରେ ରହିଥିବା ବେଳେ କୋଟିଆରେ ଉଭୟ ରାଜ୍ୟ ସରକାରଙ୍କ ଅଧିକାର ଅଛି, କିନ୍ତୁ ଆନ୍ଧ୍ର ସରକାର କୌଣସି କାର୍ଯ୍ୟକ୍ରମ କରିବା ପାଇଁ ଗଲେ ତାକୁ ଓଡ଼ିଶା ପକ୍ଷରୁ ବିରୋଧ କରାଯାଉଛି ଏବଂ ମିଥ୍ୟା ମକଦ୍ଦମା ରୁଜୁ କରି ନିରୀହ ଆଦିବାସୀଙ୍କୁ ଜେଲ ପଠାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଏହା ସହିତ ମୋର ସଭା ସ୍ଥଳକୁ କାହିଁକି ଓଡ଼ିଶାର ପୁଲିସ ଆସିଛନ୍ତି ଓ ଓଡ଼ିଶାର ସାମ୍ବାଦିକ କାହିଁକି ଆସି ଫଟୋ ଉଠାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ‘ଆମେ କ’ଣ ଓଡ଼ିଶାର କାର୍ଯ୍ୟକ୍ରମକୁ ଯାଉଛୁ କି’ ବୋଲି କହିବା ସହ ସେ ଆନ୍ଧ୍ର ଅଞ୍ଚଳ ନିରୀକ୍ଷକଙ୍କୁ ମଞ୍ଚ ଉପରକୁ ଡାକି ଓଡ଼ିଶା ବାସିନ୍ଦାଙ୍କୁ ମଧ୍ୟ ହଇରାଣ କରିବା ପାଇଁ ସେଠାରୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । କୋଟିଆ ଅଞ୍ଚଳକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିବା ବେଳେ, ଆନ୍ଧ୍ରର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଏହି ଗସ୍ତ ଓ କାର୍ଯ୍ୟକ୍ରମ ପୁଣିଥରେ କୋଟିଆ ପ୍ରସଙ୍ଗକୁ ଜୋରଦାର ଚର୍ଚ୍ଚାକୁ ଆଣିଛି । ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଶେଷରେ ମନ୍ତ୍ରୀ କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ଓଡ଼ିଶା ସାମ୍ବାଦିକ ଓ ମନ୍ତ୍ରୀଙ୍କ ମଧ୍ୟରେ କିଛି ସମୟ ଧରି ଯୁକ୍ତି ତର୍କ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ଗସ୍ତ ସମୟରେ ମନ୍ତ୍ରୀଙ୍କ ସହିତ ସାଲୁର ତହସିଲଦାର ଓ ବ୍ଲକ ଉନ୍ନୟନ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

ଅରିହନ୍ତ ରାଇସ୍ ମିଲ୍ ସମ୍ମୁଖରେ ସଡ଼କ ଦୁର୍ଘଟଣା

କଣ୍ଟେନର୍ ଧକ୍କାରେ ଦୁଇ ଟ୍ରକ୍ ଡ୍ରାଇଭର୍‌ଙ୍କ ମୃତ୍ୟୁ

ଭବାନୀପାଟଣା,୧୦।୬/ଏନ୍‌ଏନ୍‌ଏସ୍: କେସିଙ୍গା ଥାନା ଉତ୍‌କେଲା ଫାଣ୍ଡି ଅଧୀନସ୍ଥ ଖଜୁରୀପଡ଼ା ଜାତୀୟ ରାଜପଥ ୨୬ କଡ଼ରେ ଥିବା ଅରିହନ୍ତ ରାଇସ ମିଲ ସମ୍ମୁଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ପାହାନ୍ତିଆ ସମୟରେ ଏକ ମାଲ୍ ବୋଝେଇ କଣ୍ଟେନର ରାସ୍ତା କାର୍ଶ୍ୱରେ ଅଟକି ରହିଥିବା ତିନୋଟି ଟ୍ରକକୁ ପଛପଟୁ ପ୍ରଚଣ୍ଡ ଧକ୍କା ଦେବା ଫଳରେ ଟ୍ରକରୁ ଓହ୍ଲାଇ ଠିଆ ହୋଇଥିବା ଦୁଇ ଜଣ ଡ୍ରାଇଭରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି ।

ସୂଚନା ଅନୁଯାୟୀ, କଳମପୁର ବ୍ଲକ ହରାମାଲ ଧାନ ମଣ୍ଡିରୁ ପାହାନ୍ତିଆ ପ୍ରାୟ ୩ଟା ୩୦ ମିନିଟ ସମୟରେ ତିନୋଟି ଟ୍ରକ ଆସି ଅରିହନ୍ତ ରାଇସ ମିଲ ସମ୍ମୁଖରେ ଠିଆ ହୋଇଥିଲା । ଓଡ଼ି ୦୮ଡି ୨୧୩୧ ଏବଂ ଓଡ଼ି ୦୩ ୱାଇ ୪୯୯୩ ନମ୍ବର ବିଶିଷ୍ଟ ଟ୍ରକ ଦ୍ୱୟରୁ ଦୁଇ ଜଣ ଡ୍ରାଇଭର ଓହ୍ଲାଇ ଛିଡ଼ା ହୋଇଥିବା ବେଳେ ଲାଞ୍ଜିଗଡ଼ରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଆଲୁମିନା ବୋଝେଇ ଓଡ଼ି ୧୮ଏଫ୍ ୭୮୮୮ ନମ୍ବର ବିଶିଷ୍ଟ କଣ୍ଟେନର ଗାଡ଼ିଟି ସେମାନଙ୍କୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା । ଏହି ଧକ୍କା ଏତେ ଭୟଙ୍କର ଥିଲା ଯେ ଗୋଟିଏ ଗାଡ଼ିର ଡ୍ରାଇଭରଙ୍କୁ ପ୍ରାୟ ୧୫ ଫୁଟ ଏବଂ ଅନ୍ୟ ଜଣକୁ ପ୍ରାୟ ୩୦ ଫୁଟ ପର୍ଯ୍ୟନ୍ତ କଣ୍ଟେନରଟି ଘୋଷାରି ନେଇଥିଲା, ଯାହାଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ତେବେ ସୌଭାଗ୍ୟବଶତଃ ଅନ୍ୟ ଏକ ଟ୍ରକର ଡ୍ରାଇଭର ଗାଡ଼ିରୁ ଓହ୍ଲାଇବାରେ ସାମାନ୍ୟ ବିଳମ୍ବ କରିଥିବାରୁ ସେ ଏହି ଭୟାବହ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

ମୃତକ ଦୁଇ ଡ୍ରାଇଭର ହେଲେ କଳମପୁର ବୁରାଗାଁର ହିମାଂଶୁ ରାଉତ ଏବଂ ଖରିଆର ଛେନାଗୁଡ଼ା ପଞ୍ଚାୟତ ବୋଧପଦର ଗ୍ରାମର କୁମରମଣି ବେହେରା । ଖବର ପାଇ କେସିଙ୍গା ପୁଲିସ ଅଧିକାରୀ ଏ. କେ. ସାହା ଏବଂ ଉତ୍‌କେଲା ଫାଣ୍ଡି

ଅଧିକାରୀ ଅନୁପ ଶତପଥି ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦୁର୍ଘଟଣା ଯୋଗୁଁ ମୃତକଙ୍କ ଗଣ୍ଠିରୁ ମୁଣ୍ଡ ଅଲଗା ହୋଇ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିବାରୁ ପୁଲିସ ଅଧିକାରୀମାନେ ଉକ୍ତ କ୍ଷତବିକ୍ଷତ ଶବକୁ ଦୁଇଟି ବ୍ୟାଗ୍‌ରେ ସଂଗ୍ରହ କରି ଶବ ବ୍ୟବଚ୍ଛେଦ ନିମନ୍ତେ କେସିଙ୍গା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ସରିବା ପରେ ତାହାକୁ ଶୋକାକୁଳ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ତଦନ୍ତକାରୀ ପୁଲିସ ଅଧିକାରୀ ଏ. କେ. ସାହା ପ୍ରକାଶ କରିଛନ୍ତି । ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା କଣ୍ଟେନର ଚାଳକକୁ କେସିଙ୍গା ପୁଲିସ ଅଟକ ରଖି ପଚରାଉଚରା ସହ ଅଧିକ ତଦନ୍ତ ଚଳାଇଛି । ଏହି ସାଂଘାତିକ ଦୁର୍ଘଟଣା ପଛରେ ରାଇସ ମିଲ୍ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ଖଜୁରୀପଡ଼ା ଅଞ୍ଚଳରେ ଅରିହନ୍ତ ଏବଂ ମାଣିକେଶ୍ୱରୀ ନାମରେ ଦୁଇଟି ବଡ଼ ରାଇସ ମିଲ୍ ରହିଛି ଏବଂ ଦୁଇଟିଯାକ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ । ବିଭିନ୍ନ ମଣ୍ଡିରୁ ଧାନ ଧରି ଆସୁଥିବା ଗାଡ଼ିଗୁଡ଼ିକୁ ମିଲ୍ ପରିସର ଭିତରକୁ ନେବା ପରିବର୍ତ୍ତେ ଜାତୀୟ ରାଜପଥ ଉପରେ ହିଁ ବେଆଇନ ଭାବେ ଲମ୍ବା ଲାଇନ୍ କରି ପାର୍କିଂ କରାଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି । ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ରାସ୍ତା ଉପରେ ଟ୍ରକଗୁଡ଼ିକ ଠିଆ ହୋଇଥିବା ବେଳେ ସମ୍ମୁଖ ଦିଗରୁ ଅନ୍ୟ ଏକ ଗାଡ଼ି ଦ୍ରୁତ ଗତିରେ ଆସିଯାଇଥିଲା । ଉକ୍ତ ଗାଡ଼ିର ପ୍ରଖର ଆଲୋକ ଯୋଗୁଁ କଣ୍ଟେନର ଚାଳକ ଜଣକ ଆଗରେ ଠିଆ ହୋଇଥିବା ଗାଡ଼ିକୁ ସ୍ପଷ୍ଟ ଦେଖିପାରି ନଥିଲେ ଏବଂ ନିଜ ଗାଡ଼ିକୁ ବାମ ପଟକୁ ମୋଡ଼ିଦେବା କାରଣରୁ ଏହି ଦୁର୍ଘଟଣା ଘଟିଥିଲା । ଏହା ବ୍ୟତୀତ ମିଲ୍ ମାଲିକମାନେ ସମୟ ସମୟରେ ମଣ୍ଡିରୁ ସ୍ୱଚ୍ଛ ଭାବେ ଧାନ ନ ଉଠାଇ ଦଲାଲମାନଙ୍କ ଜରିଆରେ କମ୍ ଦରରେ ରାତି ଅଧିଆ ଧାନ ଗାଡ଼ି ମଗାଉଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ଜାତୀୟ ରାଜପଥ ଉପରେ ଏଭଳି ବିପଦପୂର୍ଣ୍ଣ ଗାଡ଼ି ପାର୍କିଂକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦୃଢ଼ ଦାବି କରିଛନ୍ତି ।

୩ ଦିନ ଭିତରେ ଓଡ଼ିଶା ଛୁଇଁବ ମୌସୁମୀ

ଭୁବନେଶ୍ୱର,୧୦।୬/ଏନ୍‌ଏନ୍‌ଏସ୍: ଆଗାମୀ ୩ ଦିନ ଭିତରେ ଓଡ଼ିଶା ଛୁଇଁବ ମୌସୁମୀ । ପାଗ ଅନୁକୂଳ ରହିଥିବାରୁ ଏଭଳି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଏହା ସହିତ ରାଜ୍ୟରେ ଆଗାମୀ ୭ ଦିନ ପାଇଁ ଅନୁମାନ ଓ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି । ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବୋଚ୍ଚ ଦିନର ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ଏବଂ ଗରମ ଓ ଗୁଳୁଗୁଳି ଲାଗି ରହିବ । ମାତ୍ର ଆସନ୍ତା ୧୩ ତାରିଖ ବେଳକୁ ଅର୍ଥାତ୍ ଦୁଇ ଦିନ ପରେ ତାପମାତ୍ରା ୨ ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇପାରେ । ଏହାପରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସଙ୍କେତ ନାହିଁ । ତେବେ ଆଗାମୀ ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ଲାଗି ରହିବ । ଏହି ସପ୍ତାହ ମଧ୍ୟରେ ଉତ୍ତର ଉପକୂଳ, ଉତ୍ତର ଆଭ୍ୟନ୍ତରୀଣ, ଦକ୍ଷିଣ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର ସମସ୍ତ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ସହ ପ୍ରବଳ ପବନ ବହିବାର ସମ୍ଭାବନା ରହିଛି ।

ଆଗାମୀ ୨୪ ଘଣ୍ଟା ବା ପ୍ରଥମ ଦିନରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାରେ କେତେକ ସ୍ଥାନରେ ଘଣ୍ଟାପ୍ରତି ୫୦ ରୁ ୬୦ କିଲୋମିଟର ବେଗରେ ପ୍ରବଳ ଝଟକା ପବନ ବହିବା ସହ ବିଜୁଳି, ଘଡ଼ଘଡ଼ି, ବଜ୍ରପାତ ବର୍ଷା ଏବଂ ଗ୍ରୀଷ୍ମ ଓ ଗୁଳୁଗୁଳି ପାଣିପାଗ ଅନୁଭୂତ ହେବ । ଏହା ସହିତ ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଏବଂ ବୌଦ୍ଧ ଜିଲ୍ଲାରେ ମଧ୍ୟ ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ କାଳବୈଶାଖୀ ଓ ବିଜୁଳି ଘଡ଼ଘଡ଼ି ବର୍ଷାର ସମ୍ଭାବନା ରହିଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼, କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲ୍ଲାଗୁଡ଼ିକରେ କେତେକ ସ୍ଥାନରେ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ବଜ୍ରପାତ ହେବାର ଆଶଙ୍କା ରହିଛି, ଯେଉଁଥିମଧ୍ୟରୁ ଗଜପତି ଓ ଗଞ୍ଜାମରେ ଗ୍ରୀଷ୍ମ ଓ ଗୁଳୁଗୁଳି ପାଣିପାଗ ମଧ୍ୟ ଜାରି ରହିବ । ଏହି ସମୟରେ କୋରାପୁଟ, ମାଲକାନଗିରି ଓ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

ଦ୍ୱିତୀୟ ଦିନରେ କୋରାପୁଟ ଏବଂ ମାଲକାନଗିରିରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ବର୍ଷାର ସୂଚନା ରହିଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ,

ଦୁଇ ଦିନ ପରେ ତାପମାତ୍ରା ହ୍ରାସ ସମ୍ଭାବନା

ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି ଏବଂ ଗଞ୍ଜାମ ଜିଲ୍ଲାରେ ପବନର ବେଗ ୪୦ ରୁ ୫୦ କିଲୋମିଟର ରହିବା ସହ ବଜ୍ରପାତ ଏବଂ ଗ୍ରୀଷ୍ମ ଓ ଗୁଳୁଗୁଳି ପାଣିପାଗ ଦେଖାଯିବ । ଏହି ଦିନରେ ମୟୂରଭଞ୍ଜରେ ମଧ୍ୟ ପ୍ରବଳ ବର୍ଷା ସହିତ ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ଆଶଙ୍କା ଥିବାବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍

୬୭ ଲିଟର ଦେଶୀ ମଦ ଜବତ, ୩ ଗିରଫ

ବୁଗୁଡା,୧୦।୬/ଏନ୍ଏନ୍ଏସ୍: ସ୍ଥାନୀୟ ଅବକାରୀ ବିଭାଗ ତରଫରୁ ବୁଧବାର ଦିନ ବୁଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୬୭ ଲିଟର ଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ତିନି ଜଣ ହେଲେ କୋଦଳା ଥାନା ଅନ୍ତର୍ଗତ ବେରୁହାଁବାଡିର ପ୍ରଦୀପ ବେହେରା, ବୁଗୁଡା ଥାନା ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ବାବୁଲା ପ୍ରଧାନ ଓ ଗୋଳାବନ୍ଧ ଗ୍ରାମର ଅକ୍ଷୟ ଜେନା । ସେମାନଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୩୮/୨୬, ୩୯/୨୬ ଓ ୪୦/୨୬ରେ ପୃଥକ୍ ଭାବେ ତିନୋଟି ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତି ସୂଚନା ଦେଇଛନ୍ତି । ବୁଗୁଡା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମ ଉପକଣ୍ଠରେ ପ୍ରଦୀପଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଠଣାପଲ୍ଲୀ ଗାଁ ନିକଟରେ ବାବୁଲାଠାରୁ ୨୦ ଲିଟର ଏବଂ ଗୋଳାବନ୍ଧ ଗାଁ ଶେଷମୁଣ୍ଡରେ ଅକ୍ଷୟଠାରୁ ୨୨ ଲିଟର ଦେଶୀ ଜବତ କରାଯାଇଥିଲା । ଉକ୍ତ ଚଢଉରେ ଅବକାରୀ ଥାନା ଓଆଇସିଙ୍କ ସମେତ ନିରେନ୍ଦ୍ର ଶବର, ନିରଞ୍ଜନ ବେହେରା, ମନୋରଞ୍ଜନ ସେଠୀ ଓ କାମନା ରେଡି ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ ।

‘ପୋଷଣ ଓ ପଢାଇବି’ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୁଷୋତ୍ତମପୁର,୧୦।୬/ଏନ୍ଏନ୍ଏସ୍: ପୁରୁଷୋତ୍ତମପୁର ବ୍ଲକରେ ତୃତୀୟ ପର୍ଯ୍ୟାୟ ପୋଷଣ ଓ ପଢାଇବି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ବ୍ଲକ ସିଡ଼ିପିଓ ଲଳିତା ମଲ୍ଲିକଙ୍କ ସଂଯୋଜନାରେ ଟାଉନ ହଲ ପରିସରରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୋଟ ନଅ ଗୋଟି ସେକ୍ଟରର ତିନୋଟି ପର୍ଯ୍ୟାୟରେ ଅଙ୍ଗନବାଡି କର୍ମୀ ମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ । ସୂଚନା ଯୋଗ୍ୟ ଯେ, ପୁରୁଷୋତ୍ତମପୁର ବ୍ଲକର ୨୬ ଗୋଟି ଗ୍ରାମ ପଞ୍ଚାୟତ ସମେତ ବିଜ୍ଞାପିତ ଅଞ୍ଚଳର ମୋଟ ୧୪ ଗୋଟି ୱାର୍ଡକୁ ମିଶାଇ ସର୍ବମୋଟ ୨୫୩ ଗୋଟି ଅଙ୍ଗନବାଡି କେନ୍ଦ୍ର ରହିଛି । ସେଥିମଧ୍ୟରୁ ପର୍ଯ୍ୟାୟ କ୍ରମେ ସମସ୍ତ ଅଙ୍ଗନବାଡି କର୍ମୀମାନେ ଯୋଗ ଦେଇଥିଲେ । ସରକାରଙ୍କ ନିୟମ ଅନୁଯାୟୀ ୬ ବର୍ଷରୁ କମ୍ ଶିଶୁମାନଙ୍କୁ ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ବର୍ଦ୍ଧକ ବିଭିନ୍ନ ପ୍ରକାର ପୌଷ୍ଟିକ ଖାଦ୍ୟ ସହିତ ‘ପୋଷଣ ଭି, ପଢାଇ ଭି’ ଅଭିଯାନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା । ପିଲାମାନଙ୍କୁ ଖେଳକୁଦ ମାଧ୍ୟମରେ ଶିକ୍ଷା ଦିଆଯିବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୋଲି ଜଣାପଡିଛି । ସିଡ଼ିପିଓ ଉପସ୍ଥିତ ସମସ୍ତ କର୍ମୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନାର ସଫଳତା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ନିଜ ହାତରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ, ଖେଳନା ଏବଂ ଶିକ୍ଷଣୀୟ ଉପକରଣ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ସୁପରଭାଇଜର, ବିଶି, ପୋଷଣ ଷ୍ଟାଫ, ମମତା ଯୋଜନା ଷ୍ଟାଫ ପ୍ରମୁଖ ଉପସ୍ଥିତ ଥିଲେ ।

ଛତ୍ରପୁର ପୌରାଧକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ପରଲୋକ

ଛତ୍ରପୁର,୧୦।୬/ଏନ୍ଏନ୍ଏସ୍: ଛତ୍ରପୁର ପୌର ପରିଷଦ ଅଧକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଆଜି ସନ୍ଧ୍ୟାରେ ପରଲୋକ ଘଟିଛି । ଭୁବନେଶ୍ୱର ସ୍ଥିତ ଘରୋଇ ଡାକ୍ତର ଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି । ପୌରାଧକ୍ଷା ଦୀର୍ଘ ଏକ ମାସହେବ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ତାଙ୍କ ସ୍ୱାମୀ ସମାଜସେବୀ କେ. ଚନ୍ଦ୍ର ଶେଖର ରାଓ ଓ ଏକମାତ୍ର ପୁତ୍ର ରହିଛନ୍ତି । ସେ ବିଜେପି ଦଳ ପକ୍ଷରୁ ଛତ୍ରପୁର ଏନ୍‌ଏସି ଅଧକ୍ଷା ରୂପେ ନିର୍ବାଚିତ ହୋଇଥିଲେ । ସେ ଜଣେ ପରୋପକାରୀ, ଧର୍ମ ପରାୟଣ ଓ ସମାଜସେବୀ ମହିଳା ଥିଲେ । ତାଙ୍କ ବିୟୋଗରେ ଛତ୍ରପୁର ସହରରେ ଶୋକର ଛାୟା ଖେଳିଯାଇଛି । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୌରପାଳିକା ଉପାଧକ୍ଷା ଜି. ପାପା ରାଓଙ୍କ ସମେତ ସମସ୍ତ କାଉନ୍‌ସିଲର ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

କନିଷି ତହସିଲଦାରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

କାର୍ଯ୍ୟାଳୟ ସମ୍ମୁଖରେ ସମିତି ସଭ୍ୟ, ଦିବ୍ୟାଙ୍ଗ ଯୁବତୀଙ୍କ ଧାରଣା

ରଙ୍ଗେଇଲୁଣ୍ଡା,୧୦।୬/ଏନ୍ଏନ୍ଏସ୍: ଗଞ୍ଜାମ ଜିଲ୍ଲା କନିଷି ତହସିଲଦାରଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦ କରି ବୁଧବାର ହଳଦିଆପଦର ସମିତି ସଭ୍ୟ କେ. ପ୍ରବୀଣ କୁମାରଙ୍କ ସମେତ ଜଣେ ଦିବ୍ୟାଙ୍ଗ ଯୁବତୀ ଟୁନି ବେହେରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ଶେଷରେ ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ୧୫ ଦିନ ମଧ୍ୟରେ ଦିବ୍ୟାଙ୍ଗ ଯୁବତୀଙ୍କୁ ସରକାରୀ ନିତିନିୟମ ଅନୁଯାୟୀ ସରକାରୀ ଜମି ପ୍ରଦାନ କରିବାକୁ ସମସ୍ତ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଉଭୟେ ଧାରଣାରୁ ଓହରିଥିଲେ । ଅଭିଯୋଗ ଅନୁଯାୟୀ ୨୦୨୪ ମସିହା ଡିସେମ୍ବର ମାସରେ କନିଷି ତହସିଲଦାର କବିରାଜ ପ୍ରଧାନଙ୍କ ପକ୍ଷରୁ ହଳଦିଆପଦର ପଞ୍ଚାୟତର ହଳଦିଆ ପଦରରେ ଜବର ଦଖଲରେ ରହିଥିବା କେତେକ ସରକାରୀ ଜମିକୁ ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଅଢେଇ ବର୍ଷ ପରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନଥିଲା । ଏନେଇ ତହସିଲ କାର୍ଯ୍ୟାଳୟକୁ ସମିତିସଭ୍ୟ ପ୍ରବୀଣ କୁମାର ବାରମ୍ବାର ଯାଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତହସିଲଦାର ଗୁରୁତ୍ୱ ଦେଇନଥିଲେ । ତେଣୁ ଏହାର ପ୍ରତିବାଦରେ ଆଜି ବାଧ ହୋଇ ଧାରଣା ଦେଇଥିଲେ ବୋଲି ସମିତିସଭ୍ୟ କହିଥିଲେ । ଏହା ସହ ହଳଦିଆପଦର ପଞ୍ଚାୟତରେ ଥିବା ସରକାରୀ ଜାଗା ଚିହ୍ନଟ କରି ଗ୍ରାମରେ ଥିବା ଭୂମିହୀନ ମାନଙ୍କୁ ପ୍ରଦାନ ପାଇଁ ତହସିଲଦାରଙ୍କୁ ନିବେଦନ କରିଥିଲେ ସୁଦ୍ଧା ତହସିଲଦାର ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ଘର ନଥିବା ପରିବାରକୁ ଜମି ଦେବା ବଦଳରେ ବିଦ୍ୟୁତ ବିଭାଗକୁ ଜମି ପ୍ରଦାନ କରିଦେଲେ । ଯାହା ସମ୍ପୂର୍ଣ୍ଣ ରୁପେ ଘର ନଥିବା ଗରିବ ପରିବାର ପ୍ରତି ଉପହାସ ବୋଲି ଅଭିଯୋଗ କରିଛନ୍ତି । ଏହା ସହ ଦିବ୍ୟାଙ୍ଗ ଯୁବତୀ ଟୁନି ମଧ୍ୟ ଗତ ୧୦ ବର୍ଷ ଧରି ତାଙ୍କୁ ସରକାରୀ ଯୋଜନାରେ ଘର ନିର୍ମାଣ ନିମନ୍ତେ ଅନେକ ଥର ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ସହ କନିଷି ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରି ଆସୁଥିଲେ ମଧ୍ୟ ତହସିଲଦାର ଏଥିପ୍ରତି କର୍ଣ୍ଣପାତ କରୁନଥିଲେ । ଯାହା ଫଳରେ ସେ ବାଧ ହୋଇ ଆଜି ଧାରଣା ଦେଇଥିଲେ ବୋଲି କହିଛନ୍ତି । ତହସିଲ କାର୍ଯ୍ୟାଳୟ ପକ୍ଷରୁ କୈଫିସି ପଦକ୍ଷେପ ଗ୍ରହଣ ନ କଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତପୋଷଣ କରିଛନ୍ତି । ଅତିରିକ୍ତ ତହସିଲଦାର ଚିତ୍ତସେନ ଦଳାଇଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ ଉଭୟଙ୍କ ଅଭିଯୋଗ ଗ୍ରହଣ କରାଯାଇଛି । ଏହା ନେଇ ତହସିଲଦାରଙ୍କୁ ଅବଗତ କରାଯିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ସ୍ୱତନ୍ତ୍ର ସଘନ ସଂଶୋଧନ ସଂକ୍ରାନ୍ତ ମାର୍ଗଦର୍ଶନ କର୍ମଶାଳା

ଆସିକା,୧୦।୬/ଏନ୍ଏନ୍ଏସ୍: ରାଜ୍ୟରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଓଡିଶା-୨୦୨୬ ପ୍ରକ୍ରିୟାକୁ ନିର୍ଭୁଲ ଓ ସ୍ୱଚ୍ଛତାର ସହ ସଂପନ୍ନ କରିବା ପାଇଁ ଆସିକା ବ୍ଲକ ଅନ୍ତର୍ଗତ ବାଲିସିରା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କ ଏକ ମାର୍ଗଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣ ଶିବିରରେ ୧୨୮ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ତହସିଲଦାର ସଙ୍ଗୀତା ସେଣ, ବିଏଲ୍‌ଓ ସୁପରଭାଇଜର ଶିବଶଙ୍କର ଜେନା ଓ ବିଏଲ୍‌ଓ ସୁପରଭାଇଜର ଧୋବା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଗତ ୩୦ ତାରିଖ ଠାରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ କିପରି ସ୍ୱଚ୍ଛତାର ସହ ନିର୍ଭୁଲ ଭାବେ ସଂପାଦନ କରାଯିବ ତାହାରି ଉପରେ ମାର୍ଗଦର୍ଶନ କରିବା ସାଙ୍ଗକୁ ବିଏଲ୍‌ଓ ଆପ୍ ମାଧ୍ୟମରେ ଗଣନା ଫର୍ମ ଅପ୍‌ଲୋଡ୍ କରି କିପରି ଡିଜିଟାଇଜେସନ୍ ପ୍ରକ୍ରିୟା ସୁଚାରୁ ରୂପେ ସଂପାଦିତ ହୋଇପାରିବ ତାହାରି ଉପରେ ମାର୍ଗଦର୍ଶନ କରିଥିଲେ । ପ୍ରଶାସନର ନିର୍ଦ୍ଦେଶକ୍ରମେ ବାଲିସିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ମାର୍ଗଦର୍ଶନ କର୍ମଶାଳାରେ ବାଲିସିରା, ଲଣ୍ଡାକୁଆଳି, କମାଗଡ, ଗୁଣ୍ଡୁପଡା, ସାପୁଆପଲ୍ଲୀ, ଜଗଦଳପୁର, ସୁମନ୍ତପଲ୍ଲୀ, ଅସୁରାଇପଲ୍ଲୀ ଅଞ୍ଚଳର ବୁଥ୍‌ସ୍ତରୀୟ ଅଧିକାରୀ ସବିତା ନାୟକ, ଉର୍ମିଳା ପାଣିଗ୍ରାହୀ, ନମିତା ପାତ୍ର, ସନ୍ତୋଷିନୀ ଜେନା, ଲକ୍ଷ୍ମୀସୀତା ମହାନ୍ତି, ପ୍ରଭାତୀ ବିଷୋୟୀ, ସର୍ମିଷ୍ଠା ସ୍ୱାଇଁ, ମଂଜୁଲତା ସାବତ, ଡି.ସାବିତ୍ରୀ, ସୁମିତ୍ରା ଗୌଡ, ସନ୍ତୋଷିନୀ ଗୌଡ, ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ପଣ୍ଡା, ନିରୁପମା ଦାଶ, ପରମେଶ୍ୱର ଖୁଣ୍ଟିଆ, ବିଷ୍ଣୁପ୍ରିୟା ଜଂଜ, ସଙ୍ଗୀତା ବେହେରା, ବାଳକୃଷ୍ଣ ତ୍ରିପାଠୀ, ଶ୍ରଦ୍ଧାଞ୍ଜଳୀ ନାହାକ, ଗୀତାଞ୍ଜଳୀ ପାତ୍ର, ସୁନିତା କୁମାରୀ ପ୍ରଧାନ, ସାଇବ ବେହେରା, ରାମକୃଷ୍ଣ ପ୍ରଧାନ, ସଂଯୁକ୍ତା ସାହୁ, ଖୋଜିନୀ ସାହୁ, ସ୍ୱପ୍ନାରାଣୀ ସ୍ୱାଇଁ, ସୁମିତ୍ରା ପଣ୍ଡା, କବିତା ସ୍ୱାଇଁ, ସାଗରିକା ବେହେରା, ବିନିତା ପାଣିଗ୍ରାହୀ, ମୋନାଲିସା ଗୌଡ, ପି.ପ୍ରଭାସିନୀ ପାତ୍ର, କବିତା ସ୍ୱାଇଁଙ୍କ ସମେତ ବହୁ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

ତୃତୀୟ ପର୍ଯ୍ୟାୟରେ ପହଞ୍ଚିଲା ୩୮,୮୫୦ ମାଗଣା ପାଠ୍ୟପୁସ୍ତକ

ବୁଗୁଡ଼ା,୧୦।୬/ଏନ୍ଏନ୍ଏସ୍: ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସରକାରଙ୍କ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ କେତେକ ଶ୍ରେଣୀର ପୁସ୍ତକ ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି । ତେବେ ତୃତୀୟ ପର୍ଯ୍ୟାୟରେ ୩୮,୮୫୦ ଖଣ୍ଡ ବହି ପହଞ୍ଚିଥିବା ବେଳେ ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀର ଓଡିଆ(ଝୁଲଣ-୧) ୪୫୦ ଖଣ୍ଡ ଓ ଗଣିତ ଖେଳ ୪୫୦ ଖଣ୍ଡ , ଦ୍ୱିତୀୟ ଶ୍ରେଣୀର ଓଡ଼ିଆ (ଝୁଲଣ-୨) ୩୫୦ ଖଣ୍ଡ, ତୃତୀୟ ଶ୍ରେଣୀର ଇଂରାଜୀ ୧୮୦୦ ଖଣ୍ଡ ଓ ଗଣିତ ୩୦୦ ଖଣ୍ଡ , ଚତୁର୍ଥ ଶ୍ରେଣୀର ଆର୍ଟ ଏଜୁକେସନ ୩୫୦, ଓଡିଆ ୨୦୫୦, ଗଣିତ ୨୦୫୦, ଖେଳ ଓ ଯୋଗ ୨୦୫୦, ଇଂରାଜୀ ୩୫୦ ଓ ସାମାଜିକ ବିଜ୍ଞାନ ୩୫୦ ଖଣ୍ଡ , ପଞ୍ଚମ ଶ୍ରେଣୀର ଇଂରାଜୀ ୧୩୦୦, ସାମାଜିକ ବିଜ୍ଞାନ ୨୦୦୦, ଆର୍ଟ ଏଜୁକେସନ ୨୦୦୦, ଓଡିଆ ୩୦୦ ଓ ଗଣିତ ୩୦୦ ଖଣ୍ଡ , ଷଷ୍ଠ ଶ୍ରେଣୀର ଇଂରାଜୀ, ଗଣିତ, ବିଜ୍ଞାନ, ଖେଳ ଶିକ୍ଷା, ଆର୍ଟ ଏଜୁକେସନ ଆଦି ବିଷୟର ପ୍ରତ୍ୟେକରୁ ୧୯୫୦ ଖଣ୍ଡ ଲେଖାଏଁ, କୌଶଳ ଶିକ୍ଷା ୧୨୦୦, ସାମାଜିକ ବିଜ୍ଞାନ ୨୦୦, ହିନ୍ଦୀ ୨୦୦ ଖଣ୍ଡ , ସପ୍ତମ ଶ୍ରେଣୀର ସାହିତ୍ୟ ୧୯୫୦, ହିନ୍ଦୀ ୯୫୦, ଫିଜିକାଲ ଏଜୁକେସନ ୧୭୫୦, ଇଂରାଜୀ ୨୦୦, ବିଜ୍ଞାନ ୨୦୦, ହିନ୍ଦୀ ୧୦୦, ସଂସ୍କୃତ ୧୦୦, ଖେଳଶିକ୍ଷା ୨୦୦ ଓ ଆର୍ଟ ଏଜୁକେସନ ୨୦୦ ଖଣ୍ଡ, ଅଷ୍ଟମ ଶ୍ରେଣୀର ଇଂରାଜୀ ୨୧୫୦, ବିଜ୍ଞାନ ୬୫୦, ଫିଜିକାଲ ଏଜୁକେସନ ୨୦୦୦,ସାହିତ୍ୟ, ସାମାଜିକ ବିଜ୍ଞାନ, ଖେଳଶିକ୍ଷା ଓ ଆର୍ଟ୍ ଏଜୁକେସନ ପ୍ରତ୍ୟେକ ବିଷୟର ୧୫୦ ଖଣ୍ଡ ଲେଖାଏଁ ବହି ରହିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ବହି ଆସିବାକୁଥିବା ବେଳେ ସ୍ଥାନୀୟ ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୧ଟି କ୍ଲଷ୍ଟର ମଧ୍ୟରେ ରହିଥିବା ୭୨ଟି ପ୍ରାଥମିକ, ୪୦ଟି ଉଚ୍ଚ ଥ ପ୍ରାଥମିକ ଓ ୧୮ଟି ଉଚ୍ଚ ବିଦ୍ୟାଳୟ ହିସାବରେ ମୋଟ ୧୩୦ଟି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢିବାକୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ଏହି ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଇଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି ।

ଗୋଷ୍ଠୀ କୃଷକ ଉପଦେଷ୍ଟା କମିଟିର ପ୍ରଥମ ବୈଠକ

ଚାଷୀଙ୍କ ସମସ୍ୟା ଶୁଣି ସମାଧାନର ପ୍ରତିଶ୍ରୁତି ଦେଲେ

ପୁରୁଷୋତ୍ତମପୁର,୧୦।୬/ଏନ୍ଏନ୍ଏସ୍: କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ କୃଷି ବିଭାଗ ଅଫିସ ଗୃହରେ ଗୋଷ୍ଠୀ କୃଷକ ଉପଦେଷ୍ଟା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ପିଙ୍କି ବେହେରା, ସମ୍ମାନୀତ ଅତିଥି ଭାବେ ୩୫ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପିଙ୍କି ନାୟକ, ୩୬ ନଂ ଜିଲ୍ଲା ପରିଷଦ ସଦସ୍ୟ ଭଜମନ ବେହେରା, ୩୭ ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜିତ ବେହେରା ଯୋଗ ଦେଇଥିଲେ । ଉପସ୍ଥିତ କୃଷକମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ବିଭିନ୍ନ ବିଭାଗର ଅଧିକାରୀମାନେ ଉତ୍ତର ରଖିଥିଲେ । ବିଭିନ୍ନ ବିଭାଗର ନିଜସ୍ୱ ଅଫିସ ଗୃହ ନଥିବାରୁ ଆତ୍ମାର ଅଧକ୍ଷ ଅରୁଣ କୁମାର ପଣ୍ଡା ଏଠିକାର ଆରଆଇ ଓ ତହସିଲଦାରଙ୍କ ସହ କଥା ହୋଇ ନିଜସ୍ୱ ଗୃହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ଚାଷୀମାନେ ଯେପରି ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ । ଆଗାମୀ ବୈଠକରେ ପୁଣି ନିର୍ବାଚିତ ପ୍ରତିନିଧିମାନଙ୍କ ଠାରୁ ଚାଷୀଙ୍କ ଅଭିଯୋଗ ଶୁଣି ତାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ । ବୈଠକରେ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ, ଉଦ୍ୟାନ, ସମନ୍ୱିତ ଶିଶୁ ବିକାଶ, ପ୍ରାଣୀ ବିଭାଗର ଅଧିକାରୀଙ୍କ ସହ ନିର୍ବାଚିତ ୨୨ ଜଣଙ୍କ ମଧ୍ୟରୁ ୨୦ ଜଣ ସଦସ୍ୟ ଓ ବହୁ ଚାଷୀ ଉପସ୍ଥିତ ଥିଲେ । ଆତ୍ମାର ଅଧକ୍ଷ ଅରୁଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷି ଅଧିକାରୀ ଶୁଭଦର୍ଶିନୀ ଉପସ୍ଥିତ ଥିଲେ । ଗୋଷ୍ଠୀ କୃଷକ ଉପଦେଷ୍ଟା ଦଳ ବୈଠକ ତିନି ବର୍ଷର ବ୍ୟବଧାନ ପରେ ପ୍ରଥମ ଥର ପାଇଁ ହୋଇଥିବା ଜଣାପଡିଛି ।

ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନର କମିଟିର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ବୃହତ୍ ବ୍ରହ୍ମପୁର ଗଠନର ଚୁଡ଼ାନ୍ତ ବିଜ୍ଞପ୍ତି, ନିଗମରେ ଅଧିକାରୀ ନିଯୁକ୍ତି ଦାବି

ବ୍ରହ୍ମପୁର,୧୦।୬/ଏନ୍ଏନ୍ଏସ୍: ବୃହତ୍ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନରେ ୧୪ଟି ପଞ୍ଚାୟତର ମିଶ୍ରଣ ସଂକ୍ରାନ୍ତ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ତଥା କର୍ପୋରେସନରେ ଅଧିକାରୀ ଓ କର୍ମଚାରୀଙ୍କ ତୁରନ୍ତ ନିଯୁକ୍ତି ଏବଂ ମ୍ୟାଟିଂ ଗ୍ରାଣ୍ଟ ଓ ଆର୍ଥିକ ସହାୟତା ବୃଦ୍ଧି କରି ବୃହତ୍ ବ୍ରହ୍ମପୁର ମହାନଗର ନିଗମ କରିବାକୁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି । ଏନେଇ ଆଜି କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପଦେଷ୍ଟା ଦନାର୍ଦନ ସ୍ୱାଇଁ, କାଳିନ୍ଦୀ ଚରଣ ନାୟକ, କାର୍ଯ୍ୟଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସଂଯୋଜକ ଗୌରୀ ପ୍ରସାଦ ପଟ୍ଟନାୟକ ଏବଂ କୋଷାଧକ୍ଷା ଏମ୍ ଲାବଣ୍ୟ

ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରୁ ବଦଳିଲେ ୫ ସୁପରଭାଇଜର୍

ରାଜନଗର,୧୦।୬/ଏନ୍ଏନ୍ଏସ୍: ରାଜନଗର ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପରୁ ବଦଳିଲେ ୫ଜଣ ସୁପରଭାଇଜର । କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ- ୧୮୩୮ ଗତ ତାରିଖରେ ଜିଲ୍ଲାପାଳ ରଘୁରାମ ଆର ଆୟାର ୬ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ରହିଥିବା ସୁପରଭାଇଜରଙ୍କର ବଦଳି କରିଛନ୍ତି । ଏହି ବ୍ଲକର ସୁପରଭାଇଜର ସ୍ୱାଗତିକା ତରାଇ ଓ ସନ୍ଧ୍ୟାରାଣୀ ବେହେରାଙ୍କୁ ପଙ୍ଗାମୁଣ୍ଡାଇ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ସେହିପରି ରଜନୀ ରାଉଳ ଓ ମିନତୀ ମିଶ୍ରଙ୍କୁ ରାଜକନିକା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ପୂର୍ବରୁ ଗରଦପୁର ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରୁ ରାଜନଗରକୁ ଡେପୁଟେସନରେ ଆସିଥିବା ଶୈଳପ୍ରଭା ସ୍ୱାଇଁଙ୍କୁ ପୂର୍ବସ୍ଥାନ ଗରଦପୁରରେ ଯୋଗଦେବା ପାଇଁ ନିର୍ଦ୍ଦେଶ ରହିଛି । ସୂଚନାଥାଉକି, ରାଜ୍ୟରେ ନୂତନ ସରକାର ଗଠନ ହେବାର ଦୁଇମାସ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗରେ ୬ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟରତ ସୁପରଭାଇଜରଙ୍କୁ ବଦଳି ପାଇଁ ଜିଲ୍ଲାପାଳମାନଙ୍କୁ ବିଭାଗୀୟ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାରଣା ୨୦୨୪ ମସିହା ଅଗଷ୍ଟ ୩ତାରିଖ ଦିନ ଚିଠି ନଂ- ୧୬୭୬୫ରେ ନିର୍ଦ୍ଦେଶ ଦେଇଥିଲେ । ଏହି ଚିଠିକୁ ଜିଲ୍ଲାପାଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଚିଠି ନଂ- ୧୮୧୯/୨୦୨୪ ମସିହା ଅଗଷ୍ଟ ୮ତାରିଖ ଦିନ ସିଡିପିଓମାନଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏଯାବତ୍ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିଲା ।

● ୯ ବର୍ଷର ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ

ଅଭିଯୁକ୍ତ କୋର୍ଟଚାଲାଣ

ରାଜନଗର,୧୦।୬/ଏନ୍ଏନ୍ଏସ୍: ରାଜନଗର ବ୍ଲକ ତାଳରୁଆ ସାମୁଦ୍ରିକ ଥାନା ଅଂଚଳର ଜଣେ ୯ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଅଭିଯୁକ୍ତକୁ ପୁଲିସ କୋର୍ଟଚାଲାଣ କରିଛି । ଏହି ବ୍ଲକ ତାଳରୁଆ ପଞ୍ଚୟତର ନାବାଳିକାର ପିତା ସାମୁଦ୍ରିକ ଥାନା କରିଥିବା ଅଭିଯୋଗ ଅନୁଯାୟୀ, ରାଜେନ୍ଦ୍ରନଗର ଗ୍ରାମର କାହ୍ନୁ ପରିଡା(୪୫) ମୋ ନାବାଳିକା ଝିଅକୁ ଥଣ୍ଡା ପିଆଇ ନିଜ ଘରକୁ ନେଇ ଯାଇଥିଲା । ସେଠାରେ ଥଣ୍ଡା ମଧ୍ୟରେ ଆସ୍ଲା-୪୦ ମିଶାଇ ଦେଇଥିଲା । ଦୁଷ୍କର୍ମ ଉଦ୍ୟମ କରିବାରୁ ସେ କାନ୍ଦିଥିଲା । ସ୍ଥାନୀୟ ଲୋକେ ପହଞ୍ଚିବାରୁ ନାବାଳିକାକୁ ଛାଡି ଅନ୍ୟତ୍ର ଚାଲିଯାଇଥିଲା । ପୁଲିସ ସାମୁଦ୍ରିକ ଥାନାରେ ୧୩୨/୨୬ରେ ପକ୍ସୋ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଜଣାପଡିଛି ।

ଧର୍ମଶାଳା ଭବନରେ ଚାଲିଛି ମାଗଣା ଆହାରକେନ୍ଦ୍ର

ଧର୍ମଶାଳା,୧୦।୬/ଏନ୍ଏନ୍ଏସ୍: ଧର୍ମଶାଳା ବ୍ଲକ୍ ନେଉଳପୁର ସ୍ଥିତ ଧର୍ମଶାଳା ଭବନ ପରିସରରେ ରାମନବମୀ ଠାରୁ ଶୁଭାରମ୍ଭ ହୋଇଥିବା ମାଗଣା ଆହାରକେନ୍ଦ୍ର ସୁରଖୁରରେ ଚାଲୁରହିଛି । ପ୍ରତ୍ୟେକ ଦିନ ମଧ୍ୟାହ୍ନରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଶହ ଶହ ସଂଖ୍ୟାରେ ଲୋକେ ଏଠାରେ ଆସି ମଧ୍ୟାହ୍ନ ଭୋଜନ କରୁଥିବା ଦେଖିବାକୁ ମିଳୁଛି । ବିଜେଡି ସରକାର ସମୟରେ ଧର୍ମଶାଳା ଭବନ ପରିସରରେ ବଲେ ବଲେ ଢାବା ଚାଲିଥିବା ବେଳେ ଏଠାକୁ ନେତା ମନ୍ତ୍ରୀ ଓ ବଡ଼ବଡ଼ିଆ ଲୋକେ ଆସି ଦାମିଖାଦ୍ୟ ଖାଇ ମନୋରଞ୍ଜନ କରି ଦେୟ ଦେଇ ଯାଉଥିଲେ । ହେଲେ ସରକାର ପରିବର୍ତ୍ତନ ପରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବଲେ ବଲେ ଢାବାକୁ ବନ୍ଦ କରାଇ ଏଠାରେ ଏକ ମାଗଣା ଆହାର କେନ୍ଦ୍ର କରିଛନ୍ତି । ଭୋକ ଉପାସରେ ରହୁଥିବା ଗରିବ ଓ ମୁଲିଆ ଶ୍ରେଣୀର ଲୋକମାନଙ୍କ ପାଇଁ ଏହି ଆହାର କେନ୍ଦ୍ର ଏକ ବରଦାନ ସାଜିଛି । ପୂର୍ବରୁ ବିଜେଡି ସରକାର ଅମଳରେ ଲୋକମାନଙ୍କୁ ୫ ଟଙ୍କାରେ ଆହାର ଯୋଗାଇ ଦିଆଯାଉଥିବା ବେଳେ ଧର୍ମଶାଳା ବିଧାୟକଙ୍କ ଉଦ୍ୟମ କ୍ରମେ ଧର୍ମଶାଳା ଆହାର କେନ୍ଦ୍ରରେ ବିନା ମୂଲ୍ୟରେ ଶହ ଶହ ଲୋକଙ୍କ ପାଇଁ ଖାଇବାର ବ୍ୟବସ୍ଥା କରାଯାଇଛି । ଏଥିଲାଗି ସେଠାରେ ରୋଷେୟା ଠାରୁ ଆରମ୍ଭ କରି ବିଭିନ୍ନ କାମରେ ବହୁ ଲୋକେ ଦରମା ନେଇ ନିୟୋଜିତ ହୋଇଛନ୍ତି । ଏଠାରେ ପ୍ରତ୍ୟେକ ଦିନ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇ ଦିନ ୧ରୁ ୩ଟା ପର୍ଯ୍ୟନ୍ତ ଏଠାରେ ଖାଦ୍ୟ ଉପଲବ୍ଧ ହୋଇଥାଏ । ଖାଇବା ଲାଗି ଏଠାକୁ ଆସୁଥିବା ଲୋକେ ଧର୍ମଶାଳା ବିଧାୟକଙ୍କୁ ପ୍ରଶଂସା କରିବା ସହିତ ତାଙ୍କୁ କୃତଜ୍ଞତା ଜଣାଇଥାନ୍ତି । ଜଣେ ବିଧାୟକଙ୍କ ଉଦ୍ୟମରେ ଶହ ଶହ ଲୋକମାନଙ୍କ ପାଇଁ ପ୍ରତ୍ୟେକ ଦିନ ଖାଦ୍ୟ ପ୍ରସ୍ତୁତ କରି ମାଗଣାରେ ଖାଇବାକୁ ଦେବା ନେଇ ନିର୍ବାଚନ ମଣ୍ଡଳୀ ସାରା ଲୋକେ ବିଧାୟକ ଶ୍ରୀ ସାହୁଙ୍କୁ ସାଧୁବାଦ ଜଣାଉଛନ୍ତ ।

ଜାତୀୟ ଅନୁସୂଚିତ ଜାତି କମିଶନ୍ ଆଇଜିପିଙ୍କୁ ନୋଟିସ୍

କେନ୍ଦ୍ରାପଡ଼ା,୧୦।୬/ଏନ୍ଏନ୍ଏସ୍: କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ଯୁବକ ଗୌରାଙ୍ଗ ସେଠୀଙ୍କ ଅପହରଣ ଓ ସନ୍ଦେହଜନକ ହତ୍ୟା ଘଟଣା ଏବେ ରାଜ୍ୟ ସୀମା ଅତିକ୍ରମ କରି ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି । ପୀଡ଼ିତଙ୍କ ପିତା ଅରୁଣ ସେଠୀଙ୍କ ଦ୍ୱାରା ଦାଖଲ ଅଭିଯୋଗ ଏବଂ ଆସ୍ଥେଦକର ସେବକ ସଂଘ ପକ୍ଷରୁ କରାଯାଇଥିବା ନିରନ୍ତର ଆଇନଗତ ଓ ସାମାଜିକ ହସ୍ତକ୍ଷେପ ପରେ ଜାତୀୟ ଅନୁସୂଚିତ ଜାତି କମିଶନ (ଏନ୍ସିଏସ୍ସି) ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି । କମିଶନ ପକ୍ଷରୁ ଜୁନ ୮ ତାରିଖରେ କେନ୍ଦ୍ରୀୟ ରେଞ୍ଜ, କଟକର ଆଇଜିପିଙ୍କୁ ନୋଟିସ୍ ଜାରି କରାଯାଇ ଘଟଣା ସମ୍ପର୍କିତ ଆକ୍ସନ ଟେକେନ୍ ରିପୋର୍ଟ (ଏଟିଆର୍) ୧୫ ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୩୩୮ ଅନୁଯାୟୀ ଥିବା ସାମ୍ବିଧାନିକ କ୍ଷମତା ବଳରେ କମିଶନ ଏହି ମାମଲାରେ ସିଧାସଳଖ ହସ୍ତକ୍ଷେପ କରିଥିବାରୁ ଘଟଣାଟି ଅଧିକ ଗୁରୁତ୍ୱ ପାଇଛି । ଜାତୀୟ ଅନୁସୂଚିତ ଜାତି କମିଶନ ଓଡ଼ିଶା ପୁଲିସକୁ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଓ ବିସ୍ତୃତ ତଥ୍ୟ ଦେବାକୁ କହିଛନ୍ତି । ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଓ ଅପରାଧର ପ୍ରକୃତି । ଏଫଆଇଆର ନମ୍ବର, ତାରିଖ ଏବଂ ଲାଗୁ ହୋଇଥିବା ଧାରା । ସମସ୍ତ ଅଭିଯୁକ୍ତଙ୍କ ନାମ ଓ ଠିକଣା । ଏପର୍ଯ୍ୟନ୍ତ କେତେ ଅଭିଯୁକ୍ତ ଗିରଫ ହୋଇଛନ୍ତି ଏବଂ କେବେ ଗିରଫ ହୋଇଛନ୍ତି । ଚାର୍ଜସିଟ୍ ଦାଖଲ ହୋଇଛି କି ନାହିଁ । ଅନ୍ତିମ ତଦନ୍ତ ରିପୋର୍ଟର ସ୍ଥିତି । ଏସ୍ସି/ଏସ୍ଟି (ଅତ୍ୟାଚାର ନିବାରଣ) ଆଇନ ଅନୁଯାୟୀ ପୀଡ଼ିତ ପରିବାରକୁ ଦିଆଯାଇଥିବା କ୍ଷତିପୂରଣ ଓ ସହାୟତା । ତଦନ୍ତ ସମୟରେ ପୁଲିସ ଦ୍ୱାରା ନିଆଯାଇଥିବା ସମସ୍ତ ପଦକ୍ଷେପର ବିସ୍ତୃତ ବିବରଣୀ । କମିଶନ ସ୍ପଷ୍ଟ କରିଛନ୍ତି ଯେ, ନିର୍ଦ୍ଧାରିତ

- ଗୌରାଙ୍ଗ ସେଠୀ ହତ୍ୟା ମାମଲା
- ୧୫ ଦିନ ମଧ୍ୟରେ ରିପୋର୍ଟ ତଲବ
- କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବି ଜୋର୍‌ଦାର୍

ସମୟ ମଧ୍ୟରେ ରିପୋର୍ଟ ଦାଖଲ ନ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସମ୍ବିଧାନ ପ୍ରଦତ୍ତ କ୍ଷମତା ବ୍ୟବହାର କରି ସମନ ଜାରି କରାଯାଇପାରିବ । ଗୌରାଙ୍ଗ ସେଠୀଙ୍କ ନିଖୋଜ ଘଟଣା ପରେ ପରିବାର ଲୋକେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ତୁରନ୍ତ ଓ ଫଳପ୍ରଦ ତଦନ୍ତ କରିନଥିବା ଅଭିଯୋଗ ହୋଇଛି । ପରେ ପେଟାପଡ଼ା ଜଙ୍ଗଲ ଅଞ୍ଚଳରୁ ଉଦ୍ଧାର ହୋଇଥିବା କଙ୍କାଳ ସଦୃଶ ମୃତଦେହକୁ ନେଇ ଅନେକ ପ୍ରଶ୍ନ ଉଠିଛି । ମାତ୍ର ୮ଦିନ ମଧ୍ୟରେ ମୃତଦେହର ଅସ୍ୱାଭାବିକ ପଚନ, ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ସତ୍ତ୍ୱେ ମୃତଦେହ ଉଦ୍ଧାରରେ ବିଳମ୍ବ, ଅନ୍ୟ ଅଭିଯୁକ୍ତଙ୍କ ଗିରଫରେ ବିଳମ୍ବ ଏବଂ ଘଟଣାସ୍ଥଳରୁ ମିଳିଥିବା ବସ୍ତୁର ଫରେନସିକ ପରୀକ୍ଷାକୁ ନେଇ ଗୁରୁତର ସନ୍ଦେହ ପ୍ରକାଶ ପାଇଛି । ସବୁଠାରୁ ବଡ଼ କଥା ହେଉଛି, ଉଦ୍ଧାର ହୋଇଥିବା ମୃତଦେହ ପ୍ରକୃତରେ ଗୌରାଙ୍ଗ ସେଠୀଙ୍କର କି ନୁହେଁ ତାହା ନିଶ୍ଚିତ କରିବା ପାଇଁ ତାଙ୍କ ପିତା ଅରୁଣ ସେଠୀଙ୍କ ଡିଏନ୍ଏ ନମୂନା ସଂଗ୍ରହ କରାଯାଇନଥିବା ଅଭିଯୋଗ ସାମ୍ନାକୁ ଆସିଛି । ଏହା ତଦନ୍ତର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଉପରେ ନୂଆ ପ୍ରଶ୍ନ ସୃଷ୍ଟି କରିଛି । ଆସ୍ଥେଦକର ସେବକ ସଂଘ ଏବଂ ଏସସି/ଏସଟି ସମନ୍ୱୟ କମିଟି ପକ୍ଷରୁ କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବି ତୀବ୍ର କରିଛନ୍ତି । ଏଥିରେ ଦାବି କରାଯାଇଛି ଯେ, ସ୍ଥାନୀୟ ପୁଲିସ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସ କମିଥିବାରୁ ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କିମ୍ବା ଅନ୍ୟ କୌଣସି ସ୍ୱାଧୀନ ଏଜେନ୍ସି ଦ୍ୱାରା କରାଯିବା ଆବଶ୍ୟକ । ସଂଗଠନ ପକ୍ଷରୁ ହତ୍ୟା, ଅପହରଣ, ଅପରାଧିକ ଷଡଯନ୍ତ୍ର, ପ୍ରମାଣ ନଷ୍ଟ କରିବା ଏବଂ ଏସ୍ସି/ଏସ୍ଟି ଅତ୍ୟାଚାର ନିବାରଣ ଆଇନର ସମସ୍ତ ପ୍ରଯୋଜ୍ୟ ଧାରା ଲାଗୁ କରିବାକୁ ଦାବି କରାଯାଇଛି । ଏହା ସହ ସମସ୍ତ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଓ ପୀଡ଼ିତ ପରିବାରକୁ ଆଇନ ଅନୁଯାୟୀ କ୍ଷତିପୂରଣ ଦେବାକୁ ମଧ୍ୟ ଦାବି ହୋଇଛି । ସାମାଜିକ ସଂଗଠନ ପକ୍ଷରୁ ଏହି ନ୍ୟାୟ ଆନ୍ଦୋଳନରେ ଆସ୍ଥେଦକର ସେବକ ସଂଘର ରାଜ୍ୟ ସଭାପତି ମନୋରଞ୍ଜନ ଜେନା, ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ବରିଷ୍ଠ ଆଇନଜୀବୀ ଅପୂର୍ବ ରଞ୍ଜନ ସେଠୀ, ଆସ୍ଥେଦକର-ଲୋହିଆ ବିଚାର ମଞ୍ଚର ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ମଲ୍ଲିକ, ପଙ୍ଗାମୁଣ୍ଡାଇ ଦଳିତ ସଂଘର ସଭାପତି କଳ୍ପତରୁ ମଲ୍ଲିକ, ସଂଯୋଜକ ଦିଲ୍ଲୀପ ମଲ୍ଲିକ, ଈଶ୍ୱର ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ମାଶାଘାଇ ସଭାପତି ସୁରେନ୍ଦ୍ର ମଲ୍ଲିକ, ପାରାଦୀପ ସଭାପତି ପିଙ୍କୁ ଜେନା, ଜଗତସିଂହପୁର ଜିଲ୍ଲା ସଭାପତି ସର୍ବେଶ୍ୱର ସାହୁ, କୋରାଇ ସଭାପତି ଯଶୋବନ୍ତ ଜେନା, ପୀତବାସ ନାୟକ, ଅନୁଗୁଳ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ନାୟକ, ଢେଙ୍କାନାଳ ଜିଲ୍ଲା ସଭାପତି ଭିକାରୀ ଚରଣ ନାୟକ, ଖୋର୍ଦ୍ଧା ଜିଲ୍ଲା ସଭାପତି ସୁନୀଲ ନାୟକ, ଦିବାକର ନାୟକ ଏବଂ ବିଭିନ୍ନ ଜିଲ୍ଲାର ଦଳିତ, ଆଦିବାସୀ ଓ ସାମାଜିକ ସଂଗଠନର ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଯୋଗଦେଇ ଗୌରାଙ୍ଗ ସେଠୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଚାଲିଥିବା ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ସମସ୍ତେ ଏକ ସ୍ୱାଧୀନ, ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତର ଦାବି କରିଥିବା ବେଳେ, ଦୋଷୀମାନଙ୍କୁ କୌଣସି ପ୍ରକାର ରାଜନୈତିକ ଜିମ୍ମା ପ୍ରଶାସନିକ ସୁରକ୍ଷା ନ ଦେବାକୁ ମଧ୍ୟ ଦାବି କରିଛନ୍ତି । ଦଳିତ ସମାଜର ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଏହା କେବଳ ଜଣେ ଯୁବକଙ୍କ ହତ୍ୟା ମାମଲା ନୁହେଁ ବରଂ ଦଳିତ ସମାଜର ନ୍ୟାୟ, ସମ୍ମାନ, ସାମ୍ବିଧାନିକ ଅଧିକାର ଏବଂ ଆଇନର ଶାସନ ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ତେଣୁ ଏହି ମାମଲାରେ ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସମଗ୍ର ଦଳିତ ସମାଜ ପାଇଁ ଏକ ପରୀକ୍ଷା ସଦୃଶ ବୋଲି ମତ ପ୍ରକାଶ ପାଇଛି । ଆସ୍ଥେଦକର ସେବକ ସଂଘ ଏବଂ ଏସ୍ସି/ଏସ୍ଟି ସମନ୍ୱୟ କମିଟି ସ୍ପଷ୍ଟ କରିଛନ୍ତି ଯେ, ଗୌରାଙ୍ଗ ସେଠୀ ହତ୍ୟା ମାମଲାର ସମ୍ପୂର୍ଣ୍ଣ ସତ୍ୟ ଉଦ୍ଘାଟନ, ସମସ୍ତ ଅଭିଯୁକ୍ତଙ୍କ ଗିରଫ ଏବଂ ପୀଡ଼ିତ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ସେମାନଙ୍କର ଆନ୍ଦୋଳନ ଓ ଆଇନଗତ ଲଢ଼େଇ ଜାରି ରହିବ ।

ଦୁଇ ବାଇକ୍ ଲୁଟେରା ଗିରଫ

ଧର୍ମଶାଳା,୧୦।୬/ଏନ୍ଏନ୍ଏସ୍: ଧର୍ମଶାଳା ଥାନା ପୁଲିସ ପକ୍ଷରୁ ୨ ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଦ୍ୱାରା ଚୋରି ହୋଇଥିବା ୩ଟି ବାଇକ୍ ସମେତ ସେମାନେ ବ୍ୟବହାର କରୁଥିବା ଗୋଟିଏ ବାଇକ୍ ଜବତ କରାଯାଇଛି । ଅଭିଯୁକ୍ତ ଦ୍ୱୟ ଢେଙ୍କାନାଳ ଜିଲ୍ଲା ନେହଲପ୍ରସାଦ ଥାନା ନୁଆସାହି ଗ୍ରାମର ପଦୁକା ପ୍ରଧାନଙ୍କ ପୁଅ ଅରକ୍ଷୀତ ପ୍ରଧାନ (୨୨) ଓ ଏହି ଗ୍ରାମର ଶୁକାନ୍ତ ପ୍ରଧାନଙ୍କ ପୁଅ ରିତୁ ପ୍ରଧାନ (୨୫) ବୋଲି ଜଣାପଡିଛି । ସୂଚନା ମୁତାବକ ଗତକାଲି ରାତିରେ ଧର୍ମଶାଳା ପୁଲିସର ଏଏସ୍ଆଇ ପ୍ରତାପ ଦେବତା, ଜାରକା ବିଟ ହାଉସ ଅଧିକାରୀ ବିଜୟ ବହେରା ଓ କଳାକାହୁ ଟିହୁ ରାତ୍ରି ପାଟ୍ରୋଲିଂ କରୁଥିବା ବେଳେ ଜାରକା ଛକ ଓଭର୍ ବ୍ରିଜ୍ ନିକଟରେ ଦୁଇଜଣ ଯୁବକ ଛିଡା ହୋଇଥିବା ଦେଖି ସେମାନଙ୍କୁ ପଚରା ଉଚରା କରିଥିଲେ । ଥାନାରେ ପଚରା ଉଚରା ପରେ ଉକ୍ତ ଯୁବକ ଦ୍ୱୟ ବାଇକ୍ ଚୋରିରେ ସମ୍ପୃକ୍ତ ଥିବା ଜଣାପଡିଥିଲା । ଯୁବକ ଦ୍ୱୟ ବିଭିନ୍ନ ସ୍ଥାନରୁ ବାଇକ ଚୋରି କରି ଏହି ଥାନା ତରଞ୍ଜିଆ ପଞ୍ଚାୟତ ପୋବଳ କାଜୁ ଜଙ୍ଗଲରେ ନେଇ ଲୁଚାଇଥିବା ସ୍ୱିକାର କରିଥିଲେ । ସେମାନଙ୍କ କଥା ଅନୁସାରେ ପୁଲିସ ପୋବଳ କାଜୁ ଜଙ୍ଗଲରେ ଚଢାଉ କରି ତିନିଗୋଟି ଚୋରା ବାଇକ୍‌କୁ ଜବତ କରିଥିଲା । ଏନେଇ ଧର୍ମଶାଳା ପୁଲିସ ୨୩୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କଲେ ଶିଳ୍ପମନ୍ତ୍ରୀ

ପାରାଦୀପ,୧୦।୬/ଏନ୍ଏନ୍ଏସ୍: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରୀ ଭାବରେ ଦୀର୍ଘଦିନ ଧରି ଦାୟିତ୍ୱ ନେବାର ଗୌରବ ଅର୍ଜନ କରିଥିବାରୁ ତାଙ୍କର ଦୀର୍ଘାୟୁ ଏବଂ ସୁସ୍ଥ ନିରାମୟ ଜୀବନ କାମନା କରି ରାଜ୍ୟ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଏବଂ ପାରାଦୀପ ବିଜେପି ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କ ସହିତ ବୁଧବାର ଦିନ ସ୍ଥାନୀୟ ହନୁମାନ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଭୁ ବଜରଙ୍ଗ ବାଲୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏଥିସହ ଭାରତର ଗଣତାନ୍ତ୍ରିକ ଇତିହାସରେ ଦୀର୍ଘ ସମୟ ଧରି କ୍ରମାଗତ ଭାବରେ ସେବା କରୁଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ଅନନ୍ୟ ଗୌରବ ଅର୍ଜନ କରିଥିବାରୁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସର୍ବକାଳୀନ ରେକର୍ଡକୁ ଅତିକ୍ରମ କରିବା ସହ କାର୍ଯ୍ୟାଳୟରେ କ୍ରମାଗତ ୪,୩୯୯ ଦିନର ଐତିହାସିକ ସଫଳତା ହାସଲ କରି ମୋଦୀ ଦେଶର ଗଣତାନ୍ତ୍ରିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଏହି ଅସାଧାରଣ ସଫଳତା ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ଅକ୍ଲାନ୍ତ ପରିଶ୍ରମ, ସେବା ମନୋଭାବ ଏବଂ ରାଷ୍ଟ୍ରନିର୍ମାଣ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତା ଉପରେ ଭାରତବାସୀଙ୍କ ଅତୁଟ ବିଶ୍ୱାସକୁ ପ୍ରତିଫଳିତ କରୁଛି । ବିଗତ ୧୨ ବର୍ଷ ମଧ୍ୟରେ ମୋଦୀଙ୍କ ଦକ୍ଷ ନେତୃତ୍ୱ ଦେଶରେ ଅନେକ ଯୁଗାନ୍ତକାରୀ ସଂସ୍କାର ଆଣିବା ସହ ଭାରତର ବିକାଶ ଯାତ୍ରାକୁ ଏକ ନୂଆ ସ୍ୱରୂପ ଦେଇପାରିଛି । ଚାଷୀଙ୍କ ଠାରୁ ଆରମ୍ଭ କରି ଉଦ୍ୟୋଗୀ, ମହିଳାଙ୍କ ଠାରୁ ଏମ୍ଏସ୍ଏମ୍ଇ ଏବଂ ଯୁବପିଢ଼ିଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ଶ୍ରେଣୀ ପର୍ଯ୍ୟନ୍ତ ମୋଦୀ ସରକାରଙ୍କ ପ୍ରତ୍ୟେକ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚି ଦେଶର କୋଟି କୋଟି ଜନସାଧାରଣଙ୍କୁ ସଶକ୍ତ କରିପାରିଛି । ତାଙ୍କର ବଳିଷ୍ଠ ନେତୃତ୍ୱରେ ଭାରତ ଆଜି ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମିର ସମ୍ପ୍ରସାରଣ, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା, ସାମାଜିକ ସଶକ୍ତୀକରଣ ଏବଂ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବିଶ୍ୱ ଦରବାରରେ ଭାରତର ଗୌରବ ବୃଦ୍ଧି ସହ ଦେଶର ସାଂସ୍କୃତିକ ଓ ସଭ୍ୟତାଗତ ଚେତନାର

ନିତି ଭାରତୀ

ସମ୍ପର୍କ ଚାରିଗୋଟି ନୀତି ଉପରେ ପର୍ଯ୍ୟବସିତ- ସମ୍ମାନ ପ୍ରଦର୍ଶନ, ବୁଝାମଣା, ଗ୍ରହଣ କରି ନେବା ଏବଂ ପସନ୍ଦ କରିବାର ମାନସିକତା।

- ମହାତ୍ମା ଗାନ୍ଧୀ

NITIDIN
ନିତିଦିନ
ଗୁରୁବାର, ୧୧ ଜୁନ ୨୦୨୬

ଅବିଶ୍ୱସନୀୟତାର ନୂତନ ପ୍ରସ୍ଥ

ନିରଞ୍ଜନ ସାହୁ

ଚଳିତ ମେ' ମାସ ମଧ୍ୟଭାଗରେ ଦୁଇ ଦିନ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚୀନ୍ ଗସ୍ତ କରି ଫେରି ଯାଇଛନ୍ତି। ନଅ ବର୍ଷ ତଳେ ସେ ଆସିଥିଲେ ସେଇ ଦେଶକୁ। ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ଆମେରିକା ଓ ଚୀନ୍ ଦୁହେଁ ବିଶ୍ୱର ସର୍ବାଗ୍ରେ ଏବଂ ସେମାନେ କିଛି ବର୍ଷ ହେଲା ପରସ୍ପରର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ପାଲଟିଛନ୍ତି। ପ୍ରାୟ ତିରିଶ ପଇଁତିରିଶ ବର୍ଷ ତଳେ ସୋଭିଏତ୍ ରୁଷ୍ ଭାଗ ଭାଗ ହୋଇଯିବା ପରେ ଏବଂ କ୍ରମାଗତ ଅର୍ଥନୈତିକ ପ୍ରଗତି ହାସଲ କଲା ପରେ ସେଇ ସ୍ଥାନଟି ଆବୋରି ବସିଛି ଚୀନ୍।

ସଦ୍ୟ ସମାପ୍ତ ଏହି ଗସ୍ତ ଅନେକ କାରଣ ପାଇଁ ଆଜି ସାରା ପୃଥିବୀରେ ଚର୍ଚ୍ଚାରେ। ଆମେରିକା ରାଷ୍ଟ୍ରପତିଙ୍କ ଅନୁରୋଧ କ୍ରମେ ଏଇ ଗସ୍ତ ଆୟୋଜିତ ହୋଇଥିଲା ଏବଂ ଇରାନ୍ ସହିତ ଆମେରିକାର ଯୁଦ୍ଧ ଅସମାହିତ ଭାବରେ ଶେଷ ହୋଇଥିବା ବେଳେ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଯୋଡ଼ି ଇରାନ୍‌କୁ କ୍ଷତିଗ୍ରସ୍ତ କରିବା ଥିଲା ଏଇ ଗସ୍ତର ମୂଳ ଲକ୍ଷ୍ୟ। କୌଣସି ରାଷ୍ଟ୍ରନାୟକ ଅନ୍ୟ କୌଣସି ଦେଶକୁ ଗସ୍ତ କଲେ ସେ ଏକାକୀ ଯାଇ ନଥାନ୍ତି; ତାଙ୍କ ସହିତ ଥାଆନ୍ତି ବିଶେଷ ପାରିଷଦ ମଣ୍ଡଳୀ, ବଛା ବଛା ସାମ୍ବାଦିକଗଣ ଏବଂ ସଂପୃକ୍ତ ଦେଶର ସର୍ବୋଚ୍ଚ ସ୍ତରୀୟ ଅଧିକାରୀମାନେ। ଏଇ ଗସ୍ତର ଉଦ୍ଦେଶ୍ୟ ଓ ଫଳ ବିଷୟରେ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ ସବୁଠାରୁ ବଡ଼ ଆଲୋଚନାର ବିଷୟବସ୍ତୁ ପାଲଟିଛି ଟ୍ରମ୍ପ୍ ଓ ତାଙ୍କ ସହଯୋଗୀମାନଙ୍କୁ ଚୀନ୍ ତରଫରୁ ଦିଆଯାଇଥିବା ଉପହାରଗୁଡ଼ିକୁ ସେମାନେ ନ ନେଇ ଆମେରିକା ରାଷ୍ଟ୍ରପତିଙ୍କର ବିମାନ ଏ-ୱାନ୍‌ରେ ଆରୋହଣ କରିବା ପୂର୍ବରୁ ଅଦରକାରୀ ଚିଜ ଯେଉଁ ଅଳିଆ ଗଦାରେ ପକାଯାଏ, ସେଇଠି ପକାଇ ଦେଇ ଯାଇଛନ୍ତି। ଏହାର କାରଣ ହୋଇପାରେ ସେଇ ତଥାକଥିତ ଉପହାର ସାମଗ୍ରୀ ମାଧ୍ୟମରେ କିଛି ଲୁକ୍କାୟିତ ଗୋପନୀୟ ଚିଜ ରହିଥିବା ସମ୍ଭାବନା; ଏହା ମାଧ୍ୟମରେ ସେମାନେ ବିଦେଶରେ କିଛି ଅଘଟଣ ଘଟେଇବା ବି ଅସମ୍ଭବ ନୁହେଁ; ଏହା ମାଧ୍ୟମରେ ସେମାନେ ଗୁଇନ୍ଦାଗିରି କରି ପାରନ୍ତି ବୋଲି ଆମେରିକାର ହୃଦ୍‌ବୋଧ ହୋଇଥିବ।

ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ, ଆମେରିକୀୟ ପ୍ରତିନିଧି ଦଳଙ୍କୁ ଚୀନ୍ ଗସ୍ତ ସମୟରେ ଦିଆଯାଉଥିବା ଉପହାର ସାମଗ୍ରୀକୁ ସେମାନେ ସନ୍ଦେହରେ ଦେଖନ୍ତି ଓ କେବେ ବି ନିଜ ଦେଶକୁ ନିଅନ୍ତି ନାହିଁ, ମାତ୍ର ଚଳିତ ଥର ସୋସିଆଲ ମିଡିଆରେ ସେହି ଉପହାର ସାମଗ୍ରୀଗୁଡ଼ିକୁ ଅଳିଆ ଗଦାରେ ପକା ଯାଉଥିବାର ଦୃଶ୍ୟ ଦେଖିବା ପରେ ବହୁ କଥା ମନରେ ସ୍ୱତଃ ଜାଗ୍ରତ ହେବା ସ୍ୱାଭାବିକ।

ଆମେରିକା ଓ ଚୀନ୍ ବର୍ତ୍ତମାନ ଅର୍ଥନୈତିକ ପ୍ରଗତି ଓ ବୈଜ୍ଞାନିକ ବିକାଶଧାରାରେ ପୃଥିବୀର ଏକ ଓ ଦୁଇ ନମ୍ବର ଦେଶ ଏବଂ ସ୍ୱାଭାବିକ ଭାବରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ। ଆମେରିକାର ରାଷ୍ଟ୍ରପତିଙ୍କୁ ସେମାନେ କେତେ ସୁନ୍ଦର ସ୍ୱାଗତ କଲେ, କେତେ ବାହାରକୁ ସମ୍ଭ୍ରମଶୀଳ ଲାଗୁଥିଲା ଦୁଇ ରାଷ୍ଟ୍ରମୁଖ୍ୟଙ୍କର ପରସ୍ପର ପ୍ରତି ଅଭିବାଦନ ଏବଂ ଆମେରିକା ରାଷ୍ଟ୍ରପତିଙ୍କର ଚୀନ୍ ରାଷ୍ଟ୍ରମୁଖ୍ୟଙ୍କ ପ୍ରତି ପ୍ରକାଶିତ ପ୍ରଶଂସାପୂର୍ଣ୍ଣ ଟିପ୍ପଣୀ। ମାତ୍ର ସେ ଫେରିଗଲା ବେଳେ ଆମେରିକାନ୍‌ମାନେ ଯେଉଁପରି ଭାବରେ ଉପହାର ସାମଗ୍ରୀକୁ ଫିଙ୍ଗିଦେଇ ଗଲେ, ତାହା ସୂଚାଏ ଆମେରିକାର ଅହଙ୍କାରର ସୀମାହୀନ ଅଶାଳୀନତାକୁ। ସେମାନଙ୍କଠାରେ ସାମାନ୍ୟ ସୌଜନ୍ୟବୋଧ ଯେମିତି ନାହିଁ! ମର୍ଯ୍ୟାଦା କେବଳ ଏକ ଲୋକଦେଖାଣିଆ ବେଭାର ନୁହେଁ, ଏହା ପରସ୍ପର ପ୍ରତି ସମ୍ବେଦନଶୀଳତା ଓ ବିଶ୍ୱସନୀୟତାର ପ୍ରତ୍ୟକ୍ଷ ପ୍ରତିଫଳନ।

ଧରନ୍ତୁ, ଆପଣ ଆପଣଙ୍କର ଜଣେ ପରିଚିତଙ୍କ ଘରକୁ ଅତିଥି ହୋଇ ଯାଇଛନ୍ତି। ସେ ମହାଶୟ ଫେରିବା ବେଳେ ଆପଣଙ୍କୁ କିଛି ସୌଜନ୍ୟସୂଚକ ଉପହାର ଦେଲେ, ଆଉ ଆପଣ ମହାଶୟଙ୍କ ଗେଟ୍ ପାଖରେ ଥିବା ଅଳିଆ ଗଦାରେ ଯଦି ତାହା ନିକ୍ଷେପ କରି ପ୍ରତ୍ୟାବର୍ତ୍ତନ କରିବେ, ତା'ହେଲେ ଆପଣ ଦୁହିଁଙ୍କର ସମ୍ପର୍କ କ'ଣ ହେବ ? ଦେଶ ଦେଶ ଭିତରେ ସମ୍ପର୍କ ବ୍ୟକ୍ତି ବ୍ୟକ୍ତିର ସମ୍ପର୍କର ଏକ ବୃହତ୍ତର ଉଦାହରଣ, ବରଂ ବ୍ୟକ୍ତିଗତ ସ୍ମୃତି ଅଳ୍ପ ସମୟ ପରେ ନରମି ଯାଇପାରେ। ମାତ୍ର ଦେଶ ଦେଶ ଭିତରେ ବିଶ୍ୱସନୀୟତା ଏତେ ତଳକୁ ଯିବା କେବଳ ଦୁଇ ଦେଶ ପାଇଁ ନୁହେଁ, ସମଗ୍ର ମାନବ ଜାତି ପ୍ରତି ବଡ଼ ଆହ୍ୱାନ। ଏ କ୍ଷେତ୍ରରେ ଦୁଇ ଦେଶ ପ୍ରବଳ ପରାକ୍ରମୀ- ଉଭୟଙ୍କ ନିକଟରେ ଆଣବିକ ଅସ୍ତ୍ରର ବିପୁଳ ଭଣ୍ଡାର ଏବଂ ଖରାପ ସମ୍ପର୍କ ସୃଷ୍ଟି କରିପାରେ ସାରା ବିଶ୍ୱ ପାଇଁ ଭୟଙ୍କର ବିପଦ।

ଆଧୁନିକ ଯୁଗର ବିଶେଷ ବିଲକ୍ଷଣ ହେଲା, ବ୍ୟକ୍ତି-ବ୍ୟକ୍ତି ଭିତରେ, ଦେଶ-ଦେଶ ଭିତରେ ଖାଲି ତିକ୍ତତା, ଶତ୍ରୁତା ବୃଦ୍ଧି ପାଇନାହିଁ; ବିଶ୍ୱାସ ସବୁଠାରୁ ନିମ୍ନ ସ୍ତରକୁ ଆସିଛି। କୁହାଯାଏ, ଶହେଟି ଭଲ କାମ କ୍ରମାନ୍ୱୟରେ କଲେ ଆମେ ଅନ୍ୟର ବିଶ୍ୱାସ ଜିତି ପାରିବା, ମାତ୍ର ଶହେ ଏକତମ କାମଟି ଭୁଲ୍ ହେଲେ ସେଇ ବିଶ୍ୱାସ ଅବିଳମ୍ବେ ଶୂନ୍ୟ ସ୍ଥାନରେ ପହଞ୍ଚି ଯିବ। ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ମାନୁଥିବା ରାଷ୍ଟ୍ରମାନେ ସବୁବେଳେ ଅନ୍ୟକୁ ଅତିକ୍ରମ କରିବାକୁ ଚାହୁଁଛନ୍ତି କ୍ଷମତାରେ, ଯୁଦ୍ଧ କୌଶଳରେ ଏବଂ ଅର୍ଥନୈତିକ ପ୍ରଗତିରେ।

କେତେକ ବିଶ୍ଳେଷଣକଙ୍କ ମତରେ, ଏଥର ଟ୍ରମ୍ପ୍‌ଙ୍କ ଗସ୍ତ ସଫଳ ହୋଇନାହିଁ ବୋଲି ତାଙ୍କର ହୃଦ୍‌ବୋଧ ହେବାରୁ ସେ ସର୍ବସମକ୍ଷରେ ଉପହାର ସାମଗ୍ରୀ ଫିଙ୍ଗି ତାଙ୍କର ହତାଶାବୋଧକୁ ସାରା ବିଶ୍ୱ ସମକ୍ଷରେ ଆଉ ଥରେ ପ୍ରଦର୍ଶନ କରିଛନ୍ତି। ହର୍ମୁଜ୍ ପ୍ରଣାଳୀ ଖୋଲାଯାଉ ଏବଂ ଇରାନ୍ ଆଣବିକ ଶକ୍ତିସମ୍ପନ୍ନ ନ ହେଉ- ଏଇ ଦୁଇଟି ବିଷୟରେ ଚୀନ୍ ଆମେରିକା ସହିତ ସହମତ ହେଲା ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ ନିଜେ ସୂଚନା ଦେଇଥିଲେ। ମାତ୍ର ସେତିକି ବେଳେ ଚୀନ୍‌ର ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ କହିଲେ ଯେ ତାଇୱାନ ବିଷୟରେ ତାଙ୍କ ରାଷ୍ଟ୍ରର ମତ ଦୃଢ଼ ଏବଂ ଏହା ସବୁବେଳେ ଆମେରିକାନ୍ ମତର ବିପରୀତ। ମାତ୍ର ଏଥିରେ ଚୀନ୍ ତରଫରୁ ସାମାନ୍ୟ କୋହଳ ମତର ପ୍ରଶ୍ନ ନାହିଁ, ଏପରିକି ଯେ କୌଣସି ସାମରିକ ପରିସ୍ଥିତି ପାଇଁ ମଧ୍ୟ ଚୀନ୍ ପ୍ରସ୍ତୁତ ଅଛି। ଏହା ଆମେରିକାର ରାଷ୍ଟ୍ରପତିଙ୍କୁ ନିଶ୍ଚିତ ଭାବରେ ସୁହାଇ ନଥିବ।

କୂଟନୈତିକ ସମ୍ପର୍କ ରକ୍ଷା କଲା ବେଳେ ଦେଶ ଦେଶର

ପ୍ରତିନିଧିମାନେ ଉଚ୍ଚ ସୌଜନ୍ୟବୋଧ ମାନିବା ଆବଶ୍ୟକ। ଯେତେବେଳେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସ୍ତରରେ ଆଲୋଚନା ହୁଏ, ସେତେବେଳେ ଦୁଇ ଦେଶର ଜାତୀୟ ପତାକା ସମାନ ଉଚ୍ଚରେ ଉଡୁଥାଏ। ଏହା ଏକ ପ୍ରତୀକ ଯେ ଆଲୋଚନା ବେଳେ ଉଭୟଙ୍କ ଭିତରେ ସମତା ଓ ମୈତ୍ରୀ ଭିତ୍ତିରେ କଥାବାର୍ତ୍ତା ହେବ। ଯେ କୌଣସି ଆଲୋଚନା ବା କଥାବାର୍ତ୍ତା ମାଧ୍ୟମରେ ବହୁ କଠିନ ସମସ୍ୟାର ସମାଧାନ କରାଯାଇପାରେ। ତେଣୁ କୁହାଯାଏ, ଏପରି କିଛି ସମସ୍ୟା ନାହିଁ, ଯାହା କଥାବାର୍ତ୍ତା ମାଧ୍ୟମରେ ନ ହୋଇ ଯୁଦ୍ଧ ମାଧ୍ୟମରେ ସମାହିତ ହୋଇ ପାରିବ। ଯୁଦ୍ଧ ଯେ ଉଭୟ ପକ୍ଷରୁ ବହୁ କ୍ଷତି ସାଧନ କରେ ଏବଂ ସାଧାରଣ ଲୋକ, ଶିଶୁ, ମହିଳା, ବୃଦ୍ଧ, ଅସହାୟମାନେ ଏଥିରେ ସବୁଠାରୁ ବେଶୀ କ୍ଷତି ସହନ୍ତି- ତାହା କାହାରିକୁ ଅଜଣା ନୁହେଁ। ଗୋଟିଏ ଥର କଥାବାର୍ତ୍ତାରେ ଯେ ସମାଧାନ ବାହାରି ପଡ଼େ, ତା' ନୁହେଁ, ବହୁ ସମୟରେ ଏକାଧିକ ଥର ବା ବାରମ୍ବାର ଆଲୋଚନା କରିବାକୁ ପଡ଼ିଥାଏ ଏବଂ ବହୁ ଧୈର୍ଯ୍ୟସମ୍ପନ୍ନ ବ୍ୟକ୍ତି ସେଥିରେ ସଫଳକାମ ହୁଅନ୍ତି।

ଆମେରିକା ଗସ୍ତ କଲେ ଚୀନ୍ କୂଟନୈତିକ ବଳଙ୍କୁ ଉପହାର ମିଳେ ନା ନାହିଁ ଏବଂ ତାକୁ ସେମାନେ କିପରି ବ୍ୟବହାର କରନ୍ତି ବୋଲି ଆପଣଙ୍କ ଭିତରେ ଏକ ସ୍ୱାଭାବିକ ପ୍ରଶ୍ନ ଆସୁଥାଇ ପାରେ। ଅତିଥିମାନଙ୍କୁ ଉପହାର ପ୍ରଦାନ କରିବା ଏକ ଆନ୍ତର୍ଜାତିକ ସୌଜନ୍ୟ ଓ ତହିଁରେ ଆମେରିକାନ୍‌ମାନେ ହେଳା କରନ୍ତି ନାହିଁ। ମାତ୍ର ଆମେରିକାନ୍ ଦଳ ଏଥର ଯେପରି ଅସୌଜନ୍ୟ ପ୍ରଦର୍ଶନ କଲେ, ଚୀନ୍ ତରଫରୁ ସେପରି ସର୍ବସମ୍ମୁଖରେ କରାଯାଏ ନାହିଁ। ଚୀନ୍‌ର ବିଦେଶ ନୀତି ଅନୁସାରେ କୌଣସି ବ୍ୟକ୍ତିବିଶେଷଙ୍କର ସେ ଉପହାର ସାମଗ୍ରୀରେ ଅଧିକାର ନାହିଁ। ମାତ୍ର ସେସବୁ ସାମଗ୍ରୀ ଯାଞ୍ଚ କରାଯାଏ, କାରଣ ସେଥିରେ କାଳେ ଗୁଇଦାଗିରି ପାଇଁ କିଛି ଚିପ୍‌ସ ଜାତୀୟ ଚିଜ ରହିଥିବ ! ତା'ପରେ ତାହା ଦେଶର ସାମଗ୍ରୀ ପାଲଟି ଯାଏ।

ଭାରତୀୟ ଦର୍ଶନରେ ଗୋଟିଏ କଥା କୁହାଯାଏ- 'ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁଦୂର।' ପରସ୍ପର ପ୍ରତି ବିଶ୍ୱାସହୀନତା ଏବଂ ଆଜିର ତର୍କପ୍ରଧାନ କୂଟନୀତି ଫଳରେ ଆମେ ସମସ୍ତେ ଲକ୍ଷ୍ୟସ୍ଥଳରୁ ବହୁ ଦୂରକୁ ଚାଲି ଯାଉଛେ ଏବଂ ଶାନ୍ତି ହୋଇଛି ସୁଦୂର ପରାହତ।

(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ। ମତାମତ ବ୍ୟକ୍ତିଗତ।)
ମୋ: ୯୪୩୮୪୮୨୯୧୧

ଗୁଗୁଲର ମଶାମରା ଅଭିଯାନ

ନରେନ୍ଦ୍ର ସେଠୀ

ମଶା ଗୋଟିଏ ଅତ୍ୟନ୍ତ କ୍ଷୁଦ୍ର କୀଟ ହୋଇଥିଲେ ମଧ୍ୟ ଏହାର କାମୁଡ଼ା ଏକ ବିଶାଳ ଆର୍ଥିକ ପରିଣାମ ବହନ କରିଥାଏ। ଯଦିବା ଆମେ ଅଧିକାଂଶ ମଶା କାମୁଡ଼ାକୁ ଅଳ୍ପ ସମୟ ପାଇଁ କୁଣ୍ଡେଇ ହେଉଥିବା ଯନ୍ତ୍ରଣା ବ୍ୟତୀତ ଅନ୍ୟ କିଛି ମନେ କରୁନା, କିନ୍ତୁ ପ୍ରକୃତରେ ପ୍ରତି ବର୍ଷ ଲକ୍ଷ ଲକ୍ଷ ଲୋକ ମଶାବାହିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ମଶାକୁ ସାଧାରଣ ସ୍ୱାସ୍ଥ୍ୟ ପାଇଁ ପ୍ରମୁଖ ବିପଦ ମଧ୍ୟରେ ତାଲିକାଭୁକ୍ତ କରିଛି। ପ୍ରତି ବର୍ଷ ବିକାଶଶୀଳ ଦେଶଗୁଡ଼ିକ କୋଟି କୋଟି ଡଲାର କ୍ଷତି ସହନ୍ତି, ମଶା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରନ୍ତି। ସାଧାରଣ ମ୍ୟାଲେରିଆ ପରି ମଶାଜନିତ ରୋଗ ପାଇଁ ବିଶ୍ୱରେ ବର୍ଷକୁ ୧୨ ବିଲିୟନ ଡଲାର ଖର୍ଚ୍ଚ ହୋଇଥାଏ। ପ୍ରତି ବର୍ଷ ଦଶ ଲକ୍ଷ ଲୋକ ମଶାବାହିତ ରୋଗରେ ମୃତ୍ୟୁବରଣ କରିଥାନ୍ତି। ଭାରତରେ ମଶା ବିକର୍ଷକ ବ୍ୟବସାୟ ପ୍ରାୟ ୬୫୦୦ କୋଟି ଟଙ୍କାର ବୋଲି ଅନୁମାନ କରାଯାଇଛି। ମଶାବାହିତ ରୋଗଗୁଡ଼ିକ ମଧ୍ୟରେ ମ୍ୟାଲେରିଆ, ଡେଙ୍ଗୁ, ଜିକା, ଚିକନ୍‌ଗୁନିଆ ଏବଂ ହଳଦିଆ ଜ୍ୱର ଅନ୍ତର୍ଭୁକ୍ତ। ସବୁଠୁ କୌତୁହଳର କଥା ହେଲା, ସବୁ ମଣିଷଙ୍କୁ ମଶାମାନେ ସମାନ ଭାବରେ କାମୁଡ଼ନ୍ତି ନାହିଁ, କିଛି ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ମଶାଙ୍କ ପ୍ରତି ଅଧିକ ଆକର୍ଷଣୀୟ ଥିବାର ଲକ୍ଷ୍ୟ କରା ଯାଇଥାଏ। ଏହାର କାରଣ ହେଲା, ମଶା ମଣିଷ ଶରୀରରୁ ନିର୍ଗତ ହେଉଥିବା ଲାକ୍ଟିକ ଏସିଡ, କାର୍ବନ ଡାଇଅକ୍ସାଇଡ ଓ ଅନ୍ୟ ବାଷ୍ପୀୟ ଜୈବ ଯୌଗିକ ପଦାର୍ଥକୁ ସଂକେତ ଭାବରେ ମଣିଷକୁ ପ୍ରାଣୀମାନଙ୍କଠାରୁ ଅଲଗା କରିଥାଏ। ଯେଉଁ ମଣିଷ ଦେହରୁ ଯେତେ ଅଧିକ ସଂକେତ ଆସେ, ତାକୁ ସେତେ ମଶା କାମୁଡ଼ିଥାନ୍ତି। ସାଧାରଣତଃ ଦେହର ଝାଳରେ ଉପସ୍ଥିତ ସଲକାଟୋନ ନାମକ ରସାୟନ ମଶାଙ୍କୁ ଆକର୍ଷିତ କରିଥାଏ। ଯେଉଁ ମଣିଷର ଦେହରେ ଯେତେ ଅଧିକ ସଲକାଟୋନ ଥାଏ, ଏହାର ବାସ୍ନାରେ ମଶାମାନେ ସେତେ ଅଧିକ ଆକର୍ଷିତ ହୋଇ କାମୁଡ଼ିବାର ସମ୍ଭାବନା ରହିଥାଏ। ସଲକାଟୋନ ଏକ ଅତି ବାଷ୍ପୀୟ ରାସାୟନିକ ପଦାର୍ଥ ହୋଇ ଥିବାରୁ ଏହା ମଣିଷର ଚର୍ମରୁ ନିର୍ଗତ ହୋଇ ପବନରେ ମିଶିଯାଏ। ୧୫ କିମ୍ବା ୨୦ ଫୁଟ ଦୂରରେ ଥିବା ମଶା ଏହାର ଗନ୍ଧକୁ ବାରି ମଣିଷ ପାଖରେ ପହଞ୍ଚି ପାରନ୍ତି।

ସେହିପରି ମଣିଷ ଦେହରୁ ନିର୍ଗତ ଅଙ୍ଗାରକାମ୍ଳକୁ ମଶାମାନେ ଶହେ ଫୁଟ ଦୂରରୁ ସହଜରେ ବାରି ପାରନ୍ତି। କିନ୍ତୁ ଯେତେବେଳେ ଆମେ ଗୁଗୁଲ କଥା ଚିନ୍ତା କରୁ, ଏହା ସାଧାରଣତଃ ଏକ ସର୍ଚ୍ଚ୍ ଇଞ୍ଜିନ ଭାବରେ ଆମ ମନରେ ଆସିଥାଏ, ଯାହାକୁ ବ୍ୟବହାର କରି ଆମେ ବିଭିନ୍ନ ଜିନିଷ ବିଷୟରେ ଜାଣିଥାଉ। ଗୁଗୁଲ କଥା ଚିନ୍ତା କରିବା ବେଳେ କେବେ ଆମ ମନରେ ମରାଣାନ୍ତକ ରୋଗ ସୃଷ୍ଟି କରୁଥିବା ମଶାଙ୍କ କଥା ଆସି ନଥାଏ। ତେବେ ଗୁଗୁଲର ମୁଖ୍ୟ କମ୍ପାନୀ ଆଲଫାବେଟ ବିପୁଳ ରାଶି ବିନିଯୋଗ କରି କୋଟି କୋଟି ମଶା ପ୍ରଜଜନ କରାଇ ପରିବେଶରେ ଛାଡ଼ିବାକୁ ଯାଉଛି। ଏଥିପାଇଁ ସେ ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସିର ଅନୁମତି ପାଇଁ ଆବେଦନ କରିଛି। ଗୁଗୁଲର ପ୍ରାଣୀ ବିଜ୍ଞାନ ବିଭାଗ ଦ୍ୱାରା ଡିବଗ ନାମକ ଏହି ଯୋଜନା ୨୦୧୬ ମସିହାରେ ଆରମ୍ଭ ହୋଇଥିଲା, ଯାହାର ଫଳ ସ୍ୱରୂପ ତିନି କୋଟିରୁ ଅଧିକ ବିଶେଷ ଭାବରେ ବିକଶିତ ମଶା ଆମେରିକାର ଫ୍ଲୋରିଡା ଓ କାଲିଫର୍ଣ୍ଣିଆରେ ଛାଡ଼ିବାକୁ ପ୍ରସ୍ତୁତି ସରିଛି।

କିନ୍ତୁ ଗୁଗୁଲ ପରି ଏକ ସଫ୍ଟୱେର୍ କମ୍ପାନୀ କ'ଣ ପାଇଁ ମଶା ପ୍ରସ୍ତୁତ କରିବା ଭଳି କାମରେ ଲାଗିଛି ? ଏହାର ଉତ୍ତର ସୂକ୍ଷ୍ମ ଜୀବ ବିଜ୍ଞାନ, ରୋବୋଟିକ୍ସ ଏବଂ ଉନ୍ନତ ଡାଟା ଆନାଲିଟିକ୍ସର ଏକ ଆକର୍ଷଣୀୟ ସମ୍ମିଶ୍ରଣରେ ଲୁକ୍କାୟିତ ଅଛି। ତେବେ ଡିବଗ୍ ଏକ ଦଶନ୍ଧିରୁ ଅଧିକ ପୁରୁଣା ଏକ ବହୁଜନ ହିତାୟ ପ୍ରକଳ୍ପ, ଯେଉଁଠି ବିଶ୍ୱର ଅନେକ ବୈଜ୍ଞାନିକ ଜଙ୍ଗଲୀ ରୋଗ ବାହକ ମଶାଙ୍କୁ ବନ୍ଧ୍ୟାକରଣ ଉପାୟରେ ନିୟନ୍ତ୍ରିତ କରିବାରେ ଲାଗି ପଡ଼ିଛନ୍ତି। ଡିବଗ୍ ପ୍ରକଳ୍ପ ଜୀବାଣୁମୁକ୍ତ କୀଟ କୌଶଳ ଦ୍ୱାରା କୀଟର ଗୁଣସୂତ୍ର ପରିବର୍ତ୍ତନ କରିବା କିମ୍ବା କୀଟନାଶକ ବ୍ୟବହାର କରିବା ବଦଳରେ ୱୋଲବାଚିଆ ନାମକ ଏକ ପ୍ରାକୃତିକ ଭାବରେ ଉପଲବ୍ଧ ଜୀବାଣୁ ବ୍ୟବହାର କରେ। ପୁରୁଷ ମଶାଙ୍କୁ ପ୍ରୟୋଗଶାଳାରେ ୱୋଲବାଚିଆ କୀଟାଣୁ ଦ୍ୱାରା ସଂକ୍ରମିତ କରି ସ୍ୱୟଂଚାଳିତ କୁତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ରୋବୋଟମାନଙ୍କ ଦ୍ୱାରା ଅଲଗା କରି ରଖାଯାଏ। ସଂକ୍ରମିତ ପୁରୁଷ ମଶା ଜଙ୍ଗଲୀ ମାଈ ମଶାଙ୍କ ସହିତ ମିଳନ କରିବା ଦ୍ୱାରା ଜୈବିକ ଅସଙ୍ଗତି ହୋଇଥାଏ। ଏହାର ପରିଣାମ ସ୍ୱରୂପ ଅଣ୍ଡାଗୁଡ଼ିକ ଅକାମି ହୋଇଯାଏ ଏବଂ କେବେ ଫୁଟି ନଥାଏ। ପୁରୁଷ ମଶାଙ୍କୁ ପ୍ରୟୋଗଶାଳାରେ ସ୍ୱୟଂଚାଳିତ କୁତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ରୋବୋଟ୍‌ମାନଙ୍କ ଦ୍ୱାରା ଅଲଗା କରି ରଖାଯାଏ। ଯଦି ଏହି ପୁରୁଷ ମଶାଙ୍କୁ ସଂକ୍ରମିତ ଅଞ୍ଚଳରେ ଛାଡ଼ି ଦିଆଯାଏ, ତା'ହେଲେ ସେଠାରେ ରୋଗ ବହନ କରୁଥିବା ଜଙ୍ଗଲୀ ମଶାଙ୍କ ବଂଶ ଧୀରେ ଧୀରେ ହ୍ରାସ ପାଇଥାଏ। ଏଠାରେ ସୂଚନାଯୋଗ୍ୟ ଯେ କେବଳ ମାଈ ମଶାମାନେ ଅଣ୍ଡାର ବିକାଶ ପାଇଁ ଆବଶ୍ୟକ ରକ୍ତ ପାଇବା ନିମନ୍ତେ ମଣିଷଙ୍କୁ



କାମୁଡ଼ିଥାନ୍ତି; ପୁରୁଷ ମଶା ସମ୍ପୂର୍ଣ୍ଣ ଶାକାହାରୀ ଅଟନ୍ତି। ଏହି ପ୍ରକଳ୍ପରେ କେବଳ ପୁରୁଷ ମଶାଙ୍କୁ ପରିବେଶରେ ଛଡ଼ା ଯାଇଥାଏ ଓ ସେଥିପାଇଁ ମଶା କାମୁଡ଼ିବା ସମସ୍ୟା ହୋଇ ନଥାଏ।

ଯଦିବା ୱୋଲବାଚିଆ ଜୀବାଣୁ ବ୍ୟବହାର କରି ମଶା ନିୟନ୍ତ୍ରଣ କରିବା ଏକ ପ୍ରମାଣିତ ଉପାୟ, ତେବେ ଏହାକୁ ବହୁଳ ସ୍ତରରେ କରିବା କଷ୍ଟସାପେକ୍ଷ ହୋଇଥିବାରୁ ଏତେ ସଫଳତା ଲାଭ କରିପାରି ନଥିଲା। ତେବେ ଗୁଗୁଲ କମ୍ପାନୀର ପାରଙ୍ଗମ ପ୍ରଯୁକ୍ତିବିଦ୍ୟା ଏଥିପାଇଁ ସହାୟକ ହୋଇଛି। ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ବହୁ ପରିମାଣରେ ପୁରୁଷ ମଶାଙ୍କୁ ଏକତ୍ରିତ କରିବା ପାଇଁ ଗୁଗୁଲ ସ୍ୱନିୟନ୍ତ୍ରିତ ରୋବୋଟ୍, ଅତି ସଠିକ୍ ଦୃଶ୍ୟମାନ ବାଛିବା ପ୍ରଣାଳୀ ଓ କୁତ୍ରିମ ବୁଦ୍ଧିମତ୍ତାର ସାହାଯ୍ୟ ନେଉଛି। ସେନ୍ସର ଏବଂ ଉନ୍ନତ ତଥ୍ୟ ବିଶ୍ଳେଷଣ ସାହାଯ୍ୟରେ ଜଙ୍ଗଲୀ ମଶା ସଂଖ୍ୟାକୁ ପଛରେ ପକାଇବା ପାଇଁ ଆବଶ୍ୟକ ସ୍ଥାନ ନିର୍ଣ୍ଣୟ କରି ପାରୁଛି। ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସିର ପ୍ରସ୍ତାବିତ ପ୍ରକଳ୍ପର ଲକ୍ଷ୍ୟ ହେଲା, ଡେଙ୍ଗୁ, ଜିକା ଏବଂ ହଳଦିଆ ଜ୍ୱରର ପ୍ରାଥମିକ ବାହକ ଭାବରେ ଏହି ମାଈ ମଶାଙ୍କୁ ନିୟନ୍ତ୍ରିତ କରିବା। ଏକ ଲୋକପ୍ରିୟ ସର୍ଚ୍ଚ୍ ଇଞ୍ଜିନ ଭାବେ ଘରେ ଘରେ ପରିଚିତ ଗୁଗୁଲ ଏହି ପ୍ରକଳ୍ପରେ ଜନକଲ୍

ଟିପିସିଓଡିଏଲ୍ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଦଶପଲ୍ଲା,୧୦।୬/ଏନ୍ଏନ୍ଏସ୍: ଟିପିସିଓଡିଏଲ ବିରୋଧରେ ଚାଡିଲେ ଉପଭୋକ୍ତା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପାଞ୍ଚ ଦଫା ଦାବି ନେଇ ଦଶପଲ୍ଲା ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ପ୍ରଫୁଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଶପଲ୍ଲାର ବିଦ୍ୟୁତ ଉପଭୋକ୍ତାମାନେ ଏକତ୍ରିତ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପାଞ୍ଚ ଦଫା ଦାବି ମଧ୍ୟରେ ଟାଟା ପାୱାର୍‌ର ଦଶପଲ୍ଲାରେ ମନଇଚ୍ଛା ବିଦ୍ୟୁତ୍‌କାଟ୍, ଲୋ-ଭୋଲଟେଜ୍‌ର ଦୂରୀକରଣ, ସଂଗଠିତ ଭାବେ ପ୍ରତିବାଦ କରୁଥିବା ଉପଭୋକ୍ତାଙ୍କ ନାମରେ

୩୦ରେ ଦଶପଲ୍ଲା ବନ୍ଦ

ଟିପିସିଓଡିଏଲ୍‌ର ମିଥ୍ୟା ମୋକଦ୍ଦମାକୁ ପ୍ରତ୍ୟାହାର ସ୍ମାର୍ଟ ମିଟର ଲଗାଇବା ବାହାନାରେ ଗ୍ରାହକମାନଙ୍କ ପ୍ରତି ଜୁଲୁମ ବନ୍ଦ କରିବା ଆଦି ଦାବିରେ ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଏକ ଗଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ଗଣ ସଂଗଠନ, ଦଶପଲ୍ଲା ଏନଏସିର ଅଧକ୍ଷା ଜଂ ପୂନମ୍ ପ୍ରିୟଦର୍ଶିନୀ, ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର, ମହାବୀର ବଣିକ ମହାସଂଘ ସଭାପତି ଅଲେଖ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ, ଦଶପଲ୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ କୁମାର ପାତ୍ର, ଘରୋଇ ବସ ମଲିକ ସଂଘ ସଭାପତି ସୂର୍ଯ୍ୟମଣୀ ଦାଶ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅଧିବକ୍ତା ସୁଶାନ୍ତ କୁମାର ପାତ୍ର, ଅଧିବକ୍ତା ଦିଲ୍ଲୀପ କୁମାର ପଣ୍ଡା, ରୋଟାରୀ କ୍ଲବ ସଭାପତି ବିଜୟ କୁମାର ଅଗ୍ରୱାଲ, ସମ୍ପାଦକ ସନ୍ତୋଷ କୁମାର ସାହୁ, ସ୍ପଟିଭ ସ୍ପଟ୍ ସୋସାଇଟି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର, ପ୍ରେସ୍ କ୍ଲବ ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ସମେତ ୨୦ ଗୋଟି ଯୁବକ ସଂଘ ଓ କ୍ଲବ୍‌ର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ବିଦ୍ୟୁତ ଉପଭୋକ୍ତାମାନେ ହାତରେ ବିଅଣା ଓ ଲଣ୍ଠନ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏହି ଶୋଭାଯାତ୍ରା ଦଶପଲ୍ଲା ତହସିଲ ଅଫିସ ଠାରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୨୫ତାରିଖ ସୁଦ୍ଧା ଏହାର ସମାଧାନ ନ ହେଲେ ୩୦ ତାରିଖ ଦିନ ଦଶପଲ୍ଲା ବନ୍ଦ କରାଯିବ ବୋଲି ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଘୋଷଣା କରାଯାଇଥିଲା। ପରେ ଶହ ଶହ ଉପଭୋକ୍ତାଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବା ସମୟରେ ତହସିଲ୍‌ର କୌଣସି ଅଧିକାରୀ ନଥିବା ହେତୁ ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ପ୍ରତିବାଦରେ ଉପଭୋକ୍ତାମାନେ ତହସିଲ ଫାଟକ ସମ୍ମୁଖରେ କିଛି ସମୟ ଜିଦ୍ ଧରି ବସି ରହିବା ସହ ହନୁମାନ ଚାଲିଶା ପାଠ କରିଥିଲେ। ଶେଷରେ ବାଧ୍ୟ ହୋଇ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ କ୍ଷମତାପ୍ରାପ୍ତ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ଆଇନଶୃଙ୍ଖଳା ପାଇଁ ଥାନାଧିକାରୀ ବିନୟ ରଞ୍ଜନ ପରିଡା ଓ ଫୋର୍ସ ଉପସ୍ଥିତ ଥିଲେ।

ନୟାହାଟ ଫାଣ୍ଡିରେ କର୍ମଚାରୀ ମରୁଡ଼ି; କନ୍‌ଷ୍ଟେବଳ, ହାବିଲ୍‌ଦାର ଲମ୍ବା ଛୁଟିରେ

ନୟାହାଟ,୧୦।୬/ଏନ୍ଏନ୍ଏସ୍: ପୁରୀ ଜିଲ୍ଲା ଗୋପ ଥାନା ଅଧୀନରେ ଥିବା ନୟାହାଟ ଫାଣ୍ଡି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଆବଶ୍ୟକ ପୋଲିସ କର୍ମଚାରୀ ଓ ଜଣେ ଏଏସ୍‌ଆଇ ନଥିବାରୁ କର୍ମଚାରୀ ମରୁଡି ଦେଖାଯାଉଛି। ଏହି ଫାଣ୍ଡି ଅଞ୍ଚଳରେ ୬ ଟି ପଞ୍ଚାୟତର ୭୫ଟି ଗାଁ ରହିଥିବା ବେଳେ ଫାଣ୍ଡିରେ ଜଣେ ଏଏସ୍‌ଆଇ ଫାଣ୍ଡି ଅଧିକାରୀ ଭାବେ ଶ୍ରୀଧର ମଲିକ କାର୍ଯ୍ୟ ତୁଲାଉଥିବା ବେଳେ ତାଙ୍କୁ ସହଯୋଗ ପାଇଁ ୫ଜଣ କନଷ୍ଟେବଳ ଜଣେ ହାବିଲଦାର ନିଯୁକ୍ତି ପାଇବା କଥା ବର୍ତ୍ତମାନ ଫାଣ୍ଡିରେ ୪ଜଣ କନେଷ୍ଟବଳ ଜଣେ ହାବିଲଦାର ନିଯୁକ୍ତି ପାଇଥିବା ବେଳେ ତାମଧ୍ୟରୁ ଦୁଇ କନଷ୍ଟେବଳ ଜଣେ ହାବିଲଦାର ଲମ୍ବା ଛୁଟିରେ ଅଛନ୍ତି। ବାକି ଦୁଇ କନେଷ୍ଟବଳ ଫାଣ୍ଡିରେ ଥିବା ବେଳେ ସେମାନେ ସକାଳୁ ରାତି ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ବୁଝୁଥିବା ବେଳେ ଗ୍ରାମାଞ୍ଚଳରୁ ଆସୁଥିବା ଅଭିଯୋଗ ଶୁଣି ଲୋକଙ୍କୁ ଡାକିବା ପାଇଁ ଫାଣ୍ଡି ବାବୁଙ୍କ ପାଖରେ କର୍ମଚାରୀ ନାହାନ୍ତି। ଗତ ପନ୍ଦର ଦିନ ତଳେ ପୁରୀ ଏସପି ବ୍ରହ୍ମଗିରି ଥାନାରୁ ଏସଆଇ ଶ୍ରୀକାନ୍ତ ସାହୁଙ୍କୁ ନୟାହାଟ ଫାଣ୍ଡିକୁ ବଦଳି କରିଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଦୁଇଜଣ କନେଷ୍ଟବଳ ଜଣେ ଫାଣ୍ଡି ଅଧିକାରୀଙ୍କୁ ନେଇ ଫାଣ୍ଡି କିପରି ଚାଲିଛି ନୟାହାଟର ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚ ପ୍ରଶ୍ନ ଉଠାଇଛନ୍ତି। ସଂଘର ଉପସଭାପତି ସୁରେନ୍ଦ୍ର ମୋହନ ବିଟି ସଂପାଦକ କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି ଯେ ଫାଣ୍ଡିକୁ ଆସୁଥିବା ଜନସାଧାରଣ ପୋଲିସ ଠାରୁ ନ୍ୟାୟ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି ଯେହେତୁ ଏଠାରେ ପୋଲିସ କର୍ମଚାରୀ ନାହାନ୍ତି। ଏଥିପ୍ରତି ପୁରୀ ଏସ୍‌ପି ପ୍ରତୀକ ସିଂ ଦୃଷ୍ଟି ଦିଅନ୍ତୁ ବୋଲି ନୟାହାଟ ଅଞ୍ଚଳବାସୀ ଦାବି କରିଛନ୍ତି।

ଅଘୋଷିତ ବିଦ୍ୟୁତ୍‌କାଟ୍: ଜନଜୀବନ ଅସ୍ତବ୍ୟସ୍ତ

କାକଟପୁର,୧୦।୬/ଏନ୍ଏନ୍ଏସ୍: ସ୍ଥାନୀୟ ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟକଳାପ ଯୋଗୁଁ କାକଟପୁର ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବାରମ୍ବାର ଓ ଦୀର୍ଘ ସମୟ ଧରି ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ସ୍ଥାନୀୟ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ମଧ୍ୟାହ୍ନ ସମୟରେ, ଅର୍ଥାତ ଦିନ ୧୧ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଦୀର୍ଘ ୫ ଘଣ୍ଟା କାଳ ଲାଇନ କାଟି ଦିଆଯାଉଛି। ଫଳରେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ରୋଗୀ, ଛୋଟ ପିଲା ଏବଂ ବୃଦ୍ଧବୃଦ୍ଧାମାନେ ଛଟପଟ ହେଉଛନ୍ତି। ଏହି ସମସ୍ୟା ନେଇ ଯେତେବେଳେ ସ୍ଥାନୀୟ ଲୋକେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଯୋଗାଯୋଗ କରୁଛନ୍ତି, ସେତେବେଳେ ସେମାନଙ୍କ ତରଫରୁ ଅତି ଦାୟିତ୍ୱହୀନ ଉତ୍ତର ମିଳୁଛି। ଅଧିକାରୀମାନେ ଆମେ କିଛି ଜାଣିନୁ କହି ନିଜ ଦାୟିତ୍ୱରୁ ଖସିଯିବାକୁ ଚେଷ୍ଟା କରୁଥିବା ସହିତ ଅଜବ ସଫେଇ ଦେଉଛନ୍ତି। ବିଦ୍ୟୁତ ବିଭାଗର ଏଭଳି ବେପରୁଆ ମନୋଭାବକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟେ ସରକାର ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବାକୁ ଦାବି କରୁଥିବାବେଳେ ଅନ୍ୟପଟେ କାକଟପୁର ବିଦ୍ୟୁତ ବିଭାଗର ଏଭଳି ମନମୁଖୀ ଶାସନ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ତୁରନ୍ତ ଏହି ଅଘୋଷିତ ବିଦ୍ୟୁତ କାଟ୍ ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ରାଜପଥକୁ ଓହ୍ଲାଇବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ନୀଳମାଧବ ପୀଠରେ ବିଜେପି ପକ୍ଷରୁ ପୂଜାର୍ଚ୍ଚନା

କଣ୍ଟିଲୋ,୧୦।୬/ଏନ୍ଏନ୍ଏସ୍: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ୧୨ବର୍ଷର ଏନଡିଏ ସରକାର ଗଠନ ହୋଇଥିବାରୁ ଦେଶବ୍ୟାପୀ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନ ସମୟେ ମୋଦି ସରକାରଙ୍କ ସଫଳତା ଓ ଜନକଲ୍ୟାଣକାରୀ ଯାତ୍ରାର ନିରନ୍ତରତା ପାଇଁ କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବଙ୍କ ପୀଠରେ ଏକ ବିଶେଷ ପୂଜାର୍ଚ୍ଚନା, ଦୀପଦାନ ଓ ଆଶୀର୍ବାଦ ଭିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କଣ୍ଟିଲୋ ନୀଳମାଧବ ମନ୍ଦିର ପରିସରରେ ଏହି ଭବ୍ୟ ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା। ବିଧାୟକ ଶ୍ରୀ ସ୍ୱାଇଁ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ଦେଶର ପ୍ରଗତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ପ୍ରଭାରି ସୁରତ ବିଶ୍ୱାଳ, ସଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ମଣ୍ଡଳ ସଭାପତି ଟିଟନ ସାହୁ, ବରିଷ୍ଠ ବିଜେପି ନେତା ଅଖିଳ କୁମାର ମହାରଣା, ଖଣ୍ଡପଡ଼ା ଅଞ୍ଚଳର ସମସ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ମୋଦି ସରକାରଙ୍କ ଦୀର୍ଘ ବର୍ଷର ଜନହିତକର କାର୍ଯ୍ୟ ଏବଂ ଐତିହାସିକ ସଫଳତାକୁ ନେଇ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମନ୍ଦିର ପରିସରରେ ହରିବୋଲ ଓ ଜୟ ଶ୍ରୀରାମ ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

ଅଷ୍ଟରଙ୍ଗ,୧୦।୬/ଏନ୍ଏନ୍ଏସ୍: କାକଟପୁର ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରାମକୃଷ୍ଣ ଶିଶୁ ମନ୍ଦିରର ଜଣେ ସୁନାମଧନ୍ୟ ତଥା ସମସ୍ତଙ୍କ ପ୍ରିୟ ଶିକ୍ଷକ ବିମଳ ଗୁରୁଜୀ(୫୨)ଙ୍କର ଅକାଳ ବିୟୋଗ ଘଟିଛି। ଗତକାଲି ବିଳମ୍ବିତ ରାତିରେ ହଠାତ୍ ହୃଦ୍‌ଘାତ ଯୋଗୁଁ ତାଙ୍କର ପରଲୋକ ହୋଇଯାଇଥିବା ସୂଚନା ମିଳିଛି। ତାଙ୍କର ଏହି ଆକସ୍ମିକ ନିଧନ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଭୀର ଶୋକର ଛାୟା ଖେଳିଯାଇଛି। ଖବର ପାଇବା ପରେ ଆଜି ରାମକୃଷ୍ଣ ଶିଶୁମନ୍ଦିରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ନିଜର ପ୍ରିୟ ଓ ସ୍ନେହୀ ଗୁରୁଜୀଙ୍କୁ ହରାଇ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସଂକୁତ୍ତଳା ଦେବୀ, ସଭାପତି ଦେବରାଜ ଦୀକ୍ଷିତ, ପରିଚାଳକ ତଥା ସରକାରୀ ଆଇନଜୀବୀ ପ୍ରଭାତ କୁମାର ଦୀକ୍ଷିତ ପ୍ରମୁଖ ଶତାଧିକ ଛାତ୍ରଛାତ୍ରୀଙ୍କ ଆଖିରୁ ଲୁହ ଝରୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ଅନ୍ତିମ ଦର୍ଶନ ପାଇଁ ବିଦ୍ୟାଳୟ ପରିସରରେ ଶବଧାର ବେଳେ ବହୁ ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଜଣେ ଆଦର୍ଶ, ନିଷ୍ଠାପର ଏବଂ ଛାତ୍ରବତ୍ସଳ ଶିକ୍ଷକ ଭାବେ ବିମଳ ଗୁରୁଜୀ ସଦାସର୍ବଦା ସମସ୍ତଙ୍କ ସ୍ମୃତିରେ ରହିବେ ବୋଲି ଶିଶୁମନ୍ଦିର ପରିଚାଳନା ସମିତି ପକ୍ଷରୁ କୁହାଯାଇଛି।

ଦୁଇ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି,୧୦।୬/ଏନ୍ଏନ୍ଏସ୍: ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଗଡ଼ିଜଙ୍ଗ ଠାରେ କାର୍ଯ୍ୟରତ ଦୁଇ ସାମ୍ବାଦିକଙ୍କ ଉପରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିବାକୁ ନେଇ ଦୁର୍ବୃତ୍ତ ତାଙ୍କ ପଛରୁ ଆସି ବାଇକ ଆଗରେ କାର୍‌କୁ ରଖି ରାସ୍ତା ଅବରୋଧ କରିଥିଲେ। ସାମ୍ବାଦିକ ଦ୍ୱୟ ଗାଡ଼ିରୁ ଓହ୍ଲାଇବା କ୍ଷଣି ଦୁର୍ବୃତ୍ତମାନେ ବିଭିନ୍ନ ମାରାଣାସ୍ତ୍ର ଦ୍ୱାରା ସେମାନଙ୍କୁ ଆକ୍ରମଣ କରିଥିଲେ।

ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଦାବି

ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପ୍ରକାଶଥାଉ କି ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତର ବେଗୁନିଆପଦା ଗ୍ରାମର ଲକ୍ଷ୍ମଣ କୁମାର ଦାସ ଓ କୁରୁଜଙ୍ଗା ପଞ୍ଚାୟତ ସବଳକଣା ଗ୍ରାମର ସଞ୍ଜୟ କୁମାର ବେହେରା ନିଶ୍ଚିନ୍ତକୋଇଲିରେ ସାମ୍ବାଦିକତା କରନ୍ତି। ମଙ୍ଗଳବାର ଅପରାହ୍ନରେ ଏହି ଦୁଇଜଣ ଏକ ବାଇକ୍‌ରେ ନରେନ୍ଦ୍ରପୁର ଅଞ୍ଚଳକୁ ଖବର ସଂଗ୍ରହ ନିମନ୍ତେ ଯାଇଥିବା ବେଳେ ଗଡ଼ିଜଙ୍ଗ ଠାରେ ଯୋଜନାବଦ୍ଧ ଭାବେ ଏକ କାର୍‌ରେ ୫ରୁ ୬ଜଣ ଅଜଣା ଆକ୍ରମଣର ଚିତ୍କାର ଶୁଣି ସ୍ଥାନୀୟ ଲୋକ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଦୁଇ ସାମ୍ବାଦିକଙ୍କୁ ଉଦ୍ଧାର କରି ନରେନ୍ଦ୍ରପୁର ଫାଣ୍ଡି ଓ ନେମାଳ ଥାନା ପୋଲିସ ସହାୟତାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ଏହି ଘଟଣାକୁ ନେଇ ନିଶ୍ଚିନ୍ତକୋଇଲି, ସାଲେପୁର, ମାହାଙ୍ଗା, କିଶୋରନଗର ପ୍ରଭୃତି ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ତରଫରୁ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ବାଲାଶ୍ରମ ଅନ୍ତେବାସୀଙ୍କ ପକ୍ଷରୁ ଗ୍ରୀଷ୍ମ ସାହିତ୍ୟ ଉତ୍ସବ

ପୁରୀ,୧୦।୬/ଏନ୍ଏନ୍ଏସ୍: ପୁରୀ ଜିଲ୍ଲାର ସମସ୍ତ ବାଲାଶ୍ରମର ଅନ୍ତେବାସୀଙ୍କୁ ନେଇ ଅଙ୍କୁର ସଂଯୋଗ ଗ୍ରୀଷ୍ମ ସାହିତ୍ୟ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଉତ୍କଳ ବାଲାଶ୍ରମ ପରିସରରେ ଆୟୋଜିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଗ୍ରୀଷ୍ମ ଅବକାଶ ଅବସରରେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମନୋନିବେଶ କରାଯାଉଛି। ଅଙ୍କୁର ସଂଯୋଗ ଗ୍ରୀଷ୍ମ ସାହିତ୍ୟ ଉତ୍ସବ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ। ସଂଯୋଗ, କଟକ ଓ ଅଙ୍କୁର ଫାଉଣ୍ଡେସନ ଭୁବନେଶ୍ୱରଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ପ୍ରୟାସରେ ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ସନ୍ତୋଷ କୁମାର ସେଠୀ ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୋଗ ଦେଇଥିବା ବେଳେ ଡେପୁଟି କଲେକ୍ଟର ସୌମ୍ୟଶ୍ରୀ ପାଣିଗ୍ରାହୀ, ମହାବୀର ରୁଦ୍ର ନାରାୟଣ ସାହୁ ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ, ଅଙ୍କୁର ଫାଉଣ୍ଡେସନ ପ୍ରତିଷ୍ଠାତା ଚିନ୍ମୟୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମିଳିତ ପ୍ରୟାସ ରୂପେ ଏହି କାର୍ଯ୍ୟକ୍ରମର ୧୫ ଦିନ ପୂର୍ବରୁ ଶିଶୁମାନଙ୍କୁ ପିଲାଙ୍କ ଅଙ୍କୁର ପତ୍ରିକା ବଣ୍ଟନ କରାଯାଇଥିଲା। ପିଲାମାନେ ଏହି ପୁସ୍ତକ ପଠନ କରି କବିତା ଆବୃତ୍ତି, ଗଳ୍ପ କଥନ, କୁଇଜ୍ ବହିରୁ ଶିକ୍ଷା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ ୬୦ ଜଣ ଶିଶୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ନୀଳାଚଳ ସେବା ପ୍ରତିଷ୍ଠାନର ଶିଶୁମାନେ ସବୁଠାରୁ ଉତ୍ତମ ପ୍ରଦର୍ଶନ କରିଥିବା ବେଳେ ସେହି ସଂସ୍ଥାର ସମ୍ପୃକ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଉତ୍ତମ ମାର୍ଗଦର୍ଶକ ଭାବେ ସମ୍ମାନିତ କରାଯାଇଥିଲା। ମୋଟ ୨୪ଜଣ ଉତ୍ତୀର୍ଣ୍ଣ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ମାନଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା, ଗଳ୍ପ କଥନ, କବିତା ଆବୃତ୍ତି ଓ ବକ୍ତୃତା ଆଦିରେ ଦକ୍ଷତା ବୃଦ୍ଧି ପାଇଁ ଅବସର ସମୟର ବିନିଯୋଗ ପାଇଁ ପ୍ରୟାସ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ବିଚାରକ ଭାବରେ ଶକ୍ତିପଦ ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ରୁପାଲି ମହାନ୍ତି, ସ୍ମିଗ୍ଧାରାଣୀ ସାହୁ, କମଳା ମହାରଣା ଯୋଗ ଦେଇଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ସାରଙ୍ଗ ମହାପାତ୍ର ଅଧ୍ୟକ୍ଷ, ଉତ୍କଳ ବାଲାଶ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁଇ ସଡ଼କ ଦୁର୍ଘଟଣାରେ ୧ ମୃତ, ୨ ଗୁରୁତ

ପେଟ୍ରୋଲିୟମ୍ ସାମଗ୍ରୀ ଯୋଗାଣ ଓ ଉପଲବ୍ଧତା ନେଇ ସମୀକ୍ଷା

କଳାବଜାରୀ ଓ ବେଆଇନ ମହଜୁଦ ରୋକିବାକୁ କଡ଼ା ଚେତାବନୀ

କେନ୍ଦୁଝର,୧୦।୬/ଏନ୍ଏନ୍ଏସ୍: କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ, ସୁବିଧାଜନକ ବଣ୍ଟନ ଏବଂ କଳାବଜାରୀ ରୋକିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଭଳି ସମସ୍ତ ପ୍ରକାରର ଜରୁରୀ ପେଟ୍ରୋଲିୟମ ସାମଗ୍ରୀର

ହରିଚନ୍ଦନପୁର, ବାଂଶପାଳ ଓ ତେଲକୋଇ ବ୍ଲକ୍ ଉପରେ ବିଶେଷ ନଜର

ସାମ୍ପ୍ରତିକ ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ବଜାରରେ ଏହି ସବୁ ସାମଗ୍ରୀର ଯେପରି କୌଣସି ପ୍ରକାରର କୃତ୍ରିମ ଅଭାବ ସୃଷ୍ଟି ନହୁଏ ଏବଂ ଖାଉଟିମାନେ ଯେପରି ସହଜରେ ପେଟ୍ରୋଲିୟମ ସାମଗ୍ରୀ ପାଇପାରିବେ, ସେଥିପାଇଁ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ

ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ସଠିକ୍ ଉପଲବ୍ଧତା ନିଶ୍ଚିତ କରିବା ଏବଂ କଳାବଜାରୀ କିମ୍ବା ବେଆଇନ ମହଜୁଦ ରୋକିବା ପାଇଁ ପ୍ରଶାସନ ସର୍ବଦା ସତର୍କ ରହିଛି। ଯଦି କୌଣସି ଅଞ୍ଚଳରେ ଏହି ସାମଗ୍ରୀର ଅଭାବ ଦେଖାଦିଏ କିମ୍ବା କଳାବଜାରୀ ହେଉଥିବାର ସୂଚନା ମିଳେ, ତେବେ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ସାଧାରଣ ଜନତାଙ୍କୁ ନିବେଦନ କରାଯାଇଛି। ବୈଠକରେ ବିଶେଷ ଭାବେ ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୁଲିସ ବିଭାଗ, ବେସାମରିକ ଯୋଗାଣ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ପ୍ରତିନିଧି ଏବଂ ଭାରତୀୟ ତୈଳ ନିଗମ ସୀମିତ, ଭାରତ ପେଟ୍ରୋଲିୟମ ନିଗମ ସୀମିତ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ନିଗମ ସୀମିତ ଭଳି ପ୍ରମୁଖ ତେଲ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନକୁ ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା।

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: EPC-CECONIIBBS 2026017, ତା.21.04.2026 ରିଖ ର

ଶୁଦ ଧିପତ୍ର ସଂ.4

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମୁଲିକ୍ତ ସଂଶୋଧନ କରାଯାଇଛି, ଯାହାପ୍ରତି ବୋଲରି ଧ୍ୟାନ ଦିଅନ୍ତୁ ।

ବିବରଣୀ	ପୁରାଣିତ ଅନୁଯାୟୀ	ବର୍ତ୍ତମାନ ପରିବର୍ତ୍ତିତ ଆବଶ୍ୟକ
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ	22.06.2026, 12:00 ଘଡ଼ିକା	30.06.2026, 12:00 ଘଡ଼ିକା

ଟେଣ୍ଡରଦାତାମାନେ ଅଧିକ ବିବରଣୀ ପାଇଁ ଗ୍ଭେବସାଇଟ: www.ireps.gov.in ପରିଦର୍ଶନ କରିପାରିବେ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR - 88/CJ/26-27

AFFIDAVIT

By virtue of an affidavit sworn before the Executive Magistrate, Cuttack dated 03/06/2026 I Akhil Kumar Das Permanent Address At: Paghira, PO: Bari-Ramchandrapur, Dist: Jajpur, Odisha Present Address At: Firingibazar, PO: Telengabazar, PS: Purighat, Dist: Cuttack, Odisha Pin: 753009 declare that I have changed my name from Akhil Kumar Malik to Akhil Kumar Das. Henceforth, I shall be known as Akhil Kumar Das for all purposes.

Sd/- Akhil Kumar Das

AFFIDAVIT

By an affidavit sworn before the Executive Magistrate, Cuttack, vide S.L. No.- 4107 on Dt. 09.06.2026, I, Ms. Alvera Amro Faisal Ahmed, D/o- Saleha Nawaz, R/o- Shadaab, Biju Pattnaik Chhak, P.O.- Tulasipur, P.S.- Bidanasi, District- Cuttack, Odisha-753008, do hereby declare that my father's real and actual name is AMRO FAISAL AHMED. My father's name appears as AMRO FAISAL AHMED in my Birth Certificate bearing Regd. No. 1779508 dated 11.03.2008 issued by the Government of National Capital Territory of Delhi, in my School Certificate bearing Regd. No. B124/15314/0002 issued by CBSE, New Delhi, and in my Aadhaar Card bearing No. 4561 2472 5274 issued by UIDAI, India. However, my father's name has been wrongly mentioned as AMRO FAISAL AHMED ABDELHADY in my Passport bearing No. V4891352 issued by the Passport Authority, Bhubaneswar. Therefore, this affidavit is executed for the purpose of correction, clarification, and uniformity of my father's name in my passport and other official records and documents.

କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୦।୬/ଏନ୍ଏନ୍ଏସ୍: ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଶାସନିକ ଅଧିକାରୀ ସୁଜିତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧକ୍ଷା ଡକ୍ଟର ସୋନାଲିସା ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଧାପକ ଡକ୍ଟର ସନ୍ତୋଷ କୁମାର ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ଅଶୋକ ପ୍ରିୟଦର୍ଶୀ, ଆଦିତ୍ୟ ରଞ୍ଜନ ନାୟକ, ପ୍ରଦୀପ କୁମାର ଗଙ୍ଗାଇ, ମନୋରଞ୍ଜନ ପଣ୍ଡା, ବିନୀତ କୁମାର ତିରିୟା, ନିରଞ୍ଜନ ପାଢ଼ୀ ଏବଂ ଭବାନୀ ଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ ଯେ, ବିଜ୍ଞାନ ସ୍ରୋତରେ ୧୦୦ ଜଣ, କଳାରେ ୧୮ ଜଣ ଏବଂ ବାଣିଜ୍ୟରେ ୧୦ ଜଣ ବିଦ୍ୟାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ସାରା ଓଡ଼ିଶାରେ ଏହି ଶିକ୍ଷାନୁଷ୍ଠାନକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ଏହାସହ ସେମାନେ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଚାଷ ଜମିରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ନେଇ ପ୍ରତିବାଦ

- ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ
- ସମସ୍ୟାର ସମାଧାନ ନହେଲେ ଆଇନର ଆଶ୍ରୟ ନେବାକୁ ଚେତାବନୀ

ତେଲକୋଇ,୧୦।୬/ଏନ୍ଏନ୍ଏସ୍: ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ବିନା ପଲ୍ଲିସଭାରେ ଚାଷ ଜମି ଉପରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟ ପୋତିବା କାର୍ଯ୍ୟକୁ ନେଇ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ଖୁଣ୍ଟାପଡ଼ା ଗାଁରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗୋଳାବନ୍ଧ ସ୍ଥିତ ୨୨୦/୩୩ କେଭି ଗ୍ରୀଡ୍ ଷ୍ଟେସନରୁ ସିରିଗିଡ଼ା ୩୩ କେଭି ସବ୍‌ଷ୍ଟେସନକୁ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟ ଏବଂ ତାର ଟଣାଯିବା କାର୍ଯ୍ୟ ଚାଲିଛି। ସରକାରୀ ନିୟମ ମୁତାବକ ସରକାରୀ ହେଉ କିମ୍ବା ବେସରକାରୀ, ଯେକୌଣସି ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ବ୍ୟବହାର କରିବା ପୂର୍ବରୁ ସମ୍ପୃକ୍ତ ଗ୍ରାମବାସୀଙ୍କୁ ନେଇ ପଲ୍ଲିସଭା କିମ୍ବା ଗ୍ରାମସଭା କରାଯାଇ ଅନୁମୋଦନ ନେବା ବାଧତାମୂଳକ ଅଟେ। ମାତ୍ର ଏହି କ୍ଷେତ୍ରରେ କୌଣସି ନିୟମ ପାଳନ କରାଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ସୂଚନା ଅଧିକାର ଆଇନ ବଳରେ ଆଦାୟ ହୋଇଥିବା ସରକାରୀ ସୂଚନାରୁ ଗ୍ରାମରେ ଏହି କାର୍ଯ୍ୟ ପାଇଁ କୌଣସି ପଲ୍ଲିସଭା ହୋଇନଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଏହି ବେଆଇନ କାର୍ଯ୍ୟର ପ୍ରତିବାଦ କରି ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳ, ଟାଟା ପାୱାର ଉତ୍ତର ଓଡ଼ିଶା ବିଦ୍ୟୁତ ବିତରଣ ସୀମିତର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ତେଲକୋଇ ତହସିଲଦାର ଏବଂ ତେଲକୋଇ ଥାନାରେ ଲିଖିତ ଭାବେ ଜଣାଯାଇଛି। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷରେ ଦୁଇ ଦୁଇ ଥର ଅଭିଯୋଗ ହେବା ପରେ ଜିଲ୍ଲାପାଳଙ୍କ ପକ୍ଷରୁ ଟାଟା ପାୱାର ଉତ୍ତର ଓଡ଼ିଶା ବିଦ୍ୟୁତ ବିତରଣ ସୀମିତର ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ କଡ଼ା ତାଗିଦ୍ କରାଯାଇଥିଲା। ମାତ୍ର ଉକ୍ତ ବିଦ୍ୟୁତ ବିତରଣ ସଂସ୍ଥାର ଉଚ୍ଚ ଅଧିକାରୀମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଗତକାଲି ଏନେଇ ଗୋଳାବନ୍ଧ ୨୨୦/୩୩ କେଭି ଗ୍ରୀଡ୍ ଦାୟିତ୍ୱରେ ଥିବା ଉପ-ପ୍ରବନ୍ଧକଙ୍କୁ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଉକ୍ତ ୩୩ କେଭି ଲାଇନରେ ବିଦ୍ୟୁତ ପ୍ରବାହ ନକରିବା ପାଇଁ ଏକ ଲିଖିତ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ଏହାପରେ ମଧ୍ୟ ଯଦି ପ୍ରଶାସନ ତରଫରୁ ସମସ୍ୟାର ସମାଧାନ ଦିଗରେ କୌଣସି ଉଚିତ ପଦକ୍ଷେପ ନିଆନଯାଏ, ତେବେ ନ୍ୟାୟ ପାଇଁ ଆଗାମୀ ଦିନରେ ଅଦାଲତ ତଥା ଆଇନର ଆଶ୍ରୟ ନେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ତାଲୁକ ଆଇନ ସେବା ସମିତିର ତଦନ୍ତ

- ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ବୃଦ୍ଧାଙ୍କ ସମସ୍ୟା
- ୫ ବର୍ଷର ଆବେଦନ ପରେ ମଧ୍ୟ ମିଳିନଥିଲା ସରକାରୀ ସହାୟତା

ସୋର,୧୦।୬/ଏନ୍ଏନ୍ଏସ୍: ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଗଡ଼ସାହି ଗ୍ରାମର ଜଣେ ବୃଦ୍ଧା ବିଗତ ୫ ବର୍ଷ ହେଲା ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଥିବା ସମ୍ପର୍କରେ ଗତ ୩ ତାରିଖ ଦିନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ସମ୍ବେଦନଶୀଳ ଖବରକୁ ଭିତ୍ତି କରି ସୋର ବିଚାର ବିଭାଗୀୟ ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚ୍ଚେ ସଚ୍ଚେ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ନିମନ୍ତେ ଏକ ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ମୀନାକ୍ଷୀ ଦାସଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ସମିତିର ପ୍ରତିନିଧି ଶଶିକାନ୍ତ କର ଗତକାଲି ସମ୍ପୃକ୍ତ ବୃଦ୍ଧାଙ୍କ ବାସଭବନରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ଆବଶ୍ୟକୀୟ ତଦନ୍ତ କରିଛନ୍ତି। ଏହି କ୍ଷେତ୍ରସ୍ତରୀୟ ଯାଞ୍ଚ ପରେ ଉକ୍ତ ବୃଦ୍ଧାଜଣକ ସରକାରୀ ନିୟମ ଅନୁଯାୟୀ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ହିତାଧିକାରୀ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଗଡ଼ସାହି ଗ୍ରାମର ବାସିନ୍ଦା ଗଣେଶ ପ୍ରସାଦ ଦାସଙ୍କ ପତ୍ନୀ ମନୋରମା ଦାସ (୬୬) ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନାର ସୁଫଳ ପାଇବା ପାଇଁ ଗତ ୫ ବର୍ଷ ଧରି କ୍ରମାଗତ ଭାବେ ଆବେଦନ କରିଆସୁଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ଏ ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ମିଳିପାରି ନାହିଁ। ଅତ୍ୟନ୍ତ ଦୁଃଖର ବିଷୟ ଯେ, ମନୋରମାଙ୍କ ସ୍ୱାମୀ ଗଣେଶ ପ୍ରସାଦ ନିଜେ ବାର୍ଦ୍ଧକ୍ୟର ଚରମ ସୀମାରେ ପହଞ୍ଚିଥିଲେ ହେଁ ପରିବାର ପ୍ରତିପୋଷଣ ନିମନ୍ତେ ଆଜି ବି ଦିନ ମଜୁରିଆ ଭାବେ କଠିନ ପରିଶ୍ରମ କରୁଛନ୍ତି ଏବଂ ଅତି ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ମନୋରମା ସରକାରୀ ଯୋଜନାର ଅନ୍ତର୍ଭୁକ୍ତ ହେବା ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଶେଷରେ ସୋରଠାରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ନିଜର ଦୁଃଖ ଜଣାଇଥିଲେ। ମାତ୍ର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ମଧ୍ୟ ତାଙ୍କୁ କୌଣସି ସୁଫଳ ମିଳିନଥିଲା। ଏବେ ଆଇନ ସେବା ସମିତି ଏହି ମାମଲାରେ ହସ୍ତକ୍ଷେପ କରିଥିବାରୁ ବୃଦ୍ଧାଜଣଙ୍କୁ ଖୁବ୍ ଶୀଘ୍ର ନ୍ୟାୟ ଓ ସରକାରୀ ସହାୟତା ମିଳିବ ବୋଲି ଆଶା ସଞ୍ଚାର ହୋଇଛି।

- ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ପୁଣ୍ୟତିଥି

ବୀର ସହିଦଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

ବାରିପଦା,୧୦।୬/ଏନ୍ଏନ୍ଏସ୍: ମୁଣ୍ଡାରୀ ଯୁଟ୍ୟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ (ମାଏପା) ପକ୍ଷରୁ ବୀର ସହିଦ ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ପୁଣ୍ୟତିଥି ସ୍ଥାନୀୟ ପୋଡ଼ାଅଷ୍ଟିଆ ସ୍ଥିତ ବିର୍ସା ମୁଣ୍ଡା ଛକଠାରେ ଅତ୍ୟନ୍ତ ଶ୍ରଦ୍ଧାପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗଠନର ସଦସ୍ୟମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୂତ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଆୟୋଜିତ ସଭାରେ ଉପସ୍ଥିତ ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ଅଦମ୍ୟ ସାହସ, ତ୍ୟାଗ, ସଂଘର୍ଷ ଏବଂ ଆଦିବାସୀ ସମାଜର ମାନ, ସମ୍ମାନ, ସ୍ୱାଭିମାନ ସମେତ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ପାଇଁ ତାଙ୍କ ଐତିହାସିକ 'ଉଲଗୁଲାନ' ଆନ୍ଦୋଳନକୁ ସଶ୍ରଦ୍ଧ ସ୍ମରଣ କରିଥିଲେ। ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ ଯେ, ଭଗବାନ ବିର୍ସା ମୁଣ୍ଡା କେବଳ ଆଦିବାସୀ ସମାଜର ନୁହନ୍ତି, ବରଂ ସମଗ୍ର ଭାରତବର୍ଷର ସ୍ୱାଧୀନତା, ସାମାଜିକ ନ୍ୟାୟ ଓ ସ୍ୱାଭିମାନର ଜଣେ ଅମର ପ୍ରତୀକ ଅଟନ୍ତି। ତାଙ୍କର ମହାନ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୋଇ ସମାଜରେ ସଚେତନତା, ଉଚ୍ଚଶିକ୍ଷା ଏବଂ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ସ୍ମୃତି ସଭା କାର୍ଯ୍ୟକ୍ରମରେ 'ମାଏପା'ର ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର ନାଥ ସିଂ କୋଟା, ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂହ, କୋଷାଧକ୍ଷ ନାଥ ସିଂ ବାରୁ, ମୁଦ୍ରିତ ଗଣମାଧ୍ୟମ ସମ୍ପାଦକ ବାଜି ସିଂ, ଅଭିନେତା ସୁରୁ ସିଂ, ଅଭିନେତା ରବି ସିଂ, ବୁଧୁରାମ ସିଂ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମା ସ୍ମୃତି ଚରଣ କରି ସ୍ମୃତିସୁମନ ଅର୍ପଣ କରିଥିଲେ।

32001/376/2627

OFFICE OF THE SUPERINTENDING ENGINEER M.I. DIVISION GANJAM-II BERHAMPUR

CANCELLATION OF TENDER

Letter No. 2350 Date : 08.06.2026

Due to some unavoidable Circumstances the tender invited by this office vide bid id no. GMID-II/01/2026-27 is here by cancelled.

Sd/-
Superintending Engineer
M.I. Division Ganjam-II

OIPR-32001/32043/1/26-27/0002

ZILLA SWASTHYA SAMITI, DEOGARH

Office of the CDM&PHO-cum-Dist. Mission Director, Odisha, 768108

10001/256/2627

No. 1794/NHM/Fin/26 Dt. 10.06.2026

Tender Call Notice

Sealed tenders are invited from the interested eligible bidders for Supply of Office Stationery under the ZSS Deogarh as per the specification given in the tender paper. The sealed tender papers will be received at the O/o : The CDM & PHO cum District Mission Director, Deogarh. DHH, Deogarh on any working day till 30.06.2026 up to 5.30 PM through speed post / registered post / Courier only. The same will be opened on 01.07.2026 at 03.30 PM in the office chamber of CDM&PHO in presence of bidders / their authorized representatives. The undersigned will not be held responsible for any kind of postal delay. The undersigned reserves the right to accept or reject any or all the tenders without assigning any reason thereof. The detailed terms & conditions along with bid documents is available in the website www.deogarh.gov.in.

Sd/- CDM&PHO cum District Mission Director
NHM, Deogarh

OIPR-10001/10113/1/26-27/0003

"e" PROCUREMENT NOTICE
JAJPUR MUNICIPALITY : JAJPUR

Tender Call Notice No: 2293 / Date : 09.06.2026

Bid documents consisting of the schedule of quantities and the set of Terms & Conditions of Contract and other necessary documents can be seen in the Government website i.e. www.tendersodisha.gov.in.

1.	Name of work	: Drain & Civil works
2.	No. of works	: 8 (Eight) Nos.
3.	Bid Value	: Rs.637967/- to Rs.3576272/-
4.	Bid Id	: JM-09/2026-27
5.	Tender Id	: 2026_ORULB_131633_01 & 2026_ORULB_131633_8
6.	Period of Completion	: 30 Days to 90 Days
7.	Date of availability of Bid documents in the portal	: From 10.00 A.M of dt.11.06.2026 to 22.06.2026 up to 5.00 PM
8.	Last date for receipt of Bids in the portal	: Dt.22.06.2026 up to 5.00 PM
9.	Bids received online shall be opened on	: Dt.25.06.2026 at 11.00 AM
10.	Name & address of the officer inviting bid	: Executive Officer, Jajpur Municipality

All other terms and conditions are available in the DTCN & BCQ uploaded in the above website.

Sd/- Executive Officer,
Jajpur Municipality

OIPR-13001/13171/1/26-27/0002 13001/838/2627

OVERNMENT OF ODISHA 32001/377/2627
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER
MINOR IRRIGATION DIVISION.NAYAGARH
e-Procurement Notice
BID IDENTIFICATION NO-SEMIDN- 3/2026-27

Letter No. 1952 **Dt. 09.06.2026**

Name of work	Improvement to Check Dams under Imp.to Check Dam grant & Renovation of projects under ERM grant during the year 2026-27.
No Works	24 (Twenty four)
Estimated Cost	Varies from Rs. 6.90 lakh to Rs. 12.51 lakh Approximately.
Class of Contractor.	Class "D" & "C"
Tender paper cost	Rs 4000.00 & 6000.00 (Non-refundable).
Period of completion	02 (Two) Calendar months.
Availability of Bid documents	From 10.00 AM of 13.06.2026 to 17.00 hrs of 19.06.2026 in website (www.tendersodisha.gov.in)
Time of receipt of bid through on line	From 10.00 AM of 13.06.2026 to 17.00 hrs of 19.06.2026 through online.
Date of opening of bid documents	At 11.00 hrs of 20.06.2026 in the O/O S.E., M.I. Division, Nayagarh.
Digital signature certificate	The bidder must possess compatible digital signature certificate (DSC) of class II or class-III.

The detail tender call notice can also be seen in the DOWR website http/dowrorissa.gov.in.
Name and address of the OIT: - Office of Superintending Engineer, M.I. Division, Nayagarh, Tel No. (06753)291009, e-mail- eemidivisionnayagarh@gmail.com

Further details can be seen from the e-procurement market place, http://www.tendersodisha.gov.in

OIPR-32001/32260/1/26-27/0003

SD/- Superintending Engineer
M.I. Division, Nayagarh

ଓଡିଶା ସରକାର
ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

24001/217/2627

No.727 Date : 27.05.2026

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ ଜିଲ୍ଲାର ଟିଟିଲାଗଡ-ବିଜୟନଗରମ ତୃତୀୟ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ଲେଡା

ନିତିଦିନ NITIDIN

ଚୋରି ଘଟଣାରେ ୨ ଗିରଫ

ଟିଟିଲାଗଡ଼,୧୦।୬/ଏନ୍ଏନ୍ଏସ୍: ସ୍ୱଷ୍ଟ ଦିବାଲୋକରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଚୋରି ଅଭିଯୋଗରେ ସ୍ଥାନୀୟ ପୁଲିସ ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ପ୍ରାୟ ୨୨ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ଏବଂ ନଗଦ ୯ ହଜାର ଟଙ୍କା ଉଦ୍ଧାର କରିବାରେ ସଫଳ ହୋଇଛି । ଏଥିସହିତ ଚୋରି କାର୍ଯ୍ୟରେ ବ୍ୟବହୃତ ହୋଇଥିବା ଏକ ମୋଟର ସାଇକେଲ ଏବଂ ଦୁଇଟି ଦୂରଭାଷ ଯନ୍ତ୍ର (ମୋବାଇଲ) ମଧ୍ୟ ଜବତ କରାଯାଇଛି । ଆୟୋଜିତ ଏକ ସମ୍ବାଦଦାତା ସଚ୍ଚିଳନୀରେ ସ୍ଥାନୀୟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଶୋବନ୍ତ ନାରାୟଣ ପ୍ରଧାନୀ ଏହି ସୂଚନା ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ଗତ ୮ ତାରିଖ ଦିନ ଟିଟିଲାଗଡ଼ ପୌରାଞ୍ଚଳର ୧୪ ନମ୍ବର ୱାର୍ଡ ବାସିନ୍ଦା ଅବଦୁଲ ଆକବର ଖାନ ସଇଁତଳା ଥାନା ଅନ୍ତର୍ଗତ କରମତଳା ଗ୍ରାମରେ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ । ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ କେହି ଦୁର୍ବୃତ୍ତ ତାଙ୍କ ଘରର କବାଟ ଭାଙ୍ଗି ଭିତରେ ପଶିଥିଲେ । ଘରେ ରଖାଯାଇଥିବା ସୁନା ହାର, ମାଙ୍ଗ ଟିକା, ମୁଦି, ଲୋକେଟ, ବ୍ରାସଲେଟ ଏବଂ ସୁନା ଟଙ୍କା ଆଦି ପ୍ରାୟ ୧୪୦ ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର ସମେତ ନଗଦ ୫୦ ହଜାର ଟଙ୍କା ଓ ଅନ୍ୟାନ୍ୟ ବହୁମୂଲ୍ୟ ସାମଗ୍ରୀ ଚୋରି କରି ନେଇଥିଲେ । ଅଭିଯୋଗକାରୀ ଶ୍ରୀ ଖାନ ଘରକୁ ଫେରିବା ପରେ ଏହି ସର୍ବସ୍ୱ ଲୁଟ୍ ସମ୍ପର୍କରେ ଜାଣିବାକୁ ପାଇ ସ୍ଥାନୀୟ ପୁଲିସ ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ । ଏହି ଦଳରେ ପୁଲିସ ଉପନିରୀକ୍ଷକ କିରଣ ଜାନି, ଉପନିରୀକ୍ଷକ ପ୍ରଦୀପ ଦୁରିଆ, ସହକାରୀ ଉପନିରୀକ୍ଷକ କାର୍ତ୍ତିକ ପ୍ରଧାନ, ସହକାରୀ ଉପନିରୀକ୍ଷକ ସୁକନ୍ୟା ରାଉତ ଏବଂ ଉପନିରୀକ୍ଷକ ତାରାବତୀ କିଶାନ ସାମିଲ ହୋଇ ତଦନ୍ତକୁ ବ୍ୟାପକ କରିଥିଲେ । ଅଞ୍ଚଳରେ ଲାଗିଥିବା ସୁରକ୍ଷା ଚିତ୍ରୋତ୍ତୋଳନ ଯନ୍ତ୍ର (ସିସିଟିଭି)ର ଫୁଟେଜ ଏବଂ ଅନ୍ୟାନ୍ୟ ଗୁପ୍ତ ତଥ୍ୟକୁ ଆଧାର କରି ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଠାବ କରିବାରେ ସଫଳ ହୋଇଥିଲା ।

ପ୍ରଥମ ପୃଷ୍ଠାରୁ

‘ରଜ’ ପାଇଁ ସୋମବାର...

ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଟିକେଟ କାଉଣ୍ଟର ସଂଖ୍ୟା ବୃଦ୍ଧି ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ପର୍ଯ୍ୟଟକମାନେ ଲମ୍ବା ଲାଇନରୁ ବଞ୍ଚିବା ପାଇଁ ନନ୍ଦନକାନନର ଅଫିସିଆଲ୍ ୱେବସାଇଟ୍ ମାଧ୍ୟମରେ ଅନଲାଇନ୍ ଟିକେଟ୍ ମଧ୍ୟ ବୁକ୍ କରିପାରିବେ । ତେବେ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ଚିଡ଼ିଆଖାନା ବୁଲିବା ସମୟରେ ନିଜ ସାଙ୍ଗରେ ପାଣି ବୋତଲ, ଛତା ଏବଂ ଓଆରଏସ୍ ରଖିବାକୁ ପରାମର୍ଶ ଦିଆଯାଇଛି ।

ଶାଶୂ, ଶ୍ୱଶୁରଙ୍କୁ ନିଆଁ...

ଗୁରୁତର ଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷେ ଅଭିଯୁକ୍ତ ଜ୍ୱାଇଁ ସେକ୍ ସବୀର ଏବେ ଫେରାର ଥିବା ବେଳେ ପୂର୍ବରୁ ମଧ୍ୟ ତା ନାଁରେ ବିଭିନ୍ନ ମାମଲା ରହିଥିବା ଜଣାପଡ଼ିଛି । ସେକ୍ ସବୀର ତାଙ୍କ ପତ୍ନୀଙ୍କୁ ବାରମ୍ବାର ମାରଧର କରୁଥିବାରୁ ତଥା ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟ ପାରିବାରିକ ଗଣ୍ଡଗୋଳ ଲାଗିରହୁଥିବା ଯୋଗୁଁ ତାଙ୍କ ପତ୍ନୀ ଗତ ୫ ମାସ ଧରି ତାଙ୍କ ବାପା ଘରେ ଆସି ରହୁଥିଲେ । ଏହି କାରଣରୁ ସେକ୍ ସାଗିର୍ ଉଭୟ ଶାଶୁ ଓ ଶ୍ୱଶୁର ତଥା ଶ୍ୱଶୁର ଘରର ଅନ୍ୟ ସଦସ୍ୟମାନଙ୍କୁ ବିଭିନ୍ନ ସମୟରେ ଧମକ ଚମକ ମଧ୍ୟ ଦେଉଥିଲେ । ଏପରିକି ପୂର୍ବରୁ ମଧ୍ୟ ଦୁଇ ଦୁଇ ଥର ନିଆଁ ଲଗାଇ ଜାଳି ଦେବାକୁ ଉଦ୍ୟମ କରିଥିଲା ଅଭିଯୁକ୍ତ । ଏଭଳି ମଦ୍ୟପ ଜ୍ୱାଇଁକୁ ଡରି ଶୁହାନା ଦିଦି ଓ ଶେକ୍ ହାରୁନ ଅଲ୍ଲୀ ନିଜ ଝିଅକୁ ତା' ସହ ଛାଡୁ ନଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ପେଟ୍ରୋଲ ଧରି ଶାଶୁ ଏବଂ ଶ୍ୱଶୁରଙ୍କ ଉପରେ ଢ଼ାଳି ନିଆଁ ଲଗାଇ ଖସି ପଳାଇଥିଲା ।

ପତିତପାବନ ଓ ଆନନ୍ଦବଜାରକୁ...

ଓ ନାମ ଗୁଡ଼ିକର ଟ୍ରେଡମାର୍କ ପଞ୍ଜୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏହାଦ୍ୱାରା ଏହିସବୁ ନାମ ଗୁଡ଼ିକର ଅପବ୍ୟବହାର ଏବଂ ବ୍ୟବସାୟକରଣ ରୋକାଯାଇ ପାରିବ । ଏଥିପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା । ପରିଚାଳନା କମିଟି ବୈଠକରେ ଅନୁମୋଦନ ପରେ ସେଗୁଡ଼ିକର ଟ୍ରେଡମାର୍କ ପଞ୍ଜୀକରଣ ପାଇଁ ଉଦ୍ୟମ ଅବ୍ୟାହତ ରହିଛି ।

୧୯ରେ ନିଜ ମାଟିରେ...

ଡ୍ରୋନ୍ ସର୍ଭେଲାନ୍ସର ବ୍ୟବସ୍ଥା କରାଯିବ । ମୟୂରଭଞ୍ଜ ଏକ ସୀମାନ୍ତ ଜିଲ୍ଲା ହୋଇଥିବାରୁ ପଡ଼ୋଶୀ ରାଜ୍ୟ ସୀମାନ୍ତରେ ନାକାବନ୍ଦୀ ଓ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ । ଏଥିସହ ସ୍ଥାନୀୟ ହୋଟେଲ, ଲଜ୍ ଓ ଅନ୍ୟାନ୍ୟ ଆବାସିକ ସ୍ଥାନଗୁଡ଼ିକରେ ନିୟମିତ ଯାଞ୍ଚ ଓ ତଦାରଖ ଜାରି ରଖିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଆପାତକାଳୀନ ଚିକିତ୍ସା ସେବା, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଏବଂ ଜିଲ୍ଲା ପ୍ରଶାସନ ସହ ତ୍ୱରିତ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତତ୍କାଳ ମୁକାବିଲା କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି । ଉଭୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଗାମୀ ଗସ୍ତକୁ ନେଇ ରାଇରଙ୍ଗପୁର ଓ ପାହାଡ଼ପୁରରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର, ଏୟାରଷ୍ଟ୍ରିପ, ପାହାଡପୁର, ବାଦାମପାହାଡ ସମେତ ବିଭିନ୍ନ ସ୍ଥାନକୁ ସଜାଇ ଦିଆଯାଇଛି । ବିଶେଷକରି ନିଜ ମାଟିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସୁଥିବାରୁ ସ୍ଥାନୀୟ ଲୋକେ ମାତ୍ରାଧିକ ପୁଲକିତ ହୋଇପଡିଛନ୍ତି । ମୟୂରଭଞ୍ଜର ପାହାଡ଼ପୁର, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶାଶୁଘର ।

ପାଣିରେ ବୁଡ଼ି ୨...

ଗଭୀର ଗଣ୍ଡ ଭିତରେ ବୁଡ଼ି ଯାଇଥିଲେ । ଏହା ଦେଖି ଆକାଶର ବଡ଼ଭାଇ ଦୀପକ ଭୟଭୀତ ହୋଇ ଉଚ୍ଚ ସ୍ୱରରେ ଚିତ୍କାର କରି ଗାଁ ଲୋକଙ୍କୁ ଡାକିଥିଲା । ଦୀପକର ପାଟି ଶୁଣି ଗ୍ରାମବାସୀମାନେ ତୁରନ୍ତ ନଦୀଘାଟକୁ ଦୌଡ଼ି ଆସିଥିଲେ ଏବଂ ନଦୀର ଉକ୍ତ ଗଣ୍ଡ ଭିତରୁ ଦୁଇ ନାବାଳକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ । ଏହାପରେ ଜନସାଧାରଣଙ୍କ ସହାୟତାରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ସରକାରୀ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ରେମୁଣାସ୍ଥିତ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । ମାତ୍ର ସେଠାରେ ଉପସ୍ଥିତ କର୍ତ୍ତବ୍ୟରତ ଡାକ୍ତର ଉଭୟ ନାବାଳକଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ଏହି ଦୁଇଟି କୋମଳମତି ଶିଶୁଙ୍କ ଅକାଳ ବିୟୋଗରେ ସ୍ଥାନୀୟ ରାଧାକିଶୋରପୁର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ଏହି ଘଟଣାରେ ସ୍ଥାନୀୟ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଚଳାଇଛି ।

ଚାନ୍ଦିପୁରରେ ଡିଆର୍‌ଡିଓର...

ହିତାଧିକାରୀଙ୍କୁ କ୍ଷତିପୂରଣ ରାଶି ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହି ସଫଳ ପରୀକ୍ଷଣ ଜାତୀୟ ସୁରକ୍ଷାକୁ ଆହୁରି ମଜବୁତ କରିବାରେ ସହାୟକ ହେବ । ସ୍ୱଦେଶୀ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା ଗବେଷଣାକୁ ନୂଆ ଦିଗ ଦେଇଛି । ଓଡ଼ିଶାର ଏହି ରଣନୈତିକ ପରୀକ୍ଷା ସୁବିଧା ପୁଣିଥରେ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ନିଜର ଗୁରୁତ୍ୱ ପ୍ରମାଣିତ କରିଛି । ଅନ୍ୟପକ୍ଷେ ନିର୍ଦ୍ଧାରିତ ସମୟରେ ମିସାଇଲ୍ ତାର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି, ଯାହା ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ଡିଆରଡିଓ ପାଇଁ ଆଉ ଏକ ବଡ଼ ସଫଳତା । ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଓ ବୈଜ୍ଞାନିକମାନଙ୍କ ଉପସ୍ଥିତିରେ ଏହି ପରୀକ୍ଷଣ ପ୍ରକ୍ରିୟା ସମ୍ପନ୍ନ ହୋଇଛି ।

ସୁଧାଂଶୁ ଶେଖର ବଡ଼ପଣ୍ଡା...

ସଦସ୍ୟ ଭାବେ ଯୋଗଦାନ ଆୟୋଗର କାର୍ଯ୍ୟଧାରାକୁ ଅଧିକ ଶକ୍ତିଶାଳୀ କରିବ ଏବଂ 'ବିକଶିତ ଓଡ଼ିଶା'ର ପରିକଳ୍ପନା ଅନୁଯାୟୀ ଓଡ଼ିଶାର ବିଦ୍ୟୁତ କ୍ଷେତ୍ରର ସଂସ୍କାର, ଶକ୍ତି ସୁରକ୍ଷା ଏବଂ ଗ୍ରାହକ-କେନ୍ଦ୍ରିତ ଶାସନରେ ସହାୟକ ହେବ ବୋଲି ଆଶା କରାଯାଉଛି । ଏହି ଶପଥ ଗ୍ରହଣ ସମାରୋହରେ ଶକ୍ତି ବିଭାଗ, ଓଏଚପିସି, ଗ୍ରୀଡକୋ, ଓପିଟିସିଏଲ, ଓଇଆରସିର ବରିଷ୍ଠ ଅଧିକାରୀ ଏବଂ ବିଦ୍ୟୁତ କ୍ଷେତ୍ରର ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

'କଂଗ୍ରେସ ବିଫଳତାର କଳଙ୍କ...

କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ନେତା ସାମିଲ ହୋଇଥିଲେ । ସମସ୍ତେ ମୋଦୀଙ୍କ ଶୁଭେଚ୍ଛା ପ୍ରଦାନ କରିଥିଲେ । ବୈଠକ ପରେ ମୋଦୀ ଏନ୍‌ଡିଏ ନେତାମାନଙ୍କ ସହିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଆଣିଥିବା ଝାଲମୁଢ଼ି ମଧ୍ୟ ଖାଇଥିଲେ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କେନ୍ଦ୍ରୀୟ କ୍ୟାବିନେଟ୍ ବୈଠକରେ ମଧ୍ୟ ସର୍ବସମ୍ମତିରେ ଏକ ଅଭିନନ୍ଦନ ପ୍ରସ୍ତାବ ପାସ୍ କରାଯାଇଥିଲା ଏବଂ ମନ୍ତ୍ରୀମାନେ ଛିଡ଼ା ହୋଇ ତାଳି ବଜାଇଥିଲେ । ବିଶ୍ୱର ଅନେକ ଦେଶ ଏପରିକି ପାକିସ୍ତାନରୁ ମଧ୍ୟ ଏବେ ମୋଦୀଙ୍କୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିବାରେ ଲାଗିଛି ।

ଖଜୁରଗୁଡ଼ା ସାନ୍ଦୁଲ ନଦୀ ସେତୁ ନିର୍ମାଣରେ ଅହେତୁକ ବିଳମ୍ବ

ଲାଞ୍ଜିଗଡ଼,୧୦।୬/ଏନ୍ଏନ୍ଏସ୍: ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ଖଜୁରଗୁଡ଼ା ଗାଁ ନିକଟରେ ପ୍ରବାହିତ ସାନ୍ଦୁଲ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହା ସହିତ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀମାନେ

- ୪ ବର୍ଷ ପରେ ବି ସରୁନି କାମ
- ଦେଖାଗଲାଣି ଫାଟ
- ବର୍ଷା ଦିନେ ଯୋଗାଯୋଗ ବିଚ୍ଛିନ୍ନ

ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ସୂଚନା ଅନୁଯାୟୀ, ଦୀର୍ଘ ବର୍ଷର ଦାବି ଓ ଅଭିଯୋଗ ପରେ ସାନ୍ଦୁଲ ନଦୀ ଉପରେ ଏହି ସେତୁ ନିର୍ମାଣ ପାଇଁ ୨୦୨୩ ମସିହାରେ ସରକାରୀ ମଞ୍ଜୁରୀ ମିଳିଥିଲା । ମାତ୍ର କାର୍ଯ୍ୟ ଆରମ୍ଭ ହେବାର ପ୍ରାୟ ୪ ବର୍ଷ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଭବାନୀପାଟଣାର ଜଣେ ଠିକାଦାର ଏହି ସେତୁ ନିର୍ମାଣର ସମସ୍ତ ଦାୟିତ୍ୱ ନେଇ ୨୦୨୩ ମସିହା ମେ' ମାସରେ କାର୍ଯ୍ୟ ଆରମ୍ଭ କରିଥିଲେ । ହେଲେ ବର୍ତ୍ତମାନ ସୁଦ୍ଧା ନଦୀର ଗୋଟିଏ ପାର୍ଶ୍ୱରେ କେବଳ ଲୁହାଛଡ଼ ଠିଆ ହୋଇ ରହିଥିବା ବେଳେ ଅନ୍ୟପଟେ ସେତୁର ସ୍ଲାବ ବା ଛାତ ପଡ଼ିପାରି ନାହିଁ । କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିବା ସହିତ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ସେତୁର ଅନେକ ସ୍ଥାନରେ ଏବେଠାରୁ ବଡ଼ ବଡ଼ ଫାଟ ସୃଷ୍ଟି ହେଲାଣି । ମାତ୍ର ସେଠାରେ କାର୍ଯ୍ୟରତ ବିଭାଗୀୟ ଯନ୍ତ୍ରୀଙ୍କର ଏଥିପ୍ରତି ନଜର ପଡୁନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ନିମ୍ନମାନର କାର୍ଯ୍ୟକୁ ନେଇ ବାରମ୍ବାର ଅଭିଯୋଗ ହେବା ପରେ କିଛି ମାସ ତଳେ ବିଭାଗ ପକ୍ଷରୁ କାମ ବନ୍ଦ କରାଯାଇଥିଲା, କିନ୍ତୁ କିଛି ଦିନର ବ୍ୟବଧାନ ପରେ ପୁନର୍ବାର ସେହିଭଳି ଢଙ୍ଗରେ କାମ ଆରମ୍ଭ କରାଯାଇଛି । ତେବେ ଏହା ପ୍ରଶାସନର ଅବହେଳା, ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉଦାସୀନତା ନା ରାଜନେତାଙ୍କ ଦୃଷ୍ଟିଭଙ୍ଗୀର ଅଭାବ, ତାହାକୁ ନେଇ ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇନଥିବାରୁ ବର୍ତ୍ତମାନ ପୁରୁଣା ରାସ୍ତାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି । ମାତ୍ର ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅମୟ ହୋଇପଡୁଛି, ଯାହାଫଳରେ ଯାନବାହନ ଚଳାଚଳ ତ ଦୂରର କଥା ଲୋକଙ୍କୁ ଚାଲି ଚାଲି ଯିବା ମଧ୍ୟ ସମ୍ଭବ ହେଉନାହିଁ । ଏହାଦ୍ୱାରା ନଦୀ ଆରପାରିରେ ଥିବା ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା କାରଣରୁ ନଦୀର ଆରପଟେ ଥିବା ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର ସମେତ ବିଜେପୁର, ମାଳିଯୁବାଙ୍ଗ ଓ ପାହାଡ଼ପଦର ପଞ୍ଚାୟତର ଅନେକ ଗ୍ରାମ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ଆଗକୁ ବର୍ଷା ଋତୁ ଆସୁଥିବାରୁ ଏହି ସେତୁ କାମ ସରି ନହେଲେ ଜରୁରୀକାଳୀନ ସମୟରେ ଗୁରୁତର ରୋଗୀଙ୍କୁ ଚିକିତ୍ସାଳୟ ନେବା କିମ୍ବା ଯାତାୟାତ କରିବା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବାର ଆଶଙ୍କା ଦେଖାଦେଇଛି । ଏପରିକି ବିଜେପୁର ପଞ୍ଚାୟତ କାର୍ଯ୍ୟାଳୟ ଓ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟକୁ ଦୈନନ୍ଦିନ କାର୍ଯ୍ୟ ପାଇଁ ଯିବା ଆସିବା କରିବାରେ ସ୍ଥାନୀୟ ବାସିନ୍ଦା ନାନା ପ୍ରତିବନ୍ଧକର ସାମ୍ନା କରୁଛନ୍ତି । ଏହି ଗୁରୁତର ସମସ୍ୟା ପ୍ରତି ଦୃଷ୍ଟି ଦେଇ ସ୍ଥାନୀୟ ଗ୍ରାମବାସୀ ଲୀଳାମ୍ବର ବାଗ, ଯୁଜ୍ଞେଶ୍ୱି ନାଏକ, ବିପିନ ନାଏକ, ନିରାକାର ବାଗ, ଶଙ୍କର ନାଏକ, ବଳ ମାଝୀ, ସୁଦରୀ ମାଝୀ, ଲାକ ମାଝୀ, ବିନୋଦ ନାଏକ, ହରି ବାଗ, ସୂର୍ଯ୍ୟ ବାଗ, ଜମ୍ବୁବତୀ ନାଏକ ଏବଂ କୈଳାଶ ବାଗଙ୍କ ସମେତ ସମଗ୍ର ଅଞ୍ଚଳବାସୀ କଳାହାଣ୍ଡି ଜିଲ୍ଲାପାଳଙ୍କୁ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

ଦୁର୍ନୀତିଗ୍ରସ୍ତ ଓ ନକଲି ଶିକ୍ଷକଙ୍କୁ ସୁରକ୍ଷା ପ୍ରଦାନ ଅଭିଯୋଗ

ଭବାନୀପାଟଣା,୧୦।୬/ଏନ୍ଏନ୍ଏସ୍: ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା (ଜିରୋ ଟଲରେନ୍ସ) ଅଭିମୁଖ୍ୟ ଗ୍ରହଣ କରିଥିବା ବେଳେ ଏବଂ 'ନାରୀ ବନ୍ଦନା' କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ସମ୍ମାନ ଓ ଅଧିକାର ସୁନିଶ୍ଚିତ କରିବା ସହ ସେମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବିଲ୍ ଆଣିଥିବା ବେଳେ କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି । ଜିଲ୍ଲାରେ ଦୁର୍ନୀତିଗ୍ରସ୍ତ ଶିକ୍ଷକ ଓ ନାରୀମାନଙ୍କୁ ଅସମ୍ମାନ କରୁଥିବା ବ୍ୟକ୍ତିମାନଙ୍କୁ ପଦୋନ୍ନତି ପାଇଁ ଜିଲ୍ଲା ଶିକ୍ଷାଧିକାରୀ ସୁପାରିଶ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ନକଲି ଓ ଦୁର୍ନୀତିଗ୍ରସ୍ତ ଶିକ୍ଷକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ଏଭଳି ଶିକ୍ଷକମାନେ ଆରାମରେ ଚାକିରୀ ସାରି ଅବସର ଗ୍ରହଣ କରୁଛନ୍ତି । ଅଭିଯୋଗ ଅନୁଯାୟୀ, ଜିଲ୍ଲା ଶିକ୍ଷା ବିଭାଗର ଦୁଇଜଣ କିରାଣୀ ଏହି ନକଲି ଓ ଦୁର୍ନୀତିଗ୍ରସ୍ତ ଶିକ୍ଷକମାନଙ୍କୁ ସୁରକ୍ଷା ଯୋଗାଉଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ସେମାନଙ୍କର ମୁଖ୍ୟ ପୃଷ୍ଠପୋଷକ ସାଜିଛନ୍ତି । ଏହାଦ୍ୱାରା ସଚ୍ଚୋଟ ଶିକ୍ଷକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରି ପଦୋନ୍ନତି ନପାଇ ଅବସର ନେଉଥିବା ବେଳେ ଦୁର୍ନୀତିଗ୍ରସ୍ତମାନଙ୍କୁ ପଦୋନ୍ନତି ମିଳୁଛି । ଏହି କ୍ରମରେ ଭବାନୀପାଟଣା ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବି ପ୍ରସାଦ କାନୁନଗୋ ୨୦୨୩-୨୪ ଆର୍ଥିକ ବର୍ଷରେ ବାର୍ଷିକ ଉତ୍ସବ ଆୟୋଜନ ପାଇଁ ବିଦ୍ୟାଳୟ ଜମା ଖାତାରୁ ୧୫ ହଜାର ଟଙ୍କା ଉଠାଣ କରିଥିଲେ ।

ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା

ମାତ୍ର ବାର୍ଷିକ ଉତ୍ସବ ଆୟୋଜନ ନକରି ସେହି ଟଙ୍କାକୁ ଆତ୍ମସାତ କରିବା ସହ ଜାଲ୍ କାଗଜପତ୍ର ମାଧ୍ୟମରେ ଏହାକୁ ରଫାଦଫା କରିବା ପାଇଁ କନିଷ୍ଠ ସହାୟିକା ପୁଷ୍ପାଞ୍ଜଳି ବେହେରାଙ୍କୁ କହିଥିଲେ । ବାର୍ଷିକ

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରଶିକ୍ଷଣ ଶିବିର

● ଯୋଗଦେଲେ ୨୦୦ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ

ଭୁବନେଶ୍ୱର,୧୦।୬/ଏନ୍‌ଏନ୍‌ଏସ୍: ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଉଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଆଜି ଠାରୁ ଦୁଇ ଦିନ ଏହି ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଛି । ଓଡ଼ିଶା ସରକାରଙ୍କ ୨୩ ଟି ବିଭାଗ ଏବଂ ୫ଟି ନିର୍ଦ୍ଦେଶାଳୟରୁ ମୋଟ୍ ୨୦୫ ଜଣ ସରକାରୀ ଅଧିକାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଛନ୍ତି । ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଓଡ଼ିଆ ଭାଷା ଶବ୍ଦ ଭଣ୍ଡାରର ବ୍ୟାବହାରିକ ରୂପ, କମ୍ପ୍ୟୁଟରରେ ଓଡ଼ିଆ ଟାଇପିଙ୍ଗ, ୱିସ୍‌ୱାସ୍‌ରେ ସରକାରୀ କାର୍ଯ୍ୟ ସମ୍ପାଦନ, ପାୱାର ପଏଣ୍ଟ ଉପସ୍ଥାପନା, ଇଂରାଜୀରୁ ଓଡ଼ିଆ ଅନୁବାଦ, ଓଡ଼ିଆରେ ଟିପ୍ପଣୀ, ଚିଠା, ଆଦେଶନାମା ପ୍ରସ୍ତୁତି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଆଜି ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଡକ୍ଟର ହର ପ୍ରସାଦ ମିଶ୍ର, ସ୍ମୃତିରଞ୍ଜନ ମିଶ୍ର, ସୁରେନ୍ଦ୍ର କୁମାର ଦାଶ, ଡକ୍ଟର ପ୍ରଦୀପ୍ତ କୁମାର ବାରିକ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ।

● ସ୍ୱତନ୍ତ୍ର ସଘନ ସଂଶୋଧନ

୧୨ ଦିନରେ ୯୪.୩୭% ଭୋଟର୍‌ଙ୍କ ପାଖରେ ପହଞ୍ଚିଲା ଫର୍ମ

ଭୁବନେଶ୍ୱର,୧୦।୬/ଏନ୍‌ଏନ୍‌ଏସ୍: ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମ ଦ୍ୱାଦଶ ଦିନରେ ବଡ଼ ସଫଳତା ହାସଲ କରିଛି । ରାଜ୍ୟରେ ଏପର୍ଯ୍ୟନ୍ତ ୯୪.୩୭ ପ୍ରତିଶତ ଭୋଟରଙ୍କ ନିକଟରେ ଗଣନା ଫର୍ମ ପହଞ୍ଚାଇବାରେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ସଫଳ ହୋଇଛନ୍ତି । ସରକାରୀ ସୂଚନା ଅନୁସାରେ, ରାଜ୍ୟର ମୋଟ ୩ କୋଟି ୧୫ ଲକ୍ଷ ୧୮ହଜାର ୪୧୨ଜଣ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି, ତନ୍ମଧ୍ୟରୁ ୩୯ଲକ୍ଷ ୮୩ହଜାର ୪୮୬ ଜଣ ଭୋଟର ଙ୍କର ଡିଜିଟାଇଜ୍ କରାଯାଇଛି, ଯାହା ସମଗ୍ର ପ୍ରକ୍ରିୟାର ଦ୍ରୁତ ଅଗ୍ରଗତିକୁ ସୂଚିତ କରୁଛି । ଏହି ସଂଶୋଧନ ପ୍ରକ୍ରିୟାରେ ଫର୍ମ ବଣ୍ଟନ ଓ ଦାଖଲର ଶେଷ ତାରିଖ ଜୁନ୍ ୨୮ ରହିଛି । ତେଣୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ଫର୍ମ ଦାଖଲ କରିନାହାନ୍ତି, ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ଥାନୀୟ ବିଏଲଓ ଙ୍କ ନିକଟରେ ଫର୍ମ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରୁ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ମଧ୍ୟ ଅପଲୋଡ୍ କରିପାରିବେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ଦାଖଲ ନ କଲେ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବାର ସମ୍ଭାବନା ଥିବାରୁ ଏହାକୁ ଗୁରୁତ୍ୱର ସହ ନେବାକୁ ଭୋଟରମାନଙ୍କୁ ପରାମର୍ଶ ଦିଆଯାଇଛି । ଏଥିସହ କୌଣସି ଭୋଟରଙ୍କର ଫର୍ମ ବଣ୍ଟନ, ସଂଶୋଧନ କିମ୍ବା ଅନ୍ୟ କୌଣସି ସମସ୍ୟା ଥିଲେ, ସେମାନେ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୫୦ରେ ଯୋଗାଯୋଗ କରି ସହାୟତା ପାଇପାରିବେ । ରାଜ୍ୟରେ ସ୍ୱଚ୍ଛ, ସଠିକ୍ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନରେ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଲୋଡ଼ାଯାଇଛି । ବାକି ଥିବା ଭୋଟରମାନେ ଶେଷ ତାରିଖ ପୂର୍ବରୁ ଫର୍ମ ଦାଖଲ କରି ନିଜର ଭୋଟାଧିକାର ସୁନିଶ୍ଚିତ କରିବାକୁ କୁହାଯାଇଛି ।

● କାଳବୈଶାଖୀର ଭୀଷଣ ତାଣ୍ଡବ

କାର୍ ଉପରେ ଗଛ, ଅଳ୍ପକେ ବର୍ତ୍ତିଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ

ଭୁବନେଶ୍ୱର,୧୦।୬/ଏନ୍‌ଏନ୍‌ଏସ୍: ଚିତ୍ରକୋଣ୍ଡା କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କାଳବୈଶାଖୀ ଭୀଷଣ ତାଣ୍ଡବ ଯୋଗୁଁ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଚିତ୍ରକୋଣ୍ଡାରେ ଆୟୋଜିତ ଏକ କ୍ରିକେଟ ଟୁର୍ନାମେଣ୍ଟରେ ସେ ଯୋଗ ଦେଇ ନିଜ ଗାଡ଼ିରେ ଘରକୁ ଫେରୁଥିଲାବେଳେ ହଠାତ୍ କାଳବୈଶାଖୀ ହୋଇଥିଲା । ଏଥିଯୋଗୁଁ ଭୟଙ୍କର ପବନ ସହ ବର୍ଷା ହୋଇଥିଲା । ଫଳରେ ରାସ୍ତାପାର୍ଶ୍ୱ ଏକ ବିରାଟ ଗଛ ତାଙ୍କ ଗାଡ଼ି ଉପରେ ପଡ଼ିଯାଇଥିଲା । ଗାଡ଼ିଟିର କ୍ଷତି ହୋଇଥିଲେ ହେଁ, ସେଥିରେ ବସିଥିବା ବିଧାୟକଙ୍କ ସମେତ ଡ୍ରାଇଭର ଓ ପିଏସଓ ସୌଭାଗ୍ୟବଶତଃ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି । ସେ 'ନିତିଦିନ'କୁ ଫୋନଯୋଗେ ସୂଚନା ଦେଇ କହିଛନ୍ତି ଯେ, ବୁଧବାର ସନ୍ଧ୍ୟାରେ ଆଖିପିଛୁଲାକେ କାଳବୈଶାଖୀ ତା'ର ତାଣ୍ଡବ ରଚିଥିଲା । ମାଲକାନାଗିରି ଜିଲ୍ଲାର ଅଧିକାଂଶ ଇଲାକାରେ କାଳବୈଶାଖୀ ଭିଷଣ କ୍ଷତି ଘଟାଇଛି । ବହୁ ଲୋକଙ୍କ ଚାଳ ଛପର ଉଡ଼ିଯାଇଛି । ହେଲେ ନିଶ୍ଚିତ ବିପଦରୁ ଆମେ ବର୍ତ୍ତିଯାଇଛୁ । ଭଗବାନଙ୍କ କୃପା ଆମ ଉପରେ ରହିଛି । ଜଙ୍ଗଲିଆ ଓ ଶୂନଶାନ୍ ରାସ୍ତା ଥିବାରୁ ଗାଡ଼ିକୁ ସୁରକ୍ଷିତ ସ୍ଥାନକୁ ନେବାକୁ ସମ୍ଭବ ହୋଇନଥିଲା । ସେଥିପାଇଁ ଏଭଳି ସମସ୍ୟା ହୋଇଥିଲା । ଅପରପକ୍ଷରେ କେବଳ ମାଲକାନାଗିରି ନୁହେଁ, କୋରାପୁଟ ଜିଲ୍ଲାର ଅଧିକାଂଶ ସ୍ଥାନରେ କାଳବୈଶାଖୀ ପ୍ରବଳ କ୍ଷତି କରିଛି । ନନ୍ଦପୁର ଅଞ୍ଚଳରେ ଏହି ଝଡ଼ପବନ ସାଧାରଣ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି । ସ୍ଥାନୀୟ ସାପ୍ତାହିକ ହାଟ ଚାଲିଥିବା ସମୟରେ ପବନ ଆସିବାରୁ ବ୍ୟବସାୟୀଙ୍କ ଜରିପାଲ ଏବଂ ଅସ୍ଥାୟୀ ଦୋକାନଗୁଡ଼ିକ ଉଡ଼ିଯାଇଛି । ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା କୁହାଯାଉଛି ।

ଓଡ଼ିଶା ଫୁଡ୍, ଏଗ୍ରି ଆଣ୍ଡ୍ ବାୟୋଟେକ୍ ସମିଟ୍ ଉଦ୍‌ଘାଟିତ

ଯୁବପିଢ଼ି କୃଷିକୁ ଉଦ୍ୟୋଗ ଓ ରାଷ୍ଟ୍ର ଗଠନର ମାଧ୍ୟମ କରନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର,୧୦।୬/ଏନ୍‌ଏନ୍‌ଏସ୍: ଯୁବପିଢି କୃଷିକୁ କେବଳ ଏକ ପାରମ୍ପରିକ ବୃତ୍ତି ନ ଭାବି ନବସୃଜନ, ଉଦ୍ୟୋଗ ଓ ରାଷ୍ଟ୍ର ଗଠନର ଏକ ଗତିଶୀଳ କ୍ଷେତ୍ର ଭାବେ ଗ୍ରହଣ କରିବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର୍ ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି) ପରିସରରେ ଇଣ୍ଡିଆନ ଚେମ୍ବର ଅଫ କମର୍ସ (ଆଇସିସି) ଓ ଓୟୁଏଟି ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଫୁଡ୍, ଏଗ୍ରି ଆଣ୍ଡ ବାୟୋଟେକ ସମ୍ମିଟକୁ ଉଦଘାଟନ କରି ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ କୃଷିର ଭବିଷ୍ୟତ ଉଦ୍ଭାବକ, ଉଦ୍ୟୋଗୀ ଓ ସମସ୍ୟା ସମାଧାନକାରୀଙ୍କ ହାତରେ ଅଛି । ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଆଜିର କୃଷି ପାରମ୍ପରିକ ଚାଷବାସରେ ସୀମିତ ନୁହେଁ । ଏଥିରେ ଏଗ୍ରିବିଜନେସ୍, ଖାଦ୍ୟ ପ୍ରକ୍ରିୟାକରଣ, ବାୟୋଟେକ୍ନୋଲୋଜି, ଫାର୍ମ ମେକାନାଇଜେସନ୍, ଡିଜିଟାଲ୍ ଏଗ୍ରିକଲ୍‌ଚର୍, ଏଗ୍ରି-ଷ୍ଟାର୍ଟଅପ୍, ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ ଓ ଭାଲ୍ୟୁ ଏଡେଡ୍ ଉଦ୍ୟୋଗ ଭଳି ଅନେକ ଉତ୍ସାହଜନକ ସୁଯୋଗ ରହିଛି ଓ ଏ ଦିଗରେ ଯୁବକ-ଯୁବତୀମାନଙ୍କୁ ଏହି ନୂତନ କ୍ଷେତ୍ରଗୁଡ଼ିକୁ ବ୍ୟବହାର କରି ରୋଜଗାର ସୃଷ୍ଟି ଓ ସମ୍ପଦ ନିର୍ମାଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁଙ୍କ ଉକ୍ତିକୁ ଉଦ୍ଧୃତ କରି ରାଜ୍ୟପାଳ କହିଥିଲେ ଯେ, କୃଷି ହେଉଛି ଆମ ଦେଶର ପ୍ରକୃତ ସଂସ୍କୃତି ଓ ଏହା ଦେଶର ଆର୍ଥିକ ଓ ସାମାଜିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ରାଜ୍ୟପାଳ କହିଥିଲେ । ସଠିକ ଫର୍ମିଂ, ଜଳବାୟୁ ସହିଷ୍ଣୁ କୃଷି, ବାୟୋଟେକ୍ନୋଲୋଜି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଡିଜିଟାଲ୍ ପ୍ଲାଟଫର୍ମ ଓ ଦକ୍ଷ ସପ୍ଲାଏ ଚେନ୍ ଭଳି ବୈଜ୍ଞାନିକ ଉଦ୍ଭାବନଗୁଡ଼ିକୁ କୃଷି ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ କରିବା ଉପରେ ରାଜ୍ୟପାଳ ଜୋର ଦେଇଥିଲେ । ଏହା ଦ୍ୱାରା ଉତ୍ପାଦନ, ସ୍ଥାୟୀତ୍ୱ ଓ କୃଷକଙ୍କ ଆୟ ବୃଦ୍ଧି ହେବ ବୋଲି ରାଜ୍ୟପାଳ କହିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବିଶେଷକରି ମୁଦ୍ରା ଯୋଜନା ସମ୍ବନ୍ଧରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଷ୍ଟାର୍ଟଅପ୍, ଫାର୍ମର୍ ପ୍ରଡ୍ୟୁସର ଅର୍ଗାନାଇଜେସନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ବାୟୋଟେକ ଉଦ୍ୟୋଗ ଓ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେଉଥିବା କାର୍ଯ୍ୟକ୍ରମଗୁଡ଼ିକ କୃଷି ଉଦ୍ୟମିତା ଓ ଗ୍ରାମୀଣ ସମୃଦ୍ଧି ପାଇଁ ସହାୟକ ପରିବେଶ ସୃଷ୍ଟି କରୁଛି । ଆୟୋଜକମାନଙ୍କୁ ପ୍ରଶଂସା କରି ଏହି ସମ୍ମିଟ୍‌ର ଥିମ୍ 'ଫୁଡ୍, ଏଗ୍ରି-ଟେକ୍ ଓ ବାୟୋଟେକ୍ ଉଦ୍ଭାବନରେ ଜାତୀୟ ହବ ଭାବେ ଓଡ଼ିଶାର ଉତଥାନକୁ ତ୍ୱରାନ୍ୱିତ କରିବ' ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ । ଓୟୁଏଟି ଦ୍ୱାରା ପ୍ରକାଶିତ 'ହ୍ୟାଣ୍ଡବୁକ୍ ଅଫ୍ ଏଗ୍ରିବିଜନେସ୍ ଇନ୍ ଓଡ଼ିଶା'ର ପ୍ରକାଶନକୁ ପ୍ରଶଂସା କରି ଏହାକୁ କୃଷକ, ଷ୍ଟାର୍ଟଅପ, ଏଗ୍ରିପ୍ରେନର୍ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୂଲ୍ୟବାନ ସମ୍ବଳ ହେବ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ । ସରକାରୀ ବିଭାଗଗୁଡ଼ିକ ସବସିଡି ଆଧାରିତ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ବ୍ୟାଙ୍କଗୁଡ଼ିକ ସହିତ ଅଧିକ ସମନ୍ୱୟ ରଖି ପ୍ରକୃତ ହିତାଧିକାରୀଙ୍କୁ ବିନା ବାଧାରେ ସହାୟତା ପ୍ରଦାନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । କୋଭିଡ୍-୧୯ ମହାମାରୀ ସମୟରେ ଭାରତ କିପରି ସଙ୍କଟକୁ ସୁଯୋଗରେ ପରିଣତ କରି ଡିଜିଟାଲ୍ ପଦ୍ଧତିକୁ ଗ୍ରହଣ ଓ ନବସୃଜନକୁ ତ୍ୱରାନ୍ୱିତ କରିଥିଲା ସେ ବିଷୟରେ ଉଲ୍ଲେଖ କରିଥିଲେ । ପଶ୍ଚିମ ଏସିଆରେ ଚାଲିଥିବା ଭୂ-ରାଜନୈତିକ ସଙ୍କଟକୁ ଉଲ୍ଲେଖ କରି ଶକ୍ତି ସୁରକ୍ଷା ଓ ସ୍ଥାୟୀ ବିକାଶର ଆବଶ୍ୟକତା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ । ଦୈନନ୍ଦିନ ଜୀବନରେ ବୈଦ୍ୟୁତିକ ଯାନ ଓ ରୁଫ ଟପ ସୋଲାର୍ ସିଷ୍ଟମ୍ ପ୍ରଣାଳୀ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରି ରାଜ୍ୟପାଳ କହିଥିଲେ ଯେ, ଏହା ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ ଏବଂ ପରିବେଶ ସୁରକ୍ଷାରେ ସହାୟକ ହେବ । କେନ୍ଦ୍ର ସରକାରଙ୍କ ଇଥାନଲ୍ ବ୍ଲେଣ୍ଡିଂ କାର୍ଯ୍ୟକ୍ରମ ପ୍ରସଙ୍ଗରେ ଉଲ୍ଲେଖ କରି କୃଷି କିପରି ଭାରତର ଶକ୍ତି ରୂପାନ୍ତରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଏବଂ କୃଷକଙ୍କ ପାଇଁ ଅତିରିକ୍ତ ଆୟର ସୁଯୋଗ ସୃଷ୍ଟି କରୁଛି ସେ ବିଷୟରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ । ଓଡ଼ିଶାରେ ପ୍ରଚୁର ସମ୍ଭାବନା ଥିବାରୁ ଏହା ଖାଦ୍ୟ, ଏଗ୍ରି-ଟେକ୍ ଓ ବାୟୋଟେକ୍ନୋଲୋଜିର ଏକ ପ୍ରମୁଖ ହବ୍ ଭାବେ ଆତ୍ମପ୍ରକାଶ କରିପାରିବ ବୋଲି ରାଜ୍ୟପାଳ କହିବା ସହିତ ଅନୁଷ୍ଠାନ, ଶିଳ୍ପ, ବିନିଯୋଗକାରୀ ଓ ଉଦ୍ଭାବକଙ୍କ ମଧ୍ୟରେ ଆହୁରି ଦୃଢ଼ ସହଯୋଗ ଜରୁରୀ ବୋଲି ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଆଇସିସି ଓଡ଼ିଶା ଷ୍ଟେଟ୍ କାଉନସିଲର ଏଗ୍ରି ଓ ଫୁଡ୍ ପ୍ରସେସିଂ କମିଟି କନଭେନର ଶ୍ରୀରାମ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇସିସି ଓଡ଼ିଶା ଷ୍ଟେଟ୍ କାଉନସିଲ ର ଅଧ୍ୟକ୍ଷ ରାଜୀବ ଶେଖର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ମୋଦୀଜୀ ଆଉ ଏକ ନୂତନ ରେକର୍ଡ ସୃଷ୍ଟି କଲେ

-ରାକେଶ ଶର୍ମା

ରେକର୍ଡ ସୃଷ୍ଟି ହୁଏ ଭଙ୍ଗିବା ପାଇଁ । ଆଜି ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ସମୟ ଧରି କାର୍ଯ୍ୟରତ ରହିବାର ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି । ସେ ଲଗାତାର ୪,୩୯୯ ଦିନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ପାଳନ କରି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ୪,୩୯୮ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି । ଆଜିର ଦିନ ଭାରତୀୟ ଗଣତନ୍ତ୍ର ପାଇଁ ଗର୍ବର ମୁହୂର୍ତ୍ତ । କିନ୍ତୁ ଦୁଃଖର ବିଷୟ ହେଲା, ଯେତେବେଳେ ସମଗ୍ର ଦେଶ ଏହି ସଫଳତାକୁ ଉତ୍ସବ ଭାବେ ପାଳନ କରୁଛି ଏବଂ ବିଶ୍ୱର ବିଭିନ୍ନ ଦେଶରୁ ମୋଦୀଜୀଙ୍କୁ ଅଭିନନ୍ଦନ ଜଣାଯାଉଛି, ସେତେବେଳେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ ଇଣ୍ଡିଆ ମେଞ୍ଚ ଏହି ସଫଳତାକୁ ସ୍ୱୀକାର କରିବା ପରିବର୍ତ୍ତେ ତାହାର ସମାଲୋଚନା କରୁଛି ବୋଲି ଲେଖକ ମତ ପ୍ରକାଶ କରିଛନ୍ତି । ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଏବଂ ସର୍ବାଧିକ ଜନସଂଖ୍ୟା ଥିବା ଦେଶ ଭାରତରେ ଲଗାତାର ବାରୋ ବର୍ଷ ଶାସନରେ ରହିବା କୌଣସି ସାଧାରଣ କଥା ନୁହେଁ । ଭବିଷ୍ୟତରେ ମୋଦୀଜୀ ଦେଶସେବା କରି ଆଉ କେତେ ରେକର୍ଡ ସୃଷ୍ଟି କରିବେ, ତାହା ସମୟ କହିବ । ଏହି ସଫଳତା ହଠାତ୍ ଆସିନାହିଁ । ଏହାର ପଛରେ ରହିଛି ଦେଶ ପ୍ରତି ତାଙ୍କର ସମ୍ପୂର୍ଣ୍ଣ ସମର୍ପଣ, ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସଙ୍କଳ୍ପ ଏବଂ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ମନ୍ତ୍ର । ଲେଖକଙ୍କ ମତାନୁସାରେ, ରାହୁଲ ଗାନ୍ଧୀ ଏବଂ ବିରୋଧୀ ଦଳମାନଙ୍କ ପ୍ରତିକ୍ରିୟା ରାଜନୈତିକ ଅପରିପକ୍ୱତାର ପରିଚୟ ଦେଇଥାଏ । ଯେତେବେଳେ ଦେଶର ଅନେକ ଲୋକ ଏହି ଉପଲବ୍ଧିରେ ଖୁସି ପ୍ରକାଶ କରୁଛନ୍ତି, ସେତେବେଳେ ବିରୋଧୀମାନେ କେବଳ ମୋଦୀ ବିରୋଧରେ ମତ ପ୍ରକାଶ କରୁଛନ୍ତି । ମୋଦୀଜୀଙ୍କ ନେତୃତ୍ୱରେ ଏନ୍‌ଡିଏ କେବଳ କେନ୍ଦ୍ରରେ ତୃତୀୟଥର ପାଇଁ ସରକାର ଗଠନ କରିନାହିଁ, ବରଂ ୨୨ଟି ରାଜ୍ୟରେ ମଧ୍ୟ ସରକାର ଗଠନ କରିଛି । ଲେଖକଙ୍କ ମତରେ, ଜନସାଧାରଣ ପୁନଃପୁନି ବିଜେପି ଏବଂ ଏନ୍‌ଡିଏକୁ ସମର୍ଥନ ଦେଉଛନ୍ତି କାରଣ ସେମାନଙ୍କ କାର୍ଯ୍ୟରେ ଲୋକମାନଙ୍କ ବିଶ୍ୱାସ ରହିଛି । ଭାରତ ଓ ଚୀନର ଆର୍ଥିକ ଉନ୍ନତିର ତୁଳନା କରି ଲେଖକ କହିଛନ୍ତି ଯେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ମୋଦୀଜୀ ଦୃଢ଼ ସଙ୍କଳ୍ପ ସହ କାମ କରୁଛନ୍ତି । ଲେଖକ ଉଲ୍ଲେଖ କରିଥିବା କିଛି ପ୍ରମୁଖ ସଫଳତା ମଧ୍ୟରେ ରହିଛି ସାମାଜିକ କଲ୍ୟାଣ ଯୋଜନାର ବିସ୍ତାର, ଡିଜିଟାଲ ବିପ୍ଳବ ଏବଂ ୟୁପିଆଇ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ଆର୍ଥିକ ସମାବେଶ, ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ (ଡିବିଟି), କୋଟି କୋଟି ନୂଆ ବ୍ୟାଙ୍କ ଖାତା ଖୋଲା, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ, ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ସେବା, ୧୧ କୋଟିରୁ ଅଧିକ ଶୌଚାଳୟ ନିର୍ମାଣ, କୋଟି କୋଟି ପରିବାରକୁ ମାଗଣା ଏଲ୍‌ପିଜି ସଂଯୋଗ, ନବୀକରଣଯୋଗ୍ୟ ଉର୍ଜାକୁ ପ୍ରୋତ୍ସାହନ, ଚନ୍ଦ୍ରଯାନ–୩ର ସଫଳତା, ବିଶ୍ୱ ଅର୍ଥନୀତିରେ ଭାରତର ବଢୁଥିବା ସ୍ଥାନ, ଧାରା ୩୭୦ ଅପସାରଣ, ତିନି ତାଲାକ ବିରୋଧୀ ଆଇନ, ଭିତ୍ତିଭୂମି, ଜାତୀୟ ସୁରକ୍ଷା, ବିଜ୍ଞାନ, ପ୍ରଯୁକ୍ତି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଓ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ । ଲେଖକଙ୍କ ମତରେ, ଏହି ସମସ୍ତ ସଫଳତା ସ୍ପଷ୍ଟ ଦୃଷ୍ଟିକୋଣ, ଦୃଢ଼ ନେତୃତ୍ୱ ଏବଂ ବିକଶିତ ଭାରତ ଗଢ଼ିବାର ସଙ୍କଳ୍ପର ଫଳ । ଶେଷରେ ଲେଖକ କହିଛନ୍ତି ଯେ, ଯଦି ବିରୋଧୀ ଦଳମାନେ ଏହି ଉପଲବ୍ଧିଗୁଡ଼ିକୁ ଅବହେଳା କରି ଆତ୍ମସମୀକ୍ଷା ନ କରନ୍ତି, ତେବେ ଆଗାମୀ ଦିନରେ ମଧ୍

ଫ୍ୟାସନ

ଧୋତି-ପ୍ଲାଜୋ ଓ ଲେଜର୍ ଶାଢ଼ି

ପରିବର୍ତ୍ତନୀୟ ସମୟ ସହିତ ଫ୍ୟାସନ୍‌ର ରଙ୍ଗ-ରୂପ ମଧ୍ୟ ଦ୍ରୁତ ଗତିରେ ବଦଳୁଛି। ଏବେ ମହିଳାମାନେ କେବଳ କପଡ଼ା ନୁହେଁ ଟ୍ରେଣ୍ଡ୍ ଓ ଷ୍ଟାଇଲ୍‌କୁ ଧ୍ୟାନରେ ରଖି ଶାଢ଼ି ବା ଆଉଟ୍‌ଫିଟ୍ କିଣୁଛନ୍ତି। ଖାସ୍ କରି ମହିଳାମାନଙ୍କ ମଧ୍ୟରେ ଧୋତି-ପ୍ଲାଜୋ ସେଟ୍ ଓ ଲେଜର୍ ଶାଢ଼ିର ଚାହିଦା ଖୁବ୍ ବୃଦ୍ଧି ପାଉଛି। ବଜାରରେ ମହିଳା ଓ ଝିଅମାନଙ୍କର ଅଧିକ ଆକର୍ଷଣ ରହୁଛି ଧୋତି ଷ୍ଟାଇଲ୍ ପ୍ଲାଜୋ ସେଟ୍ ଉପରେ। ଏହି ନୂଆ ଫ୍ୟାସନ୍‌କୁ ଖୁବ୍ ପସନ୍ଦ କରୁଛନ୍ତି ମହିଳାମାନେ।

ଧୋତି-ପ୍ଲାଜୋ ଓ ଲେଜର୍ ଶାଢ଼ି- ଆଜିକାଲିର ଫ୍ୟାସନ୍ ଟ୍ରେଣ୍ଡ୍‌ରେ ସାମିଲ ଅଛି ଆଧୁନିକ ଓ ଆରାମଦାୟକ ପରିଧାନ। ଧୋତି-ପ୍ଲାଜୋ ଏ ସମୟରେ ବଟମ୍ ୱିଅର ଭାବରେ ବହୁତ ଲୋକପ୍ରିୟ ହୋଇଥିବା ବେଳେ ଲେଜର୍ କଟ୍ ୱାର୍କ ବା ଲେଜର୍-ପ୍ରିଣ୍ଟର ଶାଢ଼ି ନିଜର ଖାସ୍ ଡିଜାଇନ୍ ପାଇଁ ଲୋକପ୍ରିୟତା ହାସଲ କରିଛି।

ଧୋତି ପ୍ଲାଜୋ-ଏହା ପାରମ୍ପରିକ ଧୋତି ଓ ଆଧୁନିକ ପ୍ଲାଜୋର ଏକ ମିଶ୍ରଣ। ଏଥିରେ ପାଦ ଭାଗରେ ଧୋତି ପରି ପ୍ଲିଟ୍ସ ତିଆରି ହୋଇଥାଏ। କିନ୍ତୁ ତଳ ଆଡ଼କୁ ପ୍ଲାଜୋ ପରି ଖୋଲା ଓ ଆରାମଦାୟକ ହୋଇଥାଏ। ଏହାକୁ ସାଧାରଣତଃ କ୍ରପ୍-ଟପ୍, କୁର୍ତ୍ତି, ପେପଲମ୍ ଟପ୍ ବା ଅନାରକଲୀ ସୁଟ୍ ସହିତ ପିନ୍ଧାଯାଏ। ଫେଷ୍ଟିଭ୍ ସିଜିନ୍, ବିବାହ ଆଦି ପାର୍ଟି ବା କାଜୁଆଲ୍ ଆଉଟିଂ ପାଇଁ ଏହା ଏକ ଶାନ୍‌ଦାର ବିକଳ୍ପ ହୋଇପାରେ।

ଲେଜର୍ ଶାଢ଼ି-ପାରମ୍ପରିକ ଶାଢ଼ିର ଏହା ଏକ ଆଧୁନିକ ରୂପ ଯେଉଁଥିରେ ଲେଜର୍ ଟେକ୍ନିକ୍‌ର ଉପଯୋଗ କରାଯାଏ। ଶାଢ଼ିର ବର୍ଡର୍ସ ବା ପୂରା ପୃଷ୍ଠଭାଗରେ ଲେଜର୍ ମେସିନ୍ ଦ୍ୱାରା ବହୁତ ସୂକ୍ଷ୍ମ କଟ୍-ୱର୍କ, ଜାଲିଦାର ପ୍ୟାଟର୍ଣ୍ଣ ବା କାରୁକାର୍ଯ୍ୟ କରାଯାଏ। ଏହି ଶାଢ଼ିର ଫ୍ୟାବ୍ରିକ୍ ବହୁତ ହାଲୁକା ହୋଇଥିବାରୁ ଏଥିରେ ଆକର୍ଷଣୀୟ ଚମକ ଥାଏ। ଏହାକୁ କକ୍‌ଟେଲ୍ ପାର୍ଟି ବା ରିସେପ୍ସନ୍ ପରି ଅବସରରେ ପିନ୍ଧିବାକୁ ମହିଳାମାନେ ଅଧିକ ପସନ୍ଦ କରନ୍ତି। ଆଧୁନିକ ଓ ଏଥ୍‌ନିକ୍ ଟଚ୍‌ର ସଠିକ୍ ସନ୍ତୁଳନ ହେଉଛି ଲେଜର୍ ଶାଢ଼ି। ଏହାକୁ ଯିଏ ବି ପିନ୍ଧେ ସେ କ୍ଲାସି ଲୁକ୍ ପାଏ।

ଖଦ୍ୟଶାଳ

ରାଜ୍‌ମା ମଦ୍ଦାରା

ଆବଶ୍ୟକ ସାମଗ୍ରୀ- ଚିତ୍ରା ରାଜ୍‌ମା-୨୦୦ ଗ୍ରାମ (୩-୪ ଘଣ୍ଟା ପାଣିରେ ଭିଜାଯାଇଥିବ), ବହଳିଆ ଦହି-୨୦୦ ଗ୍ରାମ, ଚାଉଳ ଗୁଣ୍ଡ କିମ୍ବା ମକା ଅଟା-୧ ଚାମଚ, ଧଣିଆ ପାଉଡର୍-୧ ଚାମଚ, ହଳଦୀ ପାଉଡର୍, ଲାଲ୍ ଲଙ୍କା ପାଉଡର୍, ଶୁଣ୍ଠି ପାଉଡର୍, ଗୋଲମରିଚ ଗୁଣ୍ଡ - ଅଧ ଚାମଚ ଲେଖାଏଁ, ଦେଶୀ ଘିଅ-୩ ଚାମଚ, ରିଫାଇଣ୍ଡ୍ ତେଲ-୧ ଚାମଚ, ଶୁଖିଲା ଲଙ୍କା-୪ଟା, ତେଜପତ୍ର-୨ଟି, ଲବଙ୍ଗ-୨ଟି, ବଡ଼ ଗୁଜୁରାତି-୨ଟି, ଜିରା-୧ ଚାମଚ, ଡ଼ାଲଚିନି- ଖଣ୍ଡେ, ଲୁଣ, କସୁରୀ ମେଥି ପାଉଡର୍-୧ ଚାମଚ, କଟା ଯାଇଥିବା କାଜୁ-୧୦ଟି, ଆଲ୍‌ମଣ୍ଡ-୫ଟି, ଶୁଖିଲା ନଡ଼ିଆ ଖଣ୍ଡ-୧/୪ କପ୍, ଗରମ ମସଲା-ଅଧ ଚାମଚ।

ପ୍ରଣାଳୀ-ରାଜ୍‌ମାକୁ ପାଣି ଦେଇ କୁକରରେ ସିଝାଇ ଦିଆଯିବ। ପାଣିରେ ଅଳ୍ପ ଲୁଣ ଓ ଏକ ଚାମଚ ତେଲ ଦେଇ ତିନିଟା ସିଟି ମାରିବେ। ଏହାପରେ ଏକ ପାତ୍ରରେ ଦହି ଓ ସବୁ ପାଉଡର୍ ମସଲାଗୁଡ଼ିକୁ (ଗରମ ମସଲା ଛାଡ଼ି) ପକାଇ ଭଲ ଭାବରେ ଫେଣ୍ଟିଦେବେ। ଏକ ପ୍ୟାନ୍‌ରେ ଦେଶୀ ଘିଅ ପକାଇ ଫୁଟିବା ପର୍ଯ୍ୟନ୍ତ ଅପେକ୍ଷା କରିବେ। ଗୋଟା ମସଲାଗୁଡ଼ିକୁ ଏଥିରେ ପକାଇ ଭାଜନ୍ତୁ। ଏଥିରେ ଫେଣ୍ଟା ଯାଇଥିବା ଦହିକୁ ପକାଇ ବାରମ୍ବାର ଚଲାଇବେ। ଦହି ଫୁଟିଗଲେ ଚଲେଇବା ବନ୍ଦ କରି ଦିଅନ୍ତୁ। ମସଲା ଉପରକୁ ଘିଅ ଆସିବା ପର୍ଯ୍ୟନ୍ତ ଫୁଟାଇବାକୁ ହେବ। ଅଳ୍ପ ଲୁଣ ଦେଇ ମିଶାନ୍ତୁ। ଏବେ ରାଜ୍‌ମାକୁ ପାଣିରୁ ବାହାର କରି ମସଲାରେ ପକାଇ ୫-୭ ମିନିଟ୍ ପର୍ଯ୍ୟନ୍ତ ଘୋଡ଼େଇ ଦେବେ। ଯଦି ଗ୍ରେଭି ଗାଢ଼ ହେବାପରି ମନେହୁଏ ରାଜ୍‌ମା ପାଣିରୁ କିଛି ଢ଼ାଳି ଆଉ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଗ୍ରେଭି ଯେପରି ବହୁତ ପତଳା ନହୁଏ ସେଥିପ୍ରତି ଧ୍ୟାନ ଦେବେ। ଏବେ ଏଥିରେ ମେଥି ପାଉଡର୍ ଓ ଗରମ ମସଲା ପକାଇ ଗ୍ୟାସ୍ ବନ୍ଦ କରନ୍ତୁ। ଆଉ ଏକ ପ୍ୟାନ୍‌ରେ ୧ ଚାମଚ ଘିଅ ପକାଇ ସେଥିରେ କାଜୁ, ଆଲ୍‌ମଣ୍ଡ୍ ଓ ଶୁଖିଲା ନଡିଆ କଟାକୁ ଭାଜି ରାଜ୍‌ମା ଥିବା ପ୍ୟାନ୍‌ରେ ଢ଼ାଳିବେ। ଏହାକୁ ଭାତ କିମ୍ବା ରୁଟି ସହିତ ଖାଇ ପାରିବେ।

ପ୍ରେରଣା

ପ୍ରଥମ ମହିଳା ବୈଜ୍ଞାନିକ

ଐତିହାସିକ ବିମାନ, ଅନ୍ତରୀକ୍ଷ ଯାନ ଓ ବିମାନ କଳାକୃତିଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ବିଶ୍ୱ ସ୍ତରରେ ରହିଛି ଏକ ପ୍ରସିଦ୍ଧ ସଂଗ୍ରହାଳୟ। ଏହି ସଂଗ୍ରହାଳୟଟି ରହିଛି ୱାଶିଂଟନ ଡିସିରେ ଯାହାର ନାମ ସ୍ମିଥସୋନିୟନ୍ସ ନ୍ୟାସନାଲ୍ ଏୟାର୍ ଆଣ୍ଡ୍ ସ୍ପେସ୍ ମ୍ୟୁଜିୟମ୍। ସଂଗ୍ରହାଳୟଟି ଭାରତର ଅନ୍ତରୀକ୍ଷ ଯାତ୍ରା ସହିତ ଜଡ଼ିତ ଏକ ବସ୍ତୁକୁ ତା'ର ସଂଗ୍ରହରେ ସାମିଲ କରିଛି। ଏହି ବସ୍ତୁଟି ଏକ ଶାଢ଼ି ଯାହାକୁ ଇସ୍ରୋର ଜଣେ ପ୍ରମୁଖ ମହିଳା ବୈଜ୍ଞାନିକ ନନ୍ଦିନୀ ହରିନାଥ ଦେଶର ପ୍ରଥମ ଅନ୍ତର୍ଗ୍ରହୀୟ ମିଶନର ସଫଳ ପ୍ରକ୍ଷେପଣ ସମୟରେ ପିନ୍ଧିଥିଲେ। ଇସ୍ରୋର ପ୍ରସିଦ୍ଧ ରକେଟ୍ ମହିଳାଙ୍କ ମଧ୍ୟରୁ ନନ୍ଦିନୀ ହରିନାଥ ଅନ୍ୟତମ ଯିଏ 'ମଙ୍ଗଳଯାନ' ନାମକ ମାର୍ସ ଅର୍ବିଟର୍ ମିଶନରେ ଡେପୁଟି ଅପରେସନ୍ ଡାଇରେକ୍ଟର ଭାବରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ନନ୍ଦିନୀ ହରିନାଥ ତାମିଲନାଡୁରେ ଜନ୍ମଗ୍ରହଣ କରିଛନ୍ତି। ତାଙ୍କ ମା' ଜଣେ ଗଣିତ ଶିକ୍ଷୟିତ୍ରୀ ଓ ପିତା ଜଣେ ଇଞ୍ଜିନିୟର ଥିଲେ। ପିଲାଦିନରୁ ବିଜ୍ଞାନ ଓ ଅନ୍ତରୀକ୍ଷରେ ରୁଚି ରଖିଥିବା ନନ୍ଦିନୀ ଇଞ୍ଜିନିୟରିଂରେ ସ୍ନାତକ ଓ ସ୍ନାତକୋତ୍ତର ପାଠପଢ଼ା ପୂରା କରିବା ପରେ ଇସ୍ରୋରେ ଯୋଗ ଦେଇଥିଲେ। ଇସ୍ରୋରେ ତାଙ୍କର ୨୦ ବର୍ଷରୁ ଅଧିକ କ୍ୟାରିୟର ମଧ୍ୟରେ ୧୪ରୁ ଅଧିକ ଅନ୍ତରୀକ୍ଷ ମିଶନଗୁଡ଼ିକରେ ନିଜର ସହଯୋଗ ଦେଇଛନ୍ତି ନନ୍ଦିନୀ। ଅନେକ ଥର ସେ ୧୨-୧୪ ଘଣ୍ଟା ପର୍ଯ୍ୟନ୍ତ ଅଥକ ପରିଶ୍ରମ କରିଛନ୍ତି। ତେବେ ନନ୍ଦିନୀଙ୍କ ଅନୁସାରେ ଯେକୌଣସି ମିଶନ ଉପରେ କାମ କରିଲେ ତାହା ମହତ୍ତ୍ୱପୂର୍ଣ୍ଣ ପରି ମନେହୁଏ। କିନ୍ତୁ ମଙ୍ଗଳଯାନ ମିଶନ ବାକି ମିଶନ ଠାରୁ ସମ୍ପୂର୍ଣ୍ଣ ଭାବରେ ଅଲଗା ଥିଲା। ଏହି ଅନ୍ତରୀକ୍ଷ ବୈଜ୍ଞାନିକ ମନେପକାଇ କହନ୍ତି - 'ମଙ୍ଗଳଯାନ ଏଥିପାଇଁ ଖାସ୍ ଥିଲା କାରଣ ଏହାକୁ ଦେଖୁଥିବା ଲୋକମାନଙ୍କର ସଂଖ୍ୟା ଥିଲା ବହୁତ ଅଧିକ। ଏହି ମିଶନ ଉପରେ ଥିଲା ପୂରା ଦୁନିଆର ନଜର। ତେବେ ନିଜର ବିଶେଷଜ୍ଞତା ଓ କ୍ଷମତା ପାଇଁ ପରିଚୟ ମିଳିଲେ ବହୁତ ଭଲ ଲାଗେ। ସେ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କ ସହିତ ହାତ ମିଳାଇଥିଲେ। ନାସା ତାଙ୍କୁ ଶୁଭେଚ୍ଛା ଜଣାଇଥିଲା। ଏବେ ନାସା, ଇସ୍ରୋର ସହଯୋଗ କରୁଛି। କିନ୍ତୁ ଏହା କେବଳ ଉଦ୍ୟୋଗ ଜଗତ ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ। ସାଧାରଣ ଜନତା, ସଂସ୍ଥା, ସ୍କୁଲ୍ ଆଦି ଏଥିରେ ରୁଚି ରଖିଥାନ୍ତି। ସେମାନେ ସୋସିଆଲ୍ ମିଡିଆରେ ମଧ୍ୟ ତାଙ୍କୁ ଅନୁସରଣ କରୁଛନ୍ତି।'

ଏସବୁର ଆରମ୍ଭ କିପରି ହୋଇଥିଲା ସେ ବିଷୟରେ ଏକ ସାକ୍ଷାତକାରରେ ନନ୍ଦିନୀ କହିଥିଲେ। ବେଙ୍ଗାଲୁରୁରେ ଥିବାବେଳେ ଟିଭିରେ ଷ୍ଟାର୍ ଟ୍ରାକ୍ ନାମକ ଏକ ବହୁତ ଲୋକପ୍ରିୟ ଧାରାବାହିକର ପ୍ରସାରଣ ହେଉଥିଲା। ତାଙ୍କ ପରିବାର ଏହି ଧାରାବାହିକଟିକୁ ଦେଖିବାକୁ ଖୁବ୍ ଭଲ ପାଉଥିଲେ। ଏହା ସହିତ 'ଆପୋଲୋ-୧୩' ନାମକ ଅନ୍ୟ ଏକ ସିରିଜକୁ ଦେଖିବାକୁ ପସନ୍ଦ କରୁଥିଲେ ନନ୍ଦିନୀ। ଅନ୍ୱେଷଣ ଓ ଟିମ୍ ୱର୍କର ସେହି କାହାଣୀଗୁଡ଼ିକ ତାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା। ଏହିଠାରୁ ଜଣେ ବୈଜ୍ଞାନିକ ହେବାର ରୁଚି ତାଙ୍କ ମନରେ ସୃଷ୍ଟି ହୋଇଥିଲା ଓ ଏହି କ୍ୟାରିୟର୍ ଦିଗରେ ସେ ଆଗକୁ ବଢ଼ିଥିଲେ। ତେବେ ୫ ନଭେମ୍ବର, ୨୦୧୩ରେ ମଙ୍ଗଳଯାନକୁ ସତୀଶ ଧୱନ ସ୍ପେସ୍ ସେଣ୍ଟରରୁ ଲଞ୍ଚ କରାଯାଇଥିଲା। ମିଶନର ଲକ୍ଷ୍ୟ ଥିଲା ଅନ୍ତର୍ଗ୍ରହୀୟ ଟେକ୍ନିକ୍‌ଗୁଡ଼ିକର ପରୀକ୍ଷଣ କରିବା, ମଙ୍ଗଳ ଗ୍ରହର ପୃଷ୍ଠଭାଗ ଓ ବାତାବରଣର ଅଧ୍ୟୟନ କରିବା। ଏହି ମିଶନ ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ସାବ୍ୟସ୍ତ ହୋଇଥିଲା। ଏହା ସହିତ ଭାରତ, ମଙ୍ଗଳ ଗ୍ରହ ପର୍ଯ୍ୟନ୍ତ ପହଞ୍ଚିଥିବା ପ୍ରଥମ ଏସିଆନ୍ ଦେଶ ଭାବରେ ଓ ବିଶ୍ୱର ଚତୁର୍ଥ ଦେଶ ହେବାର ମାନ୍ୟତା ପାଇଥିଲା। ମଙ୍ଗଳଯାନ ନିଜର ନିର୍ଦ୍ଦିଷ୍ଟ ସମୟ ଠାରୁ କେତେ ଅଧିକ ପାଖାପାଖି ଆଠ ବର୍ଷ ପର୍ଯ୍ୟନ୍ତ ମଙ୍ଗଳର କକ୍ଷରେ ରହି ମହତ୍ତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକୁ ସଂଗ୍ରହ କରିଛି।

ଏବେ ନନ୍ଦିନୀ ହରିନାଥଙ୍କ ଶାଢ଼ିକୁ ସ୍ମିଥସୋନିୟନ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ କରିବା ଭାରତର ବୈଜ୍ଞାନିକ ଉପଲବ୍ଧି ଓ ମହିଳା ବୈଜ୍ଞାନିକମାନଙ୍କର ଯୋଗଦାନକୁ ବୈଶ୍ୱିକ ସ୍ତରରେ ମିଳିଥିବା ବଡ଼ ପରିଚୟ ଭାବରେ ନିଆଯାଇଛି। ମଙ୍ଗଳଯାନ ଯେତେବେଳେ ମଙ୍ଗଳ ଯାତ୍ରାରେ ବାହାରିଥିଲା ନନ୍ଦିନୀ ଏହି ଶାଢ଼ିକୁ ସେହି ଦିନ ପିନ୍ଧିଥିଲେ। ତେଣୁ ଏହି ପ୍ରଦର୍ଶନୀ ବୈଶ୍ୱିକ ମଞ୍ଚରେ ଭାରତୀୟ ମହିଳା ବୈଜ୍ଞାନିକମାନଙ୍କର ଶକ୍ତି, ରାଷ୍ଟ୍ରୀୟ ଗୌରବ ଓ ଅନ୍ତରୀକ୍ଷ ବିଜ୍ଞାନରେ ଭାରତର ଐତିହାସିକ ସଫଳତାର ଜୀବନ୍ତ ପ୍ରତୀକ ବୋଲି କୁହାଯାଇପାରେ। ମଙ୍ଗଳଯାନ ଥିଲା ତାଙ୍କର ଦୃଢ଼ ସଂକଳ୍ପର ଉଦାହରଣ। ତାଙ୍କ ମତରେ ମଙ୍ଗଳଯାନ ମିଶନ ହେଉଛି ଅତୀତର ଘଟଣା। କିନ୍ତୁ ଏବେ ଆମକୁ ଭବିଷ୍ୟତ ସମ୍ପର୍କରେ ଚିନ୍ତା କରିବା ଉଚିତ। ତେବେ ଆମେ ତାଙ୍କର ଭବିଷ୍ୟତର ପ୍ରୟାସଗୁଡ଼ିକ ପାଇଁ ତାଙ୍କୁ ଶୁଭକାମନା ଜଣାଇବା।

ଅବିବାହିତ ମା' ହେବାର ଚଳନ

ଦେଶରେ ଏବେ ଅବିବାହିତ ମା' ହେବା ବା ବିବାହ ନକରି ମା' ହେବାର ଚଳନ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପାରମ୍ପରିକ ପ୍ରତିବନ୍ଧଗୁଡ଼ିକୁ ଅତିକ୍ରମ କରି ଅଧିକ ସଂଖ୍ୟାର ମହିଳାମାନେ ଏବେ ନିଜର ସର୍ତ୍ତଗୁଡ଼ିକୁ ନେଇ ମାତୃତ୍ୱ ପ୍ରାପ୍ତି କରିବା ପାଇଁ ଚାହୁଁଛନ୍ତି। ଆଧୁନିକ ମହିଳାମାନେ ଆର୍ଥିକ ସ୍ତରରେ ସ୍ୱତନ୍ତ୍ର ଓ ଆଇଭିଏଫ୍ ବା ଆଡପ୍ସନ୍ ମାଧ୍ୟମରେ ବିବାହ ନକରି ପରିବାର ବୃଦ୍ଧି କରୁଛନ୍ତି।

ଅବିବାହିତ ମଦର ଟ୍ରେଣ୍ଡ୍ ଓ ସିଙ୍ଗଲ୍ ପ୍ୟାରେଣ୍ଟିଂର ମୁଖ୍ୟ କାରଣ

ଆର୍ଥିକ ସ୍ୱତନ୍ତ୍ରତା-ଶିକ୍ଷା ଓ କ୍ୟାରିୟର୍‌ର ବିକାଶ ମହିଳାମାନଙ୍କୁ ଆର୍ଥିକ ଭାବରେ ମଜବୁତ କରୁଛି। ସେମାନେ ଏବେ ଜୀବନଯାପନ ଓ ପିଲାଙ୍କ ଲାଳନ-ପାଳନ ପାଇଁ କୌଣସି ପୁରୁଷ ଉପରେ ନିର୍ଭର ନୁହନ୍ତି।

ପରିବର୍ତ୍ତନୀୟ ସାମାଜିକ ଚିନ୍ତାଧାରା-ସମାଜିକ ଦୃଷ୍ଟିକୋଣରେ ପରିବର୍ତ୍ତନ ହେଉଛି। ଏବେ ଲୋକମାନେ ଷ୍ଟାଟସ୍ ସିଙ୍ଗଲ୍ (ଅବିବାହିତ, ଛାଡ଼ପତ୍ର ବା ବିଧବା) ପରି ପୁରୁଣା ଦାଗଗୁଡ଼ିକରୁ ହଟି ମହିଳାମାନଙ୍କର ଏହି ବ୍ୟକ୍ତିଗତ ନିଷ୍ପତ୍ତିକୁ ସମ୍ମାନ କରିବାକୁ ଲାଗିଲେଣି।

କାନୁନୀ ଓ ମେଡିକାଲ୍ ବିକଳ୍ପ-ଭାରତରେ ସିଙ୍ଗଲ୍ ମହିଳାମାନଙ୍କ ପାଇଁ ପିଲାଟିଏକୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରିବାର ନିୟମ ରହିଛି। ଏହା ବ୍ୟତୀତ ମେଡିକାଲ୍ ଟେକ୍ନିକ୍‌ଗୁଡ଼ିକୁ ଯଥା-ଆଇଭିଏଫ୍ ଓ ସରୋଗେସୀ ମହିଳାମାନଙ୍କ ପାଇଁ ଜୈବିକ ସ୍ତରରେ ମା' ହେବା ପାଇଁ ସହଜ କରିଦେଲାଣି।

ଅସୁରକ୍ଷିତ ସମ୍ପର୍କ-ଅନେକ ମହିଳା ଖରାପ ବା ହିଂସାତ୍ମକ ସମ୍ପର୍କ ମଧ୍ୟରେ ରହିବା ପରିବର୍ତ୍ତେ ବିବାହିତ ହୋଇନଥିଲେ ମଧ୍ୟ ଏକାକୀ ପିଲାଟିକୁ ପାଳିବାକୁ ପସନ୍ଦ କରୁଛନ୍ତି।

ଆକଳନ ଓ ଆହ୍ୱାନ-ତେବେ ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁସାରେ ଆମ ଦେଶରେ ପାଖାପାଖି ୪.୫ ପ୍ରତିଶତ ପରିବାରର ନେତୃତ୍ୱ ମା'ମାନଙ୍କ ହାତରେ ରହିଛି। ତେବେ ଏହି ରାସ୍ତାରେ ରହିଥାଏ ଅନେକଗୁଡ଼ିଏ ଆହ୍ୱାନ।

ସାମାଜିକ କଳଙ୍କ-ଆଜିର ସମୟରେ ବି ସମାଜର କିଛି ଭାଗରେ ବିବାହ ବିନା ମା' ହେବା ଉପରେ ଅନେକ ପ୍ରଶ୍ନ ଉଠୁଛି।

ଚାପଗ୍ରସ୍ତ ଜୀବନ-ପିତାର ଅନୁପସ୍ଥିତିରେ ପିଲାଟିର ଆର୍ଥିକ ଓ ଭାବନାତ୍ମକ ଆବଶ୍ୟକତାଗୁଡ଼ିକର ପୂରା ବୋଝ ଏକୁଟିଆ ମା' ଉପରକୁ ଆସିଯାଏ।

ପରିଚୟ-ପିଲାମାନଙ୍କର ସ୍କୁଲ ଆଡ୍‌ମିଶନ ବା ଜନ୍ମ ପ୍ରମାଣପତ୍ରରେ ପିତାର ନାମ ନଥିଲେ କିଛି କାନୁନୀ ଓ ପ୍ରଶାସନିକ ବାଧାବିଘ୍ନ ଆସିପାରେ।

ତେବେ ଆମ ଦେଶରେ ଏବେ ଅନେକ ସହରୀ ଓ ଡିଜିଟାଲ୍ କମ୍ୟୁନିଟିଜ୍ ତିଆରି ହେଉଛି ଯାହା ସିଙ୍ଗଲ୍ ମଦର୍ସଙ୍କୁ ପରସ୍ପର ସହିତ ଯୋଡୁଛି ଓ ସେମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଛି।

ସୌନ୍ଦର୍ଯ୍ୟ

କେଶ ପାଇଁ ତ୍ରିଫଳା ପାଉଡର୍

ଆଜିକାଲି କେଶ ଝଡ଼ିବା, ରୁପି ହେବା ଓ କେଶ ରୁକ୍ଷ ହେବା ସାଧାରଣ ସମସ୍ୟା ହୋଇଗଲାଣି। ପରିବର୍ତ୍ତନୀୟ ଜୀବନଶୈଳୀ, ଖରାପ ଖାଦ୍ୟପେୟ, ଚାପଗ୍ରସ୍ତ ଜୀବନ ଓ ପ୍ରଦୂଷଣର ପ୍ରଭାବ ସିଧା କେଶର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ। ଏଥିପାଇଁ ଅନେକ ମହିଳା ପ୍ରାକୃତିକ ଓ ଆୟୁର୍ବେଦିକ ଉପାୟକୁ ଫଲୋ କରୁଛନ୍ତି। ଏହି ପାରମ୍ପରିକ ଆୟୁର୍ବେଦ ଉପାୟଗୁଡ଼ିକ ମଧ୍ୟରେ ରହିଛି ତ୍ରିଫଳା ପାଉଡର୍। ଆୟୁର୍ବେଦରେ ବ୍ୟବହୃତ ହେଉଥିବା ତ୍ରିଫଳା ପାଉଡର୍‌କୁ କେଶ ପାଇଁ ମଜବୁତ, ସ୍କାଲ୍‌ପକୁ ପରିଷ୍କାର ରଖିବା ଓ କେଶର ଚମକକୁ ଆହୁରି ଉନ୍ନତମାନର କରିବାର ଖୁବ୍ ଭଲ ଉପାୟ ଭାବରେ ଗ୍ରହଣ କରାଯାଏ। ଏହା ଆଁଳା, ହରିଡ଼ା ଓ ବାହାଡ଼ାକୁ ମିଶାଇ ପ୍ରସ୍ତୁତ କରାଯାଏ। ଏହି ତିନୋଟି ଜିନିଷରେ ଅନେକଗୁଡ଼ିଏ ପୋଷକ ତତ୍ତ୍ୱ ଓ ଆଣ୍ଟିଅକ୍ସିଡେଣ୍ଟ ଗୁଣ ଥାଏ। ଦୀର୍ଘ ସମୟ ହେଲାଣି ଆୟୁର୍ବେଦରେ ତ୍ରିଫଳାର ବ୍ୟବହାର କରାଯାଉଛି। ସୀମିତ ମାତ୍ରାରେ ଏହାର ଉପଯୋଗ କେଶ ପାଇଁ ମଧ୍ୟ କରାଯାଏ।

◆ତ୍ରିଫଳା ପାଉଡର୍‌ରେ ଥିବା ଅଁଳା ଭିଟାମିନ୍-ସିର ଏକ ଖୁବ୍ ଭଲ ସୋର୍ସ। ଏହା କେଶର ଜଡ଼କୁ ପୋଷଣ ଦେବାରେ ସାହାଯ୍ୟ କରେ। ନିୟମିତ ବ୍ୟବହାର କରିବା ଦ୍ୱାରା କେଶ ଝଡ଼ିବା ଓ ସେଗୁଡ଼ିକୁ ମଜବୁତ କରିବାରେ ଏହା ସହାୟତା କରିଥାଏ।

◆ସ୍କାଲ୍‌ପରେ ଜମା ହୋଇଥିବା ଅପରିଷ୍କାର ତତ୍ତ୍ୱ, ତେଲ ଓ ଝାଳ କାରଣରୁ ରୁପି ସମସ୍ୟା ବଢ଼ିଯାଏ। ତ୍ରିଫଳା ପାଉଡର୍ ସ୍କାଲ୍‌ପକୁ ପରିଷ୍କାର କରିବାରେ ସାହାଯ୍ୟ କରିଥାଏ। ଏହା ଅତିରିକ୍ତ ତେଲକୁ କମ୍ କରାଇ କୁଣ୍ଡେଇହେବା ପରି ସମସ୍ୟାରୁ ମୁକ୍ତି ଦେଇଥାଏ।

◆ତ୍ରିଫଳା ପାଉଡର୍ ସ୍କାଲ୍‌ପକୁ ପରିଷ୍କାର ଓ ପୋଷଣଯୁକ୍ତ କରିଥାଏ। ଏଥିପାଇଁ କେଶ ବୃଦ୍ଧି ହୋଇଥାଏ।

◆ସମୟ ପୂର୍ବରୁ ଧଳା କେଶକୁ ରୋକିବାରେ ସହାୟତା କରିଥାଏ ତ୍ରିଫଳା ପାଉଡର୍।

◆ଧୂଳି, ପ୍ରଦୂଷଣ ଓ ହେୟାର୍ ଉତ୍ପାଦ କାରଣରୁ ସ୍କାଲ୍‌ପ ଉପରେ ଜମାହୋଇ ରହିଥିବା ଅପରିଷ୍କାର କେଶକୁ ତ୍ରିଫଳା ପାଉଡର୍ ତାଜା ଅନୁଭବ ଦେଇଥାଏ।

ଆଜିର ରାଶିଫଳ

ଜ୍ୟୋତିର୍ବିତ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

ମେଷ
ଖୁବ୍ ଭଲ ବ୍ୟବସାୟିକ ପରିଣାମ ମିଳିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଆଜି ଗମ୍ଭୀର ସମସ୍ୟା ଆସିପାରେ। ଆର୍ଥିକ ଜୀବନ ଖୁବ୍ ବଢ଼ିଆ ରହିବ।

ବୃଷ
ଦିନଟିର ଦ୍ୱିତୀୟ ଭାଗଟି ପ୍ରପୋଜ୍ କରିବା ପାଇଁ ଶୁଭ। ପେସାଗତ ଜୀବନରେ ବ୍ୟସ୍ତତା ରହିବ। କିଛି ଅଧିକାରୀ ନୂଆ କାର୍ଯ୍ୟାଳୟକୁ ଯାଇପାରନ୍ତି। କଳାକାର ଓ ରଚନାତ୍ମକ ବ୍ୟକ୍ତିମାନଙ୍କୁ ସଫଳତା ମିଳିବ।

ମିଥୁନ
ଖୁସି ରହିବା ପାଇଁ ସମସ୍ୟାଗୁଡ଼ିକୁ ଦୂର କରିବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ସକାରାତ୍ମକ। ଆର୍ଥିକ ପକ୍ଷରେ ସୁଧାର ହେବ। ବରିଷ୍ଠ ଲୋକମାନେ ଧନର ବିଭାଜନ କରିବେ।

କର୍କଟ
ଆଗକୁ ବଢ଼ିବାର ସମୟ। ବ୍ୟକ୍ତିଗତ ଓ ବ୍ୟବସାୟିକ ଜୀବନରେ ସ

୯ ବର୍ଷ ପରେ ଶ୍ରୀଲଙ୍କାରେ ଟେଷ୍ଟ୍ ସିରିଜ୍ ଖେଳିବ ଭାରତ

ଅଗଷ୍ଟ ୧୫ରୁ ଗଲ୍‌ରେ ପ୍ରଥମ ଟେଷ୍ଟ୍

ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ଶିପ୍‌ର ଅଂଶ ହେବ ସିରିଜ୍

ମୁମ୍ବାଇ,୧୦।୬/ଏଜେନ୍ସି: ଭାରତ ୯ ବର୍ଷ ପରେ ଶ୍ରୀଲଙ୍କାରେ ଟେଷ୍ଟ୍ ସିରିଜ୍ ଖେଳିବ। ଟିମ୍ ଇଣ୍ଡିଆ ଅଗଷ୍ଟ ୧୫ରୁ ଗଲ୍ଲ ଆରମ୍ଭ କରିବ। ଏହି ଅବସରରେ ଶୁଭମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଟିମ୍ ଦୁଇ ଟେଷ୍ଟ୍ ମ୍ୟାଚ୍ ଖେଳିବ। ପ୍ରଥମ ଟେଷ୍ଟ୍ ଗଲ୍‌ରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟ ଟେଷ୍ଟ୍ ଅଗଷ୍ଟ ୨୩ରୁ କଲମ୍ବୋରେ ହୋଇପାରେ। ଏହି ସିରିଜ୍ ୨୦୨୫-୨୭ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ଶିପ୍‌ର ଅଂଶବିଶେଷ ହେବ। ୨୦୧୭ରେ ଭାରତୀୟ ଟିମ୍ ଶେଷ ଥର ପାଇଁ ବିରାଟ କୋହଲିଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗସ୍ତ କରିଥିବା ବେଳେ ଟେଷ୍ଟ୍ ସିରିଜ୍‌ରେ କ୍ଲିନ୍ ସ୍ୱିପ୍ କରିଥିଲା।

ଟେଷ୍ଟ୍ ସିରିଜ୍ ବ୍ୟତୀତ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୩ ମ୍ୟାଚ୍‌ର ଟି-୨୦ ଅନ୍ତର୍ଜାତୀୟ ସିରିଜ୍ ମଧ୍ୟ ଖେଳାଯାଇପାରେ। କ୍ରିକ୍‌ବଜ୍ ରିପୋର୍ଟ ଅନୁସାରେ ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ନିକଟରେ କହିଥିଲେ ଯେ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ସହିତ ତିନି ମ୍ୟାଚ୍‌ର କଥାବାର୍ତ୍ତା ହୋଇଥିଲା। ଲଙ୍କା ପ୍ରିମିୟର୍ ଲିଗ୍ (ଏଲ୍‌ପିଏଲ୍) ଅଗଷ୍ଟ ୯ ତାରିଖରେ ଶେଷ ହେବ। ଫଳରେ ଟେଷ୍ଟ୍ ସିରିଜ୍ ପରେ ଟି-୨୦ ମ୍ୟାଚ୍ କରାଇବା ଅଧିକ ସହଜ ହେବ ବୋଲି କୁହାଯାଉଛି।

ଭାରତ-ଏ' ଟିମ୍ ଏବେ ଶ୍ରୀଲଙ୍କାରେ ତ୍ରିକୋଣୀୟ ଦିନିକି ସିରିଜ୍ ଖେଳୁଛି। ଟିମ୍‌ର ପ୍ରଥମ ମ୍ୟାଚ୍ ଜୁନ୍ ୯ ତାରିଖରେ ଖେଳାଯାଇଛି। ଭାରତ ଏହି ଦିନିକିଆରେ ଶ୍ରୀଲଙ୍କାକୁ ୮ ରନ୍‌ରେ ହରାଇ ଦେଇଛି। ଏହି ସିରିଜ୍ ପରେ ଟିମ୍ ଦୁଇଟି ଅନ୍‌ଅଫିସିଆଲ୍ ଟେଷ୍ଟ୍ ମ୍ୟାଚ୍ ମଧ୍ୟ ଖେଳିବ।

ହାର୍ଦ୍ଦିକ ପାଣ୍ଡ୍ୟା ଆଫଗାନିସ୍ତାନ ସିରିଜ୍‌ରୁ ବାଦ୍

ଫିଟ୍‌ନେସ୍ ଟେଷ୍ଟ୍ ବେଳେ ଲାଗିଛି ଆଘାତ

ଦିନକ ପୂର୍ବରୁ ଫିଟ୍ ଘୋଷିତ କରାଯାଇଥିଲେ

ବେଙ୍ଗାଲୁରୁ,୧୦।୬/ଏଜେନ୍ସି: ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟା ଆଫଗାନିସ୍ତାନ ବିପକ୍ଷ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍‌ର ବାଦ୍ ପଡ଼ିଛନ୍ତି। ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ମଙ୍ଗଳବାର ଫିଟ୍‌ନେସ୍ ଟେଷ୍ଟ୍ ପାସ୍ କରିବାର କିଛି ଘଣ୍ଟା ପରେ ହାର୍ଦ୍ଦିକଙ୍କ ଜଙ୍ଘ ମାଂସପେଶୀରେ ଟାଣି (ହାମ୍‌ଷ୍ଟ୍ରିଙ୍ଗ୍) ହୋଇଛି। ସିରିଜ୍ ଜୁନ୍ ୧୩ ତାରିଖରୁ ଆରମ୍ଭ ହେବ। ୩୨ ବର୍ଷୀୟ ହାର୍ଦ୍ଦିକ ଆଇପିଏଲ୍ ଅବସରରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବା ବେଳେ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହି ଆଘାତରୁ ସୁସ୍ଥ ହୋଇ ଫିଟ୍‌ନେସ୍ କ୍ଲିୟରାନ୍ସ ସାର୍ଟିଫିକେଟ୍ ନେବାକୁ ବେଙ୍ଗାଲୁରୁ ଯାଇଥିଲେ। ନ୍ୟୁଜ୍ ଏଜେନ୍ସି ପିଟିଆଇ ବିସିସିଆଇ ସୂତ୍ରରୁ ଖବର ଦେଇଛି ଯେ ଏବେ ନୂଆ ଆଘାତ କାରଣରୁ ତାଙ୍କୁ ରିକଭରୀ ଏବଂ ରିହାବିଲିଟେସନ୍ ପାଇଁ ଅତିକମ୍‌ରେ ତିନି ସପ୍ତାହ ସମୟ ଲାଗିବ। ଫଳରେ ସେ ଆଗାମୀ ସିରିଜ୍‌ରେ ଖେଳିପାରିବେ ନାହିଁ।

ସୂଚନା ଅନୁସାରେ ହାର୍ଦ୍ଦିକ ବେଙ୍ଗାଲୁରୁରେ ଫିଟ୍‌ନେସ୍ ଟେଷ୍ଟ୍‌ର ଅନ୍ତିମ ପର୍ଯ୍ୟାୟରେ ଥିଲେ। ମୂଲ୍ୟାଙ୍କନ୍ (ଆସେସ୍‌ମେଣ୍ଟ୍) ଅବସରରେ ସେ ନିଜ ପୂର୍ଣ୍ଣ କ୍ଷମତାର ପରିଚୟ ଦେବା ପାଇଁ ପୂରା ୧୦ ସଭର୍ ବୋଲିଂ କରିଥିଲେ। କୁହାଯାଉଛି ଲମ୍ବା ବ୍ରେକ୍ ପରେ ଅଚାନକ ବୋଲିଂର ପୂରା କୋଟା ପକାଇବା କାରଣରୁ ହିଁ ତାଙ୍କ ଜଙ୍ଘ ମାଂସପେଶୀରେ ଅତିରିକ୍ତ ଚାପ ପଡ଼ିଛି ଏବଂ ସେ ନୂଆ ଆଘାତର ଶିକାର ହୋଇଛନ୍ତି।

ଅଷ୍ଟ୍ରେଲିଆକୁ ୨୧ ବର୍ଷ ପରେ ହରାଇଲା ବାଂଲାଦେଶ

ମୀରପୁର ଦିନିକିଆରେ ୮୬ ରନ୍‌ରେ ମାତ୍ ଦେଲା

ମୀରପୁର,୧୦।୬/ଏଜେନ୍ସି: ବାଂଲାଦେଶ ମୀରପୁରରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଡକ୍‌ୱର୍ଥ-ଲୁଇସ୍ (ଡିଏଲ୍‌ଏସ୍) ନିୟମରେ ୮୬ ରନ୍‌ରେ ହରାଇ ଦେଇଛି। ଏହା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଇତିହାସରେ ବାଂଲାଦେଶର କେବଳ ଦ୍ୱିତୀୟ ବିଜୟ। ଏହା ପୂର୍ବରୁ ଟିମ୍ ୨୦୦୫ରେ ପ୍ରଥମ ଥର ଅଷ୍ଟ୍ରେଲିଆକୁ ହରାଇଥିଲା। ଚାରିବର୍ଷ ପରେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ମୋସାଦ୍ଦେକ ହୁସେନ୍ ଅପରାଜିତ ୮୬ ରନ୍ କରିବା ସହିତ ୨ଟି ୱିକେଟ୍ ମଧ୍ୟ ନେଇଥିଲେ। ନାହିଦ୍ ରାଣାଙ୍କୁ ୪ଟି ୱିକେଟ୍ ମିଳିଥିଲା। ଅଷ୍ଟ୍ରେଲିଆ ଟିମ୍ ଗତ ସପ୍ତାହରେ ପାକିସ୍ତାନ ଠାରୁ ୧-୨ରେ ଦିନିକିଆ ସିରିଜ୍ ହାରିବା ପରେ ବାଂଲାଦେଶରେ ପହଞ୍ଚିଛି। ଏଠାରେ ମଧ୍ୟ ଟିମ୍‌କୁ ପ୍ରଥମ ମ୍ୟାଚ୍‌ରେ ହିଁ ଶୋଚନୀୟ ପରାଜୟ ମିଳିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ହରାଇ ୨୮୪ ରନ୍ କରିଥିଲା। ୨୮୪ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ୪୨.୨ ଓଭର୍‌ରେ ୯ ୱିକେଟ୍ ହରାଇ ୧୯୧ ରନ୍ କରିଥିବା ବେଳେ ଘଡ଼ଘଡ଼ି ସହ ବର୍ଷା ହେବାରୁ ମ୍ୟାଚ୍ ରୋକିବାକୁ ପଡ଼ିଥିଲା। ମ୍ୟାଚ୍ ପୁଣିଥରେ ଆରମ୍ଭ ହୋଇନପାରିବାରୁ ଡକ୍‌ୱର୍ଥ-ଲୁଇସ୍ ନିୟମ ଅନୁସାରେ ବାଂଲାଦେଶକୁ ୮୬ ରନ୍‌ରେ ବିଜେତା ଘୋଷିତ କରାଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ କାମେରନ୍ ଗ୍ରୀନ୍ ୫୨ ରନ୍‌ରେ ଅପରାଜିତ ଫେରିଥିଲେ।

ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍

ଦ୍ୱିତୀୟ ରାଉଣ୍ଡ୍‌ରେ ସିନ୍ଧୁ, ତନ୍‌ଭୀ ଓ ବନ୍‌ସୋଡ଼

ସିଡ୍‌ନୀ,୧୦।୬/ଏଜେନ୍ସି: ଦୁଇ ଥରର ଅଲିମ୍ପିକ୍ ପଦ ବିଜେତା ପିଭି ସିନ୍ଧୁ ଏବଂ ଯୁବ ସେନ୍‌ସେସନ୍ ତନ୍‌ଭୀ ଶର୍ମା ବୁଧବାର ଅଷ୍ଟ୍ରେଲିଆନ୍ ଓପନ୍ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ର ଦ୍ୱିତୀୟ ରାଉଣ୍ଡ୍‌ରେ ସ୍ଥାନ ପକ୍କା କରିଛନ୍ତି। ପୂର୍ବତନ ଚାମ୍ପିଅନ୍ ସିନ୍ଧୁ ଅଲିମ୍ପିକ୍ ବୁଲେଭାର୍ଡ ଭେନ୍ୟୁରେ ପେରୁର ଇନେସ୍ କାଷ୍ଟିଲୋଙ୍କୁ ଅଧଘଣ୍ଟାରୁ କିଛି ଅଧିକ ସମୟ ମ୍ୟାଚ୍‌ରେ ୨୧-୧୩,

ନିରାଶ କଲେ ପୁରୁଷ ଖେଳାଳି

୨୧-୧୧ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ସିନ୍ଧୁ ନିଜର ଦେଶର ଇଶାରାଣୀ ବରୁଆଙ୍କୁ ଭେଟିବେ। ବିଶ୍ୱ ନଂ-୩୯ ଇଶାରାଣୀ ଚୀନ୍‌ର ହାନ୍ କିୟାନ୍‌ୱିଙ୍କୁ ବିପକ୍ଷରେ ୨୨-୨୦, ୧୦-୨୧, ୨୧-୧୪ରେ ବିଜୟ ହାସଲ କରି ପରବର୍ତ୍ତୀ ରାଉଣ୍ଡ୍‌ରେ ପହଞ୍ଚିଛନ୍ତି। ୧୭ ବର୍ଷୀୟା ତନ୍‌ଭୀ ଶର୍ମା ପଞ୍ଚମ ସିଡ୍ ତଥା ବିଶ୍ୱ ନମ୍ବର-୧୧ ଚୀନା ତାଇପେଇର ଚିଓ ପିନ୍-ଚିୟନ୍‌ଙ୍କୁ ୨୧-୧୨, ୨୨-୨୦ରେ ମାତ୍ ଦେଇ ପରବର୍ତ୍ତୀ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ତାଙ୍କ ସାମ୍ନା ସ୍ୱଦେଶର ମାଳବିକା ବନ୍‌ସୋଡ଼ଙ୍କ ସହ ହେବ। ବନ୍‌ସୋଡ଼ ଥାଇଲାଣ୍ଡର ଟୋନ୍‌ରୁଗ୍ ସାଏହେଙ୍କୁ ୧୫-୨୧, ୨୧-୭, ୨୧-୧୩ରେ ମାତ୍ ଦେଇଛନ୍ତି। ସେହିପରି ଭାରତର ତାନ୍ୟା ହେମନ୍ତ ମଧ୍ୟ ପ୍ରଥମ ରାଉଣ୍ଡ୍ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ସେ ଆମେରିକାର ଇଶିକା ଜୟସ୍ୱାଲ୍‌ଙ୍କୁ ୩୯ ମିନିଟ୍‌ର ମ୍ୟାଚ୍‌ରେ ୨୧-୧୭, ୨୧-୧୮ରେ ହରାଇଛନ୍ତି। ପରବର୍ତ୍ତୀ ରାଉଣ୍ଡ୍‌ରେ ସେ ବିଶ୍ୱ ନମ୍ବର-୮ ଏବଂ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ପୋର୍ନପାୱି ଚୋଚୁୱଙ୍ଗଙ୍କୁ ଭେଟିବେ। ତେବେ ମାଲେସିଆର ୱୁଙ୍ଗ୍ ଲିଙ୍ଗ୍ ଚିଙ୍ଗ୍‌ଙ୍କ ଠାରୁ ୧୯-୨୧, ୨୧-୧୯, ୨୦-୨୨ରେ ହାରିବା ପରେ ଆକର୍ଷୀ କଶ୍ୟପଙ୍କ ଅଭିଯାନ ଶେଷ ହୋଇଛି।

ଗୋଟିଏ ପଟେ ଭାରତୀୟ ମହିଳା ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ପୁରୁଷ ଖେଳାଳିଙ୍କ ଅଭିଯାନ ଶୀଘ୍ର ଶେଷ ହୋଇଛି। କିରଣ ଜର୍ଜଙ୍କୁ ମାଲେସିଆର ଜଷ୍ଟିନ୍ ହୋହ ଙ୍ଗଘର୍ଷପୂର୍ଣ୍ଣ ତିନି ଗେମ୍‌ରେ ମ୍ୟାଚ୍‌ରେ ୧୯-୨୧, ୨୧-୧୪, ୧୫-୨୧ରେ ମାତ୍ ଦେଇଛନ୍ତି। ସେହିପରି କ୍ୱାଲିଫାୟର୍ ସନୀଥ୍ ଦୟାନନ୍ଦ ଚୀନ୍‌ର ହୁ ଝେ-ଆନ୍‌ଙ୍କ ଠାରୁ ୮-୨୧, ୧୦-୨୧ରେ ପରାଜିତ ହୋଇଛନ୍ତି। ତରୁନ ମାନେପାଲ୍ଲୀ ଏକ ଘଣ୍ଟା ୨୦ ମିନିଟ୍‌ର ପ୍ରଥମ ରାଉଣ୍ଡ୍ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ତଥା ବିଶ୍ୱ ନମ୍ବର-୧୦ ଚୀନା ତାଇପେଇର ଲିନ୍ ଚୁନ୍-ୟିଙ୍କଠାରୁ ୨୧-୧୮, ୧୩-୨୧, ୨୩-୨୫ରେ ହାରିଯାଇଛନ୍ତି। ମିକ୍ସଡ୍ ଡବଲ୍ସରେ ଧ୍ରୁବ କପିଲା ଏବଂ ମନୀଷା କେ ଅଷ୍ଟ୍ରେଲିଆର ଲିମ୍ ଜାୟଡେନ୍ ଏବଂ ଭିକ୍ଟୋରିଆ ଜୋନାଡିଙ୍କ ବିପକ୍ଷରେ ୨୧-୧୩, ୨୧-୧୪ର ସହଜ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ତେବେ ମୋହିତ ଜଗଲାନ୍ ଓ ଲକ୍ଷିତା ଜଗଲାନ୍‌ଙ୍କ ଯୋଡ଼ି ଦ୍ୱିତୀୟ ସିଡ୍ ଚୀନ୍ ଯୋଡ଼ି ଗୁଓ ସିନ୍ ୱା ଏବଂ ଚେନ୍ ଫାଙ୍ଗ୍ ହୁଇଙ୍କଠାରୁ ୬-୨୧, ୫-୨୧ ସିଧା ଗେମ୍‌ରେ ହାରି ବିଦାୟ ନେଇଛନ୍ତି।

ଆଫଗାନିସ୍ତାନ ଦିନିକିଆ ଟିମ୍‌ରେ ମହମ୍ମଦ ସଲୀମ୍‌ଙ୍କ ଏଣ୍ଟ୍ରି

ଧର୍ମଶାଳା,୧୦।୬/ଏଜେନ୍ସି: ଭାରତ ବିପକ୍ଷରେ ଜୁନ୍ ୧୩ରୁ ଆରମ୍ଭ ହେବାକୁ ଥିବା ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ପୂର୍ବରୁ ଆଫଗାନିସ୍ତାନ ନିଜ ସ୍କ୍ୱାଡ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ଫାଷ୍ଟ୍ ବୋଲର୍ ମହମ୍ମଦ ସଲୀମ୍‌ଙ୍କୁ ଦିନିକିଆ ଟିମ୍‌ରେ ସାମିଲ କରାଯାଇଛି। ସଲୀମ୍ ପ୍ରଥମେ କେବଳ ଟେଷ୍ଟ୍ ଟିମ୍‌ର ସଦସ୍ୟ ଥିଲେ। କିନ୍ତୁ ଭାରତ ବିପକ୍ଷ ଏକମାତ୍ର ଟେଷ୍ଟ୍ ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ୍‌କୁ ପ୍ରଭାବିତ କରିଛି। ନ୍ୟୁ ଚଣ୍ଡିଗଡ଼ରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ୍ ମ୍ୟାଚ୍‌ରେ ପରାଜୟ ସତ୍ତ୍ୱେ ସଲୀମ୍ ନିଜ ଛାପ ଛାଡ଼ିଛନ୍ତି। ସେ ମ୍ୟାଚ୍‌ରେ ୧୪୦ ରନ୍ ଦେଇ ମୋଟ ୬ ୱିକେଟ୍ ଅକ୍ତିଆର କରିଥିଲେ ଏବଂ ଭୀଷଣ ଗରମ ସତ୍ତ୍ୱେ ଲଗାତାର ଲମ୍ବା ସ୍ପେଲ୍ ପକାଇଥିଲେ। ବିଶେଷକରି ଫାଷ୍ଟ୍ ବୋଲର୍‌ଙ୍କୁ ସହାୟତା ମିଳୁନଥିବା ପିଚ୍‌ରେ ସେ ପ୍ରାୟ ୧୪୦ କିମି ଗତିରେ ବୋଲିଂ କରିଥିଲେ।

ମୋହାଲୀରେ ଟିମ୍‌ର ଅଭ୍ୟାସ ସେସନ୍‌ରେ ମଧ୍ୟ ୨୩ ବର୍ଷୀୟ ସଲୀମ୍ ନିଜ ଗତିର ପ୍ରଦର୍ଶନ କରିଛନ୍ତି। ସେ ୱିକେଟ୍‌କିପର୍-ବ୍ୟାଟର୍ ରହମାନୁଲ୍ଲାହ ଗୁରବାଜଙ୍କୁ ଶର୍ଟ ଅଫ୍ ଲେଚ୍ଥ ବଲ୍‌ରେ ବହୁ ହଇରାଣ କରିଛନ୍ତି।

ମୁଖ୍ୟ କୋର୍ ରିଚାର୍ଡ ପାଇବସ୍ କହିଛନ୍ତି, ଭାରତ ପରି ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ବିପକ୍ଷରେ କଠିନ ପରିସ୍ଥିତିରେ ୬ ୱିକେଟ୍ ନେବା କୌଣସି ବି ବୋଲର୍‌ଙ୍କ ପାଇଁ ବଡ଼ ଉପଲବ୍ଧି। ପାଇବସ୍ ଏହା ମଧ୍ୟ କହିଛନ୍ତି, ସଲୀମ୍‌ଙ୍କୁ ପ୍ରଥମେ କେତେକ ଫିଟ୍‌ନେସ୍ ସମ୍ବନ୍ଧୀୟ ଅସୁବିଧା ରହିଛି। ତେଣୁ ଟିମ୍ ମ୍ୟାନେଜମେଣ୍ଟ୍ ତାଙ୍କୁ ଲଗାତାର ମ୍ୟାଚ୍ ଖେଳିବା ସହିତ ଏପରି ପ୍ରଦର୍ଶନ ଦୋହରାଇବାର ଅବସର ଦେବାକୁ ଚାହୁଁଛି।

ଅନ୍ୟପକ୍ଷରେ ଆଫଗାନିସ୍ତାନର ଦୁଇ ଅନୁଭବୀ ଖେଳାଳିଙ୍କୁ ଅଭ୍ୟାସ ସେସନ୍‌ରେ ଦେଖିବାକୁ ମିଳିନଥିଲା। ଷ୍ଟାର୍ ସ୍ପିନର୍ ରଶିଦ୍ ଖାନ୍ ଏ ପର୍ଯ୍ୟନ୍ତ ଟିମ୍‌ରେ ଯୋଗଦେଇ ନଥିବା ବେଳେ ସିଧା ଧର୍ମଶାଳାରେ ଟିମ୍ ସହ ସାମିଲ ହେବେ ବୋଲି ଜଣାପଡ଼ିଛି। ସେହିପରି ଅନୁଭବୀ ଅଲ୍‌ରାଉଣ୍ଡର୍ ମହମ୍ମଦ ନବୀ ଟିମ୍ ସହିତ ଉପସ୍ଥିତ ଥିଲେ ମଧ୍ୟ ଅସୁସ୍ଥତା କାରଣରୁ ଅଭ୍ୟାସରେ ଭାଗ ନେଇପାରି ନାହାନ୍ତି।

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ଜୁନ୍ ୧୩ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ଧର୍ମଶାଳା, ଦ୍ୱିତୀୟ ମ୍ୟାଚ୍ (ଜୁନ୍ ୧୭) ଲକ୍ଷ୍ନୌ ଏବଂ ତୃତୀୟ ମ୍ୟାଚ୍ (ଜୁନ୍ ୨୦) ଚେନ୍ନାଇରେ ଖେଳାଯିବ। ସମସ୍ତ ତିନିଟି ମ୍ୟାଚ୍ ଭାରତୀୟ ସମୟାନୁସାରେ ଅପରାହ୍ଣ ସାଢ଼େ ଗୋଟାଏରୁ ଆରମ୍ଭ ହେବ।

କାଉଣ୍ଟି ମ୍ୟାଚ୍ ଖେଳିବେ ମାନବ ସୁଥାର

ନୂଆଦିଲ୍ଲୀ,୧୦।୬/ଏଜେନ୍ସି: ଭାରତୀୟ ସ୍ପିନର୍ ମାନବ ସୁଥାର ଇଂଲଣ୍ଡର କାଉଣ୍ଟି ଚାମ୍ପିଅନ୍‌ଶିପ୍ ଖେଳିବେ। ଦୁଇଟି ମ୍ୟାଚ୍ ପାଇଁ ୱାର୍‌ୱିକ୍‌ଶାୟର୍ ତାଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ କରିଛି। ସୁଥାର ଜୁନ୍ ୧୨ରୁ ୟର୍କଶାୟର୍ ବିପକ୍ଷରେ ଏବଂ ଆଗାମୀ ସପ୍ତାହରେ ସମରସେଟ୍ ବିପକ୍ଷରେ ଖେଳିବେ। ସୁଥାର ନିକଟରେ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ୍ ମ୍ୟାଚ୍‌ରେ ପଦାର୍ପଣରେ ୭ ୱିକେଟ୍ ନେଇଥିଲେ। ତାଙ୍କ ପ୍ରଦର୍ଶନ ଦମ୍‌ରେ ଭାରତ ଆଫଗାନିସ୍ତାନକୁ ଇନିଂସ୍ ଏବଂ ୩୦୦ ରନ୍‌ରେ ହରାଇଥିଲା। ସୁଥାରଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ମନୋନୀତ କରାଯାଇଥିଲା। ଘରୋଇ କ୍ରିକେଟ୍‌ରେ ରାଜସ୍ଥାନ ପକ୍ଷରୁ ଖେଳି ସେ ୨୯ ମ୍ୟାଚ୍‌ରେ ୧୨୯ ୱିକେଟ୍ ଅକ୍ତିଆର କରିଛନ୍ତି।

ବିଜୟ ସହ ସେରେନା ୱିଲିୟମ୍ସଙ୍କ ପ୍ରତ୍ୟାବର୍ତ୍ତନ

ଲଣ୍ଡନ,୧୦।୬/ଏଜେନ୍ସି: ବିଶ୍ୱର ମହାନତମ ଟେନିସ୍ ଖେଳାଳିଙ୍କ ମଧ୍ୟରେ ସାମିଲ ସେରେନା ୱିଲିୟମ୍ସ ପ୍ରାୟ ୪ ବର୍ଷର ଲମ୍ବା ବ୍ରେକ୍ ପରେ ପେସାଦାର ଟେନିସ୍ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୪୪ ବର୍ଷୀୟା ଆମେରିକୀୟ ଷ୍ଟାର୍ ଲଣ୍ଡନରେ ଖେଳାଯାଉଥିବା କ୍ୱିନ୍ସ କ୍ଲବ୍ ଗ୍ରାସ୍‌କୋର୍ଟ ଡବ୍ଲ୍ୟୁଟିଏ ଟୁର୍ଣ୍ଣାମେଣ୍ଟ୍‌ର ମହିଳା ଡବଲ୍ସ ମ୍ୟାଚ୍‌ରେ ବିଜୟ ସହିତ ନିଜ ଯାତ୍ରାର ଆରମ୍ଭ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ୍ ପାଇଁ ସେରେନାଙ୍କ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଛି। ସେ କାନାଡାର ୧୮ ବର୍ଷୀୟ ଉଦୀୟମାନ ଖେଳାଳି ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ପାର୍ଟନର କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଏହି ଯୋଡ଼ି ଟୁର୍ଣ୍ଣାମେଣ୍ଟ୍‌ର ୩ୟ ସିଡ୍ ଯୋଡ଼ିକୁ ସିଧା ସେଟ୍‌ରେ ହରାଇ ପରବର୍ତ୍ତୀ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି।



ଏସିଆନ୍ ଗେମ୍ସ ପାଇଁ ପାକିସ୍ତାନ ଟିମ୍ ଘୋଷିତ

ଲାହୋର,୧୦।୬/ଏଜେନ୍ସି: ଆଗାମୀ ଏସିଆନ୍ ଗେମ୍ସ ୨୦୨୬ ପାଇଁ ପାକିସ୍ତାନ ନିଜର ୧୫ ଜଣିଆ ପୁରୁଷ କ୍ରିକେଟ୍ ଟିମ୍ ଘୋଷଣା କରିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଅନୁସାରେ ଚଳିତ ଥର ପାକିସ୍ତାନୀ ଟିମ୍‌ରେ କେତେକ ନୂଆ ମୁହଁଙ୍କୁ ସୁଯୋଗ ଦିଆଯାଇଛି। ଅନୁଭବୀ ବ୍ୟାଟର୍ ସାହିବଜାଦା ଫରହାନ୍‌ଙ୍କୁ ଟିମ୍‌ର ନେତୃତ୍ୱ ପ୍ରଦାନ କରାଯାଇଥିବା ବେଳେ ତାହାଣହାତୀ ବ୍ୟାଟ୍ସମ୍ୟାନ୍ ଅବ୍‌ଦୁଲ୍ ସମଦ ତାଙ୍କ ଡେପୁଟୀ ହେବେ। ସ୍କ୍ୱାଡ୍‌ରେ ଚାରିଜଣ ଏପରି ଖେଳାଳି ସାହିଲ୍ ହୋଇଛନ୍ତି ଯେଉଁମାନେ ଏ ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ସେମାନେ ହେଲେ ଆକିଫ୍ ଜାଭେଦ୍, ଅଲୀ ରଜା, ମାଜ ସଦାକତ ଏବଂ ସାଦ୍ ମସୁଦ।

ପାକିସ୍ତାନ ସ୍କ୍ୱାଡ୍: ସାହିବଜାଦା ଫରହାନ୍ (କ୍ୟାପ୍‌ଟେନ୍), ଅବ୍‌ଦୁଲ ସମଦ (ଭାଇସ୍ କ୍ୟାପ୍‌ଟେନ୍), ଅବରାର୍ ଅହମଦ, ଅହମଦ ଦାନିୟଲ୍, ଆକିଫ୍ ଜାଭେଦ, ଅଲୀ ରଜା, ଅରାଫାତ୍ ମିନ୍‌ହାସ. ହାଇଦର ଅଲୀ, ହସନ ନୱାଜ୍, ମାଜ୍ ସଦାକତ, ମହମ୍ମଦ ସଲମାନ୍ ମିର୍ଜା, ସାଦ୍ ମସୁଦ୍, ସଇମ୍ ଅୟୁବ୍, ସୁଫିୟାନ୍ ମୁକୀମ୍ ଏବଂ ଉସ୍ମାନ୍ ଖାନ୍।

ଷ୍ଟୋକ୍ସ-ଆଟ୍‌କିନ୍‌ସନ୍ ଦ୍ୱିତୀୟ ଟେଷ୍ଟ୍‌ରୁ ବାଦ୍

ଲଣ୍ଡନ,୧୦।୬/ଏଜେନ୍ସି: ନାଇଟ୍‌କ୍ଲବ୍ ବିବାଦ ପରେ ଇଂଲଣ୍ଡ ଟିମ୍‌ର ନିୟମିତ କ୍ୟାପ୍‌ଟେନ୍ ବେନ୍ ଷ